# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୪/୨୦୨୦ (୧୩ ପୃଷ୍ଠା) | Bhubaneswar, Friday, July 24/2020 | ★★★★★★

୪୭ଶ ଭାଗ ୨୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ସରାରା ଡ୍ୟାନ୍ସ ଷ୍ଟେପ୍‌ରେ ପରିଣୀତି

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରି ସରାରା-ସରାରା ସଙ୍ଗରେ ଡ୍ୟାନ୍ସ କରୁଥିବାର ନଜର୍ ଆସିଛନ୍ତି।

୧୦

୧୩

## ମନଙ୍ଗୋଇ ସସ୍‌ପେଣ୍ଡ

ଡୋପ୍ ଟେଷ୍ଟ ପାଇଁ ଉପସ୍ଥିତ ହୋଇ ନ ଥିବାରୁ ପୂର୍ବତନ ୧,୫୦୦ ମିଟର ବିଶ୍ୱ ଚାମ୍ପିୟନ ଇଲିଜା ମନଙ୍ଗୋଇ ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି।






# ସ୍ଥାୟୀ କମିଶନ ହେବେ ମହିଳା

## ସେନାରେ ମହିଳା ସଶକ୍ତୀକରଣକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୩।୭(ପି.ଟି.)**

ସୈନ୍ୟବାହିନୀରେ ମହିଳା ଅଫିସରମାନଙ୍କୁ ସ୍ଥାୟୀ କମିଶନ ପ୍ରଦାନ ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଛି। ସଂକ୍ଷିପ୍ତ ସେବା କମିଶନ (ଏସ୍ଏସ୍‌ସି) ଯୋଜନାରେ ନିଯୁକ୍ତ ସମସ୍ତ ମହିଳା ଅଫିସରଙ୍କୁ ସ୍ଥାୟୀ କମିଶନ ନିମନ୍ତେ ବିଚାର କରିବା ପାଇଁ ଗତ ଫେବୃୟାରୀରେ ସୁପ୍ରିମକୋର୍ଟ ଐତିହାସିକ ରାୟ ପ୍ରଦାନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶନାମା ଫଳରେ ସୈନ୍ୟବାହିନୀରେ ମହିଳା ଅଧିକାରୀମାନଙ୍କୁ ବଡ଼ ଭୂମିକା ମିଳିବ ଓ ଅବସର ନେବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟ କରିପାରିବେ ବୋଲି ସେନା ମୁଖପାତ୍ର କଲୋନେଲ ଅମନ ଆନନ୍ଦ କହିଛନ୍ତି।

ନିର୍ଦ୍ଦେଶନାମା ଅନୁଯାୟୀ ଭାରତୀୟ ସେନାର ସମସ୍ତ ୧୦ଟି ବିଭାଗରେ ଏସ୍ଏସ୍‌ସିରେ ଥିବା ମହିଳା ଅଧିକାରୀମାନଙ୍କୁ ସ୍ଥାୟୀ କମିଶନ ମିଳିବ। ସେହି ବିଭାଗଗୁଡ଼ିକ ହେଲା ଆର୍ମି ଏୟାର ଡିଫେନ୍ସ, ସିଗ୍ନାଲ୍ସ, ଇଞ୍ଜିନିୟର୍ସ, ଆର୍ମି ଆଭିଏଶନ, ଇଲେକ୍ଟ୍ରୋନିକ୍ସ ଓ ମେକାନିକାଲ ଇଞ୍ଜିନିୟର୍ସ, ଆର୍ମି ସର୍ଭିସ କର୍ପସ ଏବଂ ଇଣ୍ଟେଲିଜେନ୍ସ କର୍ପସ। ସମ୍ପ୍ରତି ମହିଳା ଅଫିସରଙ୍କୁ କେବଳ ଦୁଇଟି ବିଭାଗ ଜଜ୍ ଆଡଭୋକେଟ ଜେନେରାଲ (ଜେଏଜି) ଏବଂ ଶିକ୍ଷାରେ ସ୍ଥାୟୀ କମିଶନ ମିଳିଛି। ଏସ୍ଏସ୍‌ସି ମହିଳା ଅଫିସରମାନେ ସେମାନଙ୍କର ଆବଶ୍ୟକ ଦସ୍ତାବିଜ୍ କାମ ଶେଷ କରିବା ପରେ ଚୟନ ବୋର୍ଡ ବସି ସେମାନଙ୍କୁ ସ୍ଥାୟୀ କମିଶନ ପ୍ରଦାନ କରିବେ ବୋଲି ସେନା ମୁଖପାତ୍ର କହିଛନ୍ତି।



ଏସ୍ଏସ୍‌ସିରେ ମହିଳା ଅଫିସରମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୫ ବର୍ଷ ପାଇଁ ନିଆଯାଉଥିବାବେଳେ ଏହାକୁ ୧୪ ବର୍ଷ ପର୍ଯ୍ୟନ୍ତ ବଢ଼ାଯିବାର ବ୍ୟବସ୍ଥା ରହିଥିଲା। ତେବେ ସ୍ଥାୟୀ କମିଶନରେ ସେମାନେ ଅବସର ନେବା ପର୍ଯ୍ୟନ୍ତ ସେନାରେ କାର୍ଯ୍ୟ କରିବା ପାଇଁ ଅନୁମତି ପାଇବେ। ସିଗ୍ନାଲ୍ସ, ଇଞ୍ଜିନିୟରିଂ, ଆର୍ମି ଆଭିଏଶନ, ଆର୍ମି ଏୟାର ଡିଫେନ୍ସ ଏବଂ ଇଲେକ୍ଟ୍ରୋନିକ୍ସ ଓ ମେକାନିକାଲରେ ମହିଳାମାନଙ୍କୁ ସ୍ଥାୟୀ କମିଶନ କରାଇବା ପାଇଁ ଗତବର୍ଷ ପ୍ରତିରକ୍ଷା ମନ୍ତ୍ରଣାଳୟ ନୀତିଗତ ନିଷ୍ପତ୍ତି ନେଇଥିଲା। ଖାଲି ସ୍ଥାନ ଏବଂ ମହିଳା ଅଫିସରମାନଙ୍କ ଆଗ୍ରହ, ଉପଯୁକ୍ତତା, ପ୍ରଦର୍ଶନ, ମେଡିକାଲ୍ ଫିଟ୍‌ନେସ୍ ଏବଂ ପ୍ରତିଯୋଗିତାମୂଳକ ମେଧା ଆଧାରରେ ସ୍ଥାୟୀ କମିଶନ ଦେବା ପାଇଁ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିଲା। ସେହି ଅନୁଯାୟୀ ତିନି ବାହିନୀ ମହିଳାମାନଙ୍କୁ ମେଡିକାଲ, ଶିକ୍ଷା, ଆଇନ, ସିଗ୍ନାଲ୍ସ, ଲଜିଷ୍ଟିକ୍ ଏବଂ ଇଞ୍ଜିନିୟରିଂରେ ସ୍ଥାୟୀ ନିଯୁକ୍ତିକୁ ଅନୁମତି ଦେଇଥିଲା। ବାୟୁସେନାରେ ଉଡ଼ାଣ ବିଭାଗକୁ ବାଦ୍ ଦେଇ ଅନ୍ୟ ସବୁ ବିଭାଗରେ ମହିଳା ଅଫିସର ସ୍ଥାୟୀ କମିଶନ ପାଇଁ ଆବେଦନ କରିପାରିବାର ବ୍ୟବସ୍ଥା ଥିଲା। ସେହିପରି ନୌସେନା ଲଜିଷ୍ଟିକ୍ସ, ନାଭାଲ ଡିଜାଇନିଂ, ଏୟାର ଟ୍ରାଫିକ୍ କଣ୍ଟ୍ରୋଲ, ଇଞ୍ଜିନିୟରିଂ ଓ ଆଇନ ବିଭାଗରେ ମହିଳାଙ୍କ ସ୍ଥାୟୀ କମିଶନକୁ ଅନୁମତି ଦେଇଥିଲା।

# ସାତକୋଶିଆରୁ ୩ ଗାଁ ବିସ୍ଥାପନ ଯୋଜନା

**ଅନୁଗୋଳ ଅଫିସ୍, ୨୩।୭**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ଯୋଜନା ପରେ ଯୋଜନା କରୁଛି। ମହାବଳ ବାଘ 'ମହାବୀର'ର ମୃତ୍ୟୁ ପରେ ବ୍ୟାଘ୍ର ପ୍ରକଳ୍ପ ସ୍ଥଗିତ ରହିଥିଲେ ମଧ୍ୟ

- ପଦକ୍ଷେପ ନେଉଛି ବନ ବିଭାଗ
- ଗ୍ରାମବାସୀଙ୍କ ସହ ଚାଲିଛି ଆଲୋଚନା
- ଅଧିକ ସୁରକ୍ଷିତ ହେବେ ବନ୍ୟପ୍ରାଣୀ




ଭବିଷ୍ୟତକୁ ଦୃଷ୍ଟିରେ ରଖି ଅଭୟାରଣ୍ୟ ମଧ୍ୟରେ ଥିବା କେତେକ ଗାଁକୁ ବିସ୍ଥାପନ କରିବାକୁ ବିଭାଗ ଉଦ୍ୟମ ଜାରି ରଖିଛି। ମଧ୍ୟପ୍ରଦେଶରୁ ବାଘ ଆଣିବା ପୂର୍ବରୁ ଅର୍ଥାତ୍ ଡିସେମ୍ବର ୨୦୧୭ରେ ରାଇଗୁଡ଼ା ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଇସାରିଛି। ଆଗାମୀ ଦିନରେ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡର ଆଉ ୩ଟି ଗାଁକୁ ହଟାଯିବା ଯୋଜନା ରହିଛି। ଏହା ସଫଳ ହେଲେ ଉକ୍ତ ୩ ଗ୍ରାମବାସୀ ରହୁଥିବା ୫୦ ଏକର ଜାଗା ଖାଲି ହୋଇଯିବ। ଫଳରେ ଜୀବଜନ୍ତୁଙ୍କ ଅବାଧ ବିଚରଣରେ ଏହା ସହାୟକ ହେବ ବୋଲି ବନଖଣ୍ଡ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ସାତକୋଶିଆ ବନଖଣ୍ଡରେ ପୁରୁଣାକୋଟ, ପମ୍ପାସର, ଟିକରପଡ଼ା, ରାଇଗୁଡ଼ା ଓ ଜିଲିଣ୍ଡା ରେଞ୍ଜ ରହିଛି। ତେବେ ପୁରୁଣାକୋଟ, ଜିଲିଣ୍ଡା ଓ ପମ୍ପାସର ରେଞ୍ଜ ଅଧୀନରେ ଥିବା ୩ଟି ଗ୍ରାମକୁ ହଟାଇ ଅନ୍ୟତ୍ର ଥଇଥାନ କରାଯିବାର ଯୋଜନା କରାଯାଇଛି। ଏ ନେଇ ୨୦୧୯ରେ ଉକ୍ତ ୩ ଗ୍ରାମବାସୀଙ୍କ ସହ ବନଖଣ୍ଡର ଅଧିକାରୀମାନେ ଆଲୋଚନା କରିଥିଲେ। ଚଳିତବର୍ଷ ମଧ୍ୟ ଦୁଇ ଥର କଥାବାର୍ତ୍ତା କରିସାରିଛନ୍ତି। କିନ୍ତୁ ଗ୍ରାମବାସୀ ରାଜି ହେଉ ନ ଥିବାରୁ ସମସ୍ୟା ଉପୁଜୁଛି। ଯଦି ଗ୍ରାମବାସୀ ବିସ୍ଥାପିତ ହେବାକୁ ସମ୍ମତି ପ୍ରଦାନ କରିବେ ତା'ହେଲେ ସେମାନଙ୍କୁ ଭଲ ପ୍ୟାକେଜ ପ୍ରଦାନ କରାଯିବ। ରାଇଗୁଡ଼ା ଗ୍ରାମବାସୀଙ୍କୁ ଯେପରି ନୂଆ ରାଇଗୁଡ଼ାରେ ଜମି, ଘର, ଲକ୍ଷ ଲକ୍ଷ ଟଙ୍କା ଦିଆଯାଇ ଥଇଥାନ କରାଯାଇଛି ଠିକ୍ ସେହିପରି ☞ପୃଷ୍ଠା-୪

# ଅଟାକଲର ୬୨ କର୍ମଚାରୀଙ୍କୁ କରୋନା

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

- ଦିନକରେ ରାଜ୍ୟରେ ସର୍ବାଧିକ ୧୨୬୪ ପଜିଟିଭ୍
- ୭ ଦିନରେ ୧୯୦୭ ସ୍ଥାନୀୟ ସଂକ୍ରମିତ
- ଗଞ୍ଜାମରୁ ସର୍ବାଧିକ ୫୪୦ ଚିହ୍ନଟ
- ୬ ମୃତ, ୬୪୩ ସୁସ୍ଥ



କରୋନା ରାଜ୍ୟରେ ତା'ର କାୟା ବିସ୍ତାର କରିବାରେ ଲାଗିଛି। ଦିନକୁଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ରାଜ୍ୟରେ ଗତ ୨୪ଘଣ୍ଟାରେ ୨୭ ଜିଲାରୁ ସର୍ବାଧିକ ୧୨୬୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୦ ହଜାର ପାର ହୋଇ ୨୧,୦୯୯ରେ ପହଞ୍ଚିଛି। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୮୪୭ଜଣ ସଙ୍ଗରୋଧ କେନ୍ଦ୍ରର ହୋଇଥିବାବେଳେ ୪୧୭ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ବିଶେଷକରି ଏବେ ରାଜଧାନୀ ଭୁବନେଶ୍ୱରରେ କରୋନାସ୍ଥିତି ସଙ୍ଗିନ ହେବାରେ ଲାଗିଛି। ଗତ ୨୪ଘଣ୍ଟାରେ ଖୋର୍ଦ୍ଧା ଜିଲାରୁ ୧୩୭ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଭୁବନେଶ୍ୱରରୁ କେବଳ ୧୨୬ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସବୁଠୁ ବଡ଼ କଥା ହେଲା ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ଏକ ଅଟାକଲରୁ ଲଗାତର ଦ୍ୱିତୀୟ ଦିନରେ ପୁଣି ୩୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହୋଇଥିବା ସମସ୍ତ କର୍ମଚାରୀ ପୁରୁଷ। ସେମାନଙ୍କ ବୟସ ୧୮ରୁ ୬୫ ମଧ୍ୟରେ ବୋଲି ☞ପୃଷ୍ଠା-୪

# ହସ୍ପିଟାଲରେ ରାଜ୍ୟପାଳ



ପ୍ରଫେସର ଗଣେଶୀ ଲାଲ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା ଲାଗି ତାଙ୍କୁ ଗୋଟିଏ ରାତି ପାଇଁ ଆଡ୍‌ମିଟ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଜିଦ୍ ଛାଡ଼

**ଆଜିର ମନ୍ତବ୍ୟ**

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ହସ୍ପିଟାଲଗୁଡ଼ିକର ସ୍ଥିତି ସୁଧାରିବା ଅପେକ୍ଷା ନିଜ ବିଫଳତା ଲୁଚାଇବାରେ ଅଧିକ ତତ୍ପର।

– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ


କାଟ୍‌ଛାଣ୍ଟ ହେବ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ
୨


# ବିନିକାରେ ଟ୍ରିପଲ୍ ମର୍ଡର

## ମା'ସହ ବାପ ପୁଅଙ୍କୁ ହତ୍ୟା

**ସୋନପୁର/ବିନିକା, ୨୩।୭(ନି.ପ୍ର./ଡି.ଏନ୍.ଏ.)**

**ସାନ ଭାଇଙ୍କ ଉପରେ ସନ୍ଦେହ**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ସିଲାଟି ତଳିପଡାରେ ବୁଧବାର ବିଳମ୍ବିତ ରାତିରେ ଏକ ଟ୍ରିପଲ୍ ମର୍ଡର ଘଟଣା ଘଟିଛି। ଗାଁର ଶେଷମୁଣ୍ଡ ଏକ ଚାଷଜମି ନିକଟରେ ରହୁଥିବା ଗୋଟିଏ ପରିବାରର ମା, ବାପା ଓ ପୁଅଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଗୁଲୁ ଭୋଇ(୬୦), ତାଙ୍କ ସ୍ତ୍ରୀ ବୈଦେହୀ(୫୫) ଓ ସାନ ପୁଅ ଶିବ(୨୫)। ଗୁରୁବାର ସକାଳେ ହତ୍ୟାକାଣ୍ଡ ସମ୍ପର୍କରେ ପରିବାର ଓ ସମ୍ପର୍କୀୟମାନେ ଜାଣିବାକୁ ପାଇଥିଲେ। ଘର ଭିତରେ ବୈଦେହୀ ଓ ଗୁଲୁଙ୍କର ଏବଂ ବାହାରେ ଏକ ବୁଦାମୂଳେ ଶିବଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା। ☞ପୃଷ୍ଠା-୪

# କରୋନା ଯୁଦ୍ଧରେ ଦୁର୍ବଳ ରଣନୀତି

## ଟ୍ରମ୍ପଙ୍କଠୁ ବୋଲସୋନାରୋଙ୍କ ଯାଏ ଲୋକପ୍ରିୟ ନେତାଙ୍କ ବିଫଳତା



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍



ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍



ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରେସ ମାନୁଏଲ୍ ଲୋପେଜ୍ ଓବ୍ରାଡୋର



ବ୍ରାଜିଲ ରାଷ୍ଟ୍ରପତି ଜୈର ବୋଲସୋନାରୋ

**ୱାଶିଂଟନ, ୨୩।୭**

ଆମେରିକା, ବ୍ରାଜିଲ, ବ୍ରିଟେନ ଓ ମେକ୍ସିକୋ। ଏହି ଦେଶଗୁଡ଼ିକର ନେତୃତ୍ୱ ଏପରି ନେତାମାନେ ନେଉଛନ୍ତି, ଯେଉଁମାନେ କି ପ୍ରାରମ୍ଭରେ କୋଭିଡ୍-୧୯କୁ ନ୍ୟୂନ ମନେକରିଥିଲେ। ସେମାନେ ଏହାର ନିରାକରଣ ପାଇଁ ବୈଜ୍ଞାନିକଙ୍କ ପରାମର୍ଶକୁ ନେଇ ସନ୍ଦିହାନ ଥିଲେ। ଏଭଳି ନେତାମାନଙ୍କ ଅପରିଣାମଦର୍ଶିତା ସ୍ଥିତିକୁ ସଙ୍ଗିନ କରିଛି। ବିଶ୍ୱରେ କରୋନା ସଂକ୍ରମଣଜନିତ ମୃତ୍ୟୁରେ ସବା ଆଗରେ ଥିବା ଦେଶଗୁଡ଼ିକ ସବୁଠୁ ଗରିବ, ଧନୀ କିମ୍ବା ଜନସଂଖ୍ୟା ବହୁଳ ରାଷ୍ଟ୍ର ହୋଇଥିବେ ☞ପୃଷ୍ଠା-୪






ଚାଇନା ମଙ୍ଗଳ ଗ୍ରହ ଅଭିମୁଖେ ଏହାର ମହାକାଶ ଯାନ ଗୁରୁବାର ଉତ୍କ୍ଷେପଣ କରିଛି। ଏହା ଚାଇନାର ପ୍ରଥମ ମଙ୍ଗଳ ଅଭିଯାନ। ଏହାର ନାଁ ରଖାଯାଇଛି ଟିଆନୱେନ୍ ୧। ୱେନ୍‌ଚାଙ୍ଗ ସ୍ପେସକ୍ରାଫ୍ଟ ଲଞ୍ଚ୍ ସାଇଟ୍‌ରୁ ବେଜିଂର ସବୁଠୁ ଶକ୍ତିଶାଳୀ ଉତ୍କ୍ଷେପଣ ଯାନ ମାର୍ଚ୍ଚ-୫ ରକେଟ୍ ୫ ଟନ୍ ଓଜନର ମହାକାଶଯାନକୁ ନେଇ ମଙ୍ଗଳ ଅଭିମୁଖେ ଯାତ୍ରା କରିଛି। ଉତ୍କ୍ଷେପଣର ୩୬ ମିନିଟ ପରେ ମହାକାଶ ଯାନ ପୃଥିବୀ-ମଙ୍ଗଳ ଟ୍ରାନ୍ସଫର ଅର୍ବିଟ ମଧ୍ୟକୁ ପ୍ରବେଶ କରିଥିଲା।

# ସୁପ୍ରିମକୋର୍ଟରେ ବାଚସ୍ପତି ନିରାଶ

**ନୂଆଦିଲ୍ଲୀ,୨୩।୭(ପି.ଟି.)**

ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କ ସମେତ ୧୯ ବିଦ୍ରୋହୀ ବିଧାୟକଙ୍କ ପିଟିଶନ ଉପରେ ହାଇକୋର୍ଟ ଶୁକ୍ରବାର ରାୟ ପ୍ରଦାନ କରିବେ। ସୁପ୍ରିମକୋର୍ଟ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଦେବା ପରେ ରାଜସ୍ଥାନ ବିଧାନସଭା ବାଚସ୍ପତି ସି.ପି. ଜୋଷୀ ନିରାଶ ହୋଇଛନ୍ତି। କଂଗ୍ରେସ ବିଧାୟକ ଦଳ ବୈଠକରେ ଯୋଗଦେଇ ନ ଥିବା ୧୯ ବିଧାୟକଙ୍କୁ ଅଯୋଗ୍ୟ କରିବା ପାଇଁ ନୋଟିସ ଜାରି କରିଥିବା ବାଚସ୍ପତି ହାଇକୋର୍ଟଙ୍କ ରାୟ ଉପରେ ହସ୍ତକ୍ଷେପ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟରୁ ବାଚସ୍ପତିଙ୍କୁ



ବାଚସ୍ପତି ସି.ପି. ଜୋଷୀ

କୌଣସି ଅନ୍ତରୀଣ ସହାୟତା ମିଳିନାହିଁ। ଜଷ୍ଟିସ୍ ଅରୁଣ ମିଶ୍ର, ବି.ଆର୍.

**ରାଜସ୍ଥାନ ସଙ୍କଟ**

**୧୯ ବିଧାୟକଙ୍କ ଆବେଦନ ଉପରେ ହାଇକୋର୍ଟ ନିଷ୍ପତ୍ତି ନେବେ**

ଗଭାଇ ଏବଂ କ୍ରିଷ୍ଣ ମୁରାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, ଜୋଷୀ ତାଙ୍କ ଆବେଦନରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି। ଏଥିପାଇଁ ଦୀର୍ଘ ଶୁଣାଣିର ଆବଶ୍ୟକତା ରହିଛି। ତେବେ ହାଇକୋର୍ଟ ରାୟ ପ୍ରଦାନ କରିବାରେ ଆମେ ବାଧା ଦେଇପାରିବୁ ନାହିଁ। ବିଧାୟକମାନଙ୍କ ଭିନ୍ନମତର ସ୍ୱରକୁ ଚପାଇ ଦିଆଯାଇପାରିବ ନାହିଁ କି ଗଣତନ୍ତ୍ରର ପଥରୋଧ କରାଯାଇପାରିବ ନାହିଁ

> “ଅସନ୍ତୁଷ୍ଟ ବିଧାୟକଙ୍କ ସ୍ୱରକୁ ଚପାଇ ଦିଆଯାଇପାରିବ ନାହିଁ କି ଗଣତନ୍ତ୍ରର ପଥରୋଧ କରାଯାଇପାରିବ ନାହିଁ:
> **ସୁପ୍ରିମକୋର୍ଟ**

ବୋଲି ଖଣ୍ଡପୀଠ କହିଥିଲେ। ଜୁଲାଇ ୧୪ ଦଳବଦଳ ନୋଟିସର ଜବାବ ଦେବା ପାଇଁ ବିଦ୍ରୋହୀ ବିଧାୟକମାନଙ୍କୁ ରାଜସ୍ଥାନ ହାଇକୋର୍ଟ ଅଧିକ ସମୟ ଦେବାକୁ ନିଷ୍ପତ୍ତି ନେବାରୁ ବାଚସ୍ପତି ଜୋଷୀ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ବାଚସ୍ପତିଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଯୁକ୍ତି ଦର୍ଶାଇଥିଲେ, ବିଧାୟକମାନଙ୍କର ଯଦି ଭିନ୍ନ ମତ ଦେବାର ଥିଲା ସେମାନେ ଦଳ ଆଗରେ ତାହା କହିପାରିଥାନ୍ତେ। ଏହାର ଉତ୍ତରରେ କଂଗ୍ରେସ ଦଳରେ ଗଣତନ୍ତ୍ର ଅଛି କି ବୋଲି ଜଷ୍ଟିସ୍ ମିଶ୍ର ପ୍ରଶ୍ନ କରିଥିଲେ। ବିଧାନସଭା ଚାଲୁ ନ ଥିବାବେଳେ ଦଳୀୟ ବୈଠକରେ ଯୋଗଦେବା ପାଇଁ ହୁଇପ୍ ଜାରି କରାଯାଇପାରିବ କି ବୋଲି ଖଣ୍ଡପୀଠ ସିବଲଙ୍କୁ ପଚାରିଥିଲେ। ତେବେ ବୈଠକ ପାଇଁ ହୁଇପ୍ ନୁହେଁ ନୋଟିସ ଜାରି କରାଯାଇଥିଲା ବୋଲି ସିବଲ କହିଥିଲେ। ବିଧାୟକମାନେ ନିଜ ଦଳ ବିରୋଧରେ ସ୍ୱର ଉଠାଇପାରିବେ ନାହିଁ କି ବୋଲି ଜଷ୍ଟିସ୍ ମିଶ୍ର ପ୍ରଶ୍ନ କରିଥିଲେ। ବିଧାୟକମାନେ ବୈଠକରେ ଯୋଗ ନ ଦେବା ଦଳବିରୋଧୀ କାର୍ଯ୍ୟ ବୋଲି ବାଚସ୍ପତିଙ୍କ ତରଫରୁ ଆଇନଜୀବୀ ସିବଲ କହିଥିଲେ। ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ପ୍ରକ୍ରିୟାକୁ ଅନୁମତି ମିଳିବ କି ନାହିଁ ତାହା ଅନୁଧ୍ୟାନ କରାଯାଉଛି ବୋଲି ଖଣ୍ଡପୀଠ କହିଥିଲେ।

# ଖୁବ୍‌ଶୀଘ୍ର ବିଧାନସଭା ଅଧିବେଶନ

**ଜୟପୁର,୨୩।୭(ଆଇଏଏନ୍ଏସ୍)**

ବହିଷ୍କୃତ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଓ ତାଙ୍କ ଅନୁଗତ ବିଧାୟକମାନଙ୍କ ବିଦ୍ରୋହ ଯୋଗୁ ରାଜସ୍ଥାନରେ ରାଜନୈତିକ ସଙ୍କଟ ଜାରି ରହିଥିବାବେଳେ ସରକାରଙ୍କ ପାଖରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ରହିଥିବା ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଗୁରୁବାର ଦାବି କରିଛନ୍ତି। ଖୁବ୍‌ଶୀଘ୍ର ବିଧାନସଭା ଅଧିବେଶନ ଡାକି ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ପରେ ସେ ରାଜ୍ୟପାଳ କଲରାଜ ମିଶ୍ରଙ୍କୁ ଭେଟି ବିଧାନସଭା ଅଧିବେଶନ ସମ୍ପର୍କରେ ଆଲୋଚନା କରିଛନ୍ତି। ଯେଉଁମାନେ ଅଦାଲତ ଯାଇଛନ୍ତି ସେମାନେ ଭୁଲ୍ କରିଛନ୍ତି।

**ସଂଖ୍ୟାଗରିଷ୍ଠତା ଅଛି: ଗେହଲଟ**

ଅଦାଲତ ମାମଲା ସହ ଦଳବଦଳ ଆଇନର କୌଣସି ସମ୍ପର୍କ ନାହିଁ। ଦୂରେଇଯାଇଥିବା ବିଧାୟକମାନେ ଫେରିଆସିବା ପାଇଁ ଆମେ ଦୁଇଥର କଂଗ୍ରେସ ବିଧାୟକ ଦଳ ବୈଠକ ଡାକିଥିଲୁ, କିନ୍ତୁ ସେମାନେ ଫେରିଲେ ନାହିଁ। ଦଳରୁ ଅଲଗା ହୋଇଯିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା ବୋଲି ଗେହଲଟ କହିଛନ୍ତି। ମୁଖ୍ୟ ସଚେତକଙ୍କ ସୁପାରିସ କ୍ରମେ ବାଚସ୍ପତି ସେମାନଙ୍କୁ ନୋଟିସ ଜାରି କରି ଆଲୋଚନା ପାଇଁ ଡାକିଛନ୍ତି। ଏହା ସହ ଦଳବଦଳ ଆଇନର କୌଣସି ସମ୍ପର୍କ ନ ଥିବା



ଗେହଲଟ କହିଛନ୍ତି। ବିଦ୍ରୋହୀ ବିଧାୟକଙ୍କୁ ପଣବନ୍ଦୀ ରଖାଯାଇଛି। ସେମାନେ ଯେତେବେଳେ ଫେରିବେ ଆମକୁ ଭୋଟ ଦେବେ ବୋଲି ଆଶା କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।



କରୋନା ଲକ୍‌ଡାଉନ ଯୋଗୁ ବନ୍ଦ ଥିବା ବ୍ରିଟେନସ୍ଥିତ ୱିଣ୍ଡସୋର କ୍ୟାଶେଲ ଗୁରୁବାର ସର୍ବସାଧାରଣଙ୍କ ପାଇଁ ଖୋଲିଛି। ଏହି ଅବସରରେ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ରୟାଲ ହୁସର୍ସର ଜଣେ ଗାର୍ଡ ମାର୍ଚ୍ଚ କରୁଥିବାବେଳେ ଜଣେ କୁନି ପରିଦର୍ଶକ ତାଙ୍କୁ ଅନୁକରଣ କରୁଛନ୍ତି।

# କୁଳଭୂଷଣଙ୍କୁ ଆଇନଗତ ସହାୟତା ସୁଯୋଗ ଦେଉନି ପାକ୍

**ନୂଆଦିଲ୍ଲୀ,୨୩।୭**

ପାକିସ୍ତାନରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ଆଇନଗତ ସହାୟତା ଦେବା ଲାଗି ଭାରତ ଚାହୁଁଥିବା ବେଳେ ପାକିସ୍ତାନ ବାଟ ଓଗାଳୁଛି ବୋଲି ଭାରତ ପକ୍ଷରୁ ଅଭିଯୋଗ କରାଯାଇଛି। ଭାରତ ୧୨ ଥର ବାଣିଜ୍ୟିକ ଦୂତାବାସ ସହାୟତା ଲାଗି ପ୍ରୟାସ କରିଥିବାବେଳେ ପାକିସ୍ତାନ ଅସହଯୋଗ କରିଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ଅଭିଯୋଗ କରିଛି। ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ ଅଭିଯୋଗ କରି କହିଛନ୍ତି, ଆଇସିଜେ ନୀତିନିୟମକୁ ପାକ୍ ଉଲ୍ଲଂଘନ କରି ଏକ ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟିକରିଛି। ଜୁଲାଇ ୧୬ରେ ଭାରତର କନ୍‌ସୁଲାର ଅଧିକାରୀ ଯାଦବଙ୍କୁ ଭେଟିଥିଲେ ହେଁ ତାଙ୍କୁ ଯାଦବଙ୍କ କାଗଜପତ୍ର କି ପାୱାର ଅଫ୍ ଆର୍ଟର୍ନି ଦିଆଯାଇ ନ ଥିଲା। ଯାଦବଙ୍କ କାଗଜପତ୍ର ଭାରତ ବହୁବାର ମାଗି ବିଫଳ ହୋଇଛି। ଏକ୍ଷେତ୍ରରେ ପାକିସ୍ତାନ ଅଧିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଭାରତ ଅଭିଯୋଗ କରିଛି।

# ରାଜଭବନର ୮୪ କର୍ମଚାରୀଙ୍କୁ କରୋନା

**ଚେନ୍ନାଇ,୨୩।୭**

ତାମିଲନାଡୁ ରାଜଭବନରେ ମୁତୟନ ଥିବା ସୁରକ୍ଷାକର୍ମୀ, ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ମିଶାଇ ମୋଟ ୮୪ ଜଣଙ୍କୁ କରୋନା ଭୂତାଣୁ ଆକ୍ରାନ୍ତ କରିଛି। ରାଜଭବନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, କାର୍ଯ୍ୟରତ କେତେଜଣ ବ୍ୟକ୍ତିଙ୍କଠାରେ ଲକ୍ଷଣ ଦେଖାଦେବା ପରେ ୧୪୭ ଜଣଙ୍କ କରୋନା ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮୪ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଏମାନଙ୍କୁ ଏବେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବା ଜଣାପଡ଼ିଛି। ତେବେ ରାଜ୍ୟପାଳ ବନ୍‌ୱାରୀ ଲାଲ୍ ପୁରୋହିତ ସୁରକ୍ଷିତ ଥିବା ଜଣାପଡ଼ିଛି। ସେ କୌଣସି ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ନ ଥିବା ବିବୃତିରେ ଦର୍ଶାଯାଇଛି।

# ୩୧ ଆତଙ୍କବାଦୀ ନିହତ

କାବୁଲ,୨୩।୭: ଆଫଗାନ୍ ସୁରକ୍ଷା ବଳର ଜବାବୀ କାର୍ଯ୍ୟାନୁଷ୍ଠାନରେ ନଙ୍ଗରହାର ପ୍ରଦେଶରେ ୩୧ ତାଲିବାନ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଲିମାଡ଼ରେ ଅନ୍ୟ ୧୫ ଆତଙ୍କବାଦୀ ଆହତ ହୋଇଥିବା ଗୁରୁବାର ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଖୋଗ୍ୟାନି ଜିଲା କେଲଘୋଷ୍ଟିତ ଚେକ୍‌ପଏଣ୍ଟଗୁଡ଼ିକୁ ତାଲିବାନ ଟାର୍ଗେଟ କରିପାରେ ବୋଲି ଆଫଗାନ ଜାତୀୟ ପ୍ରତିରକ୍ଷା ଓ ନିରାପତ୍ତା ବଳ (ଏଏନ୍‌ଡିଏସ୍‌ଏଫ୍) ବୁଧବାର ରାତିରେ ସୂଚନା ପାଇଥିଲା।

# ସ୍ୱାଧୀନତା ଦିବସ ପାଇଁ ଗାଇଡ୍‌ଲାଇନ

**କାଟ୍‌ଛାଣ୍ଟ ହେବ କାର୍ଯ୍ୟକ୍ରମ**

**ଗହଳି ଏଡ଼ାଇବାକୁ ପରାମର୍ଶ**



**ନୂଆଦିଲ୍ଲୀ,୨୩।୭**

ସ୍ୱାଧୀନତା ଦିବସ ପାଳନ ଓ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ ଓ କେତେକ ସର୍ତ୍ତ ଜାରି କରାଯାଇଛି। ପ୍ରତିବର୍ଷ ଉତ୍ସାହ ଉଦ୍ଦୀପନାର ସହ ସ୍ୱାଧୀନତା ଦିବସ ପାଳିତ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଅନୁରୂପ ଭାବେ ଅନୁଷ୍ଠିତ ହେବ ବୋଲି ଯୁଗ୍ମ ସଚିବ ଅନୁଜ ଶର୍ମା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପତ୍ର ଲେଖି ଜଣାଇଛନ୍ତି। ତେବେ କରୋନା ମହାମାରୀ ସଂକ୍ରମଣ ଦୃଷ୍ଟିରୁ ସ୍ୱାଧୀନତା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ବେଳେ କେତେକ ପ୍ରତିକାର ପଦକ୍ଷେପ ନେବାକୁ କୁହାଯାଇଛି। ସେଗୁଡ଼ିକ ହେଲା ସାମାଜିକ ଦୂରତ୍ୱ ବଜାୟ ରଖିବା, ମାସ୍କ ପିନ୍ଧିବା, ଉପଯୁକ୍ତ ବିଶୋଧନ ବ୍ୟବସ୍ଥା ଗ୍ରହଣ କରିବା, ଅଧିକ ଗହଳି ନ କରିବା, ଅଧିକ ସଂକ୍ରମଣ ଆଶଙ୍କା ଥିବା ଲୋକଙ୍କୁ ସୁରକ୍ଷା ଦେବା ପାଇଁ କୁହାଯାଇଛି। ଏଥିସହିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଜାରି କରିଥିବା ସମସ୍ତ ଗାଇଡ୍‌ଲାଇନକୁ ପାଳନ କରିବା ଲାଗି ପରାମର୍ଶ ଦିଆଯାଇଛି। ତେଣୁ କାର୍ଯ୍ୟକ୍ରମ ଆୟୋଜନ ବେଳେ ଗହଳି ଯେପରି ନ ହେବ ସେଥିପ୍ରତି ଦୃଷ୍ଟିଦେବା ଓ ଯଥାସମ୍ଭବ ପ୍ରଯୁକ୍ତିର ଉପଯୋଗ କରିବାକୁ କୁହାଯାଇଛି। ଅଂଶଗ୍ରହଣ କରିପାରୁ ନ ଥିବା ଲୋକେ ଯେପରି କାର୍ଯ୍ୟକ୍ରମ ଦେଖିପାରିବେ ସେଥିପାଇଁ ଏହାର ୱେବ୍-ପ୍ରସାରଣ ପାଇଁ ଗାଇଡ୍‌ଲାଇନରେ ପରାମର୍ଶ ଦିଆଯାଇଛି।

ଲାଲ୍‌କିଲ୍ଲାରେ ଆୟୋଜନ ହେବାକୁ ଥିବା ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କୁ ସଶସ୍ତ୍ର ବଳ ଓ ଦିଲ୍ଲୀ ପୋଲିସ ଗାର୍ଡ ଅଫ୍ ଅନର ପ୍ରଦାନ କରିବେ, ଜାତୀୟ ପତାକା ଉତ୍ତୋଳନ ସହ ଜାତୀୟ ସଙ୍ଗୀତ ଗାନ କରାଯିବ ଓ ୨୧ ତୋପ ସଲାମୀ ଦିଆଯିବ। ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବେ ଓ ଶେଷରେ ତିନିରଙ୍ଗର ବେଲୁନ୍ ଉଡ଼ାଯିବ। ରାଷ୍ଟ୍ରପତି ଭବନରେ ଆଟ୍ ହୋମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ସକାଳ ୯ଟା ପରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ରାଜଧାନୀରେ ଅନୁଷ୍ଠିତ ହେବ। ସେଥିରେ ମୁଖ୍ୟମନ୍ତ୍ରୀ ପତାକା ଉତ୍ତୋଳନ କରିବେ ଓ ଜାତୀୟ ସଙ୍ଗୀତ ଗାନ କରାଯିବ। ପୋଲିସ, ଅର୍ଦ୍ଧସାମରିକ ବଳ, ହୋମଗାର୍ଡ, ଏନ୍‌ସିସି, ସ୍କାଉଟମାନେ ଗାର୍ଡ ଅଫ୍ ଅନର ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେବେ। ଡାକ୍ତର, ସ୍ୱାସ୍ଥ୍ୟସେବା କର୍ମଚାରୀ, ପରିମଳ କର୍ମଚାରୀ ଆଦି କୋଭିଡ୍ ଯୋଦ୍ଧା ଓ କରୋନାରୁ ଆରୋଗ୍ୟ ଲାଭ କରିଥିବା କେତେଜଣ ଲୋକଙ୍କୁ କାର୍ଯ୍ୟକ୍ରମକୁ ଡାକିବା ପାଇଁ କୁହାଯାଇଛି। ଜିଲାସ୍ତରୀୟ ଉତ୍ସବରେ ରାଜ୍ୟର ମନ୍ତ୍ରୀ, କମିଶନର କିମ୍ବା ଜିଲାପାଳ ଯୋଗଦେଇ ପତାକା ଉତ୍ତୋଳନ କରିବେ, ଜାତୀୟ ସଙ୍ଗୀତ ଗାନ କରାଯିବ ଏବଂ ପରେଡରେ ରାଜ୍ୟ ପୋଲିସ, ହୋମଗାର୍ଡ, ଏନ୍‌ସିସି, ସ୍କାଉଟ ଭାଗନେବେ। ମୁଖ୍ୟ ଅତିଥି ଅଗଷ୍ଟ ୧୫ର ବିଶେଷତ୍ୱ, ଦେଶର ଏକତା ଓ ସଂହତି ଉପରେ ଉଦ୍‌ବୋଧନ ଦେବେ।

# କୋଭିଡ୍, ବନ୍ୟା ପାଇଁ ଘୁଞ୍ଚିଲା ଉପନିର୍ବାଚନ

**ନୂଆଦିଲ୍ଲୀ,୨୩।୭(ପି.ଟି.)**

କରୋନା ମହାମାରୀ ଏବଂ କେତେକ ରାଜ୍ୟରେ ବନ୍ୟା ଜନିତ ଅସ୍ୱାଭାବିକ ପରିସ୍ଥିତି ପାଇଁ ଗୋଟିଏ ଲୋକ ସଭା ଓ ୭ ବିଧାନସଭା ଆସନ ଲାଗି ହେବାକୁ ଥିବା ଉପନିର୍ବାଚନ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଘୁଞ୍ଚାଇବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ଉପନିର୍ବାଚନର ପରବର୍ତ୍ତୀ ତାରିଖ ସମ୍ପର୍କରେ ଆଲୋଚନା ପାଇଁ ଶୁକ୍ରବାର ନିର୍ବାଚନ କମିଶନ ବୈଠକ ବସିବାକୁ ଯାଉଛି। ବିହାରର ବାଲ୍ମୀକି ନଗର ଲୋକ ସଭା ଆସନ ସମେତ ତାମିଲନାଡୁ ଓ ଉତ୍ତରପ୍ରଦେଶର ଦୁଇଟି ଲେଖାଏ ବିଧାନସଭା ଆସନ, ଆସାମ, ମଧ୍ୟପ୍ରଦେଶ ଓ କେରଳର ଗୋଟିଏ ଲେଖାଏ ବିଧାନସଭା ଆସନରେ ଉପନିର୍ବାଚନ ହେବାର ଥିଲା। ଏଥିରୁ ଅଧିକାଂଶ ସଦସ୍ୟଙ୍କ ମୃତ୍ୟୁ ଯୋଗୁ ଉକ୍ତ ଆସନ ଖାଲିପଡ଼ିଛି। ନିର୍ବାଚନ ଆଇନ ଅନୁଯାୟୀ କୌଣସି ଆସନ ଖାଲିପଡ଼ିବାର ୬ ମାସ ମଧ୍ୟରେ ସେଠାରେ ଉପନିର୍ବାଚନ ହେବା କଥା। ବିଭିନ୍ନ ଆସନରେ ଏହି ସମୟସୀମା ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଶେଷ ହେବାକୁ ଯାଉଛି। ତେବେ ସମୟସୀମା ମଧ୍ୟରେ ଉପନିର୍ବାଚନ କରାଇବା ସମ୍ଭବ ହେଉ ନ ଥିବାରୁ ନିର୍ବାଚନ କମିଶନ କେନ୍ଦ୍ର ଆଇନ ମନ୍ତ୍ରଣାଳୟର ମତାମତ ଲୋଡ଼ିଛନ୍ତି। ମୋଟ ୫୭ ଆସନରେ ଉପନିର୍ବାଚନ ହେବାକୁ ଥିବାବେଳେ ସେଥିରୁ ଉପରୋକ୍ତ ୮ଟିରେ ଏହାକୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଘୁଞ୍ଚାଯାଇପାରେ। ଅନ୍ୟ ୪୯ ଆସନରେ ଉପନିର୍ବାଚନ ସେପ୍ଟେମ୍ବର ୭ ପରେ ଅନୁଷ୍ଠିତ ହେବ।

# ମାସ୍କ ନ ପିନ୍ଧିଲେ ଲକ୍ଷେ ଜରିମାନା ସହ ଜେଲ

ରାଞ୍ଚି,୨୩।୭: କରୋନା କଟକଣା ସତ୍ତ୍ୱେ ଅମାନିଆଙ୍କ ଲାଗି ସଂକ୍ରମଣ ବ୍ୟାପିବାରେ ଲାଗିଛି। ଏହିକ୍ରମରେ ଝାଡ଼ଖଣ୍ଡରେ ମାସ୍କ ନ ପିନ୍ଧିବା, ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ କରିବା ବ୍ୟକ୍ତିଙ୍କୁ ଏଣିକି ୧ ଲକ୍ଷ ଟଙ୍କା ଜରିମାନା ସହ ଜେଲ ଯିବାକୁ ପଡ଼ିବ। ମହାମାରୀ କରୋନାକୁ ରୋକିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଝାଡ଼ଖଣ୍ଡ କ୍ୟାବିନେଟରେ ଗୁରୁବାର ଏଭଳି ଅଧ୍ୟାଦେଶ ଉପରେ ମୋହର ଲଗାଯାଇଛି। ଆଇନ ଉଲ୍ଲଂଘନକାରୀଙ୍କୁ ଏଣିକି ୧ ଲକ୍ଷ ଟଙ୍କା ସହ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ସର୍ବସାଧାରଣ ଜାଗାରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି।

# କୋହଳ ହେଲା ଏନ୍‌ଆଇଟି ନାମଲେଖା ନିୟମ

**ନୂଆଦିଲ୍ଲୀ,୨୩।୭(ପି.ଟି.)**

କରୋନା ମହାମାରୀକୁ ଦୃଷ୍ଟିରେ ରଖି ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏନ୍‌ଆଇଟି ଏବଂ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ନିୟମକୁ କୋହଳ କରିଛନ୍ତି। ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବନିମ୍ନ ୭୫ ପ୍ରତିଶତ ନମ୍ବର ରଖିବା ନିୟମକୁ ଉଠାଇ ଦିଆଯାଇଛି। ଯୋଗ୍ୟତା ମାନଦଣ୍ଡରେ କୋହଳ କରିବାକୁ ସେଣ୍ଟ୍ରାଲ ସିଟ୍ ଆଲୋକେଶନ ବୋର୍ଡ (ସିଏସ୍‌ଏବି) ନିଷ୍ପତ୍ତି ନେଇଥିବା ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଟୁଇଟ୍ କରି ଜଣାଇଛନ୍ତି। ଜେଇଇ ମେନ୍ ୨୦୨୦ରେ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀଙ୍କ ପାଇଁ କେବଳ ଦ୍ୱାଦଶ ପରୀକ୍ଷା ପାସ୍ ସାର୍ଟିଫିକେଟ୍ ଆବଶ୍ୟକ ପଡ଼ିବ।

# ଗୁରୁତ୍ୱ ହରାଇବ କାର୍ଯ୍ୟସ୍ଥଳ

**ନୂଆଦିଲ୍ଲୀ,୨୩।୭**

ମହାମାରୀ କରୋନା ଯୋଗୁ ବିଭିନ୍ନ କାର୍ଯ୍ୟ ଘରେ ରହି କରିବାକୁ ପଡ଼ୁଛି। ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟକୁ ଲୋକମାନେ କାର୍ଯ୍ୟସ୍ଥଳକୁ ନ ଯାଇ ଘରେ ରହି କରୁଛନ୍ତି। ଏଭଳି ସ୍ଥିତିରେ ୮୨ ପ୍ରତିଶତ ଲୋକ ମହାମାରୀ ପରେ କାର୍ଯ୍ୟସ୍ଥଳୀ ଗୁରୁତ୍ୱ ହରାଇବ ବୋଲି ମତ ଦେଇଛନ୍ତି। କରାଯାଇଥିବା ସର୍ଭେରେ ମୋଟ ୩୪ ହଜାର ଲୋକଙ୍କ ମତାମତ ଗ୍ରହଣ କରାଯାଇଥିଲା। ବିଭିନ୍ନ ଆଇଟି କମ୍ପାନୀର କର୍ମଚାରୀଙ୍କୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଘରେ ରହି କାମ କରିବାକୁ ସରକାର ନିର୍ଦ୍ଦେଶ ଦେବା ପରେ ଏଭଳି ସର୍ଭେ କରାଯାଇଥିଲା। କର୍ମଚାରୀମାନଙ୍କ ସୁରକ୍ଷା ଲାଗି ଇନ୍‌ଫୋସିସ୍,ଫୁଜିତ୍ସୁ ଭଳି କମ୍ପାନୀ ଘରେ ରହି କାମ କରିବାକୁ

**୮୨% ଭାରତୀୟଙ୍କ ମତ**

କହିଛନ୍ତି। ମାର୍ଚ୍ଚ ପରଠାରୁ ଦେଶର ବିଭିନ୍ନ ସଂସ୍ଥା କର୍ମଚାରୀଙ୍କୁ ଘରେ ରହି କାମ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଲକ୍‌ଡାଉନ୍ ଲାଗୁ ହେବା ପରେ ଅଫିସ୍ ଆସି କାର୍ଯ୍ୟ କରିବା ଏକପ୍ରକାର ବନ୍ଦ ହୋଇଯାଇଥିଲା।

ଲେନୋଭୋର ଗ୍ଲୋବାଲ ରିସର୍ଚ୍ଚ ରିପୋର୍ଟରେ ଅଧିକାଂଶ ଭାରତୀୟ ଘରେ ରହି କାର୍ଯ୍ୟ କରିବାକୁ ଅଧିକ ପସନ୍ଦ କରିଛନ୍ତି। ଅଫିସ୍ ବା କାର୍ଯ୍ୟସ୍ଥଳୀ ପ୍ରତି ସେମାନେ ସେତେ ଆଗ୍ରହୀ ନ ଥିବା ପ୍ରକାଶ କରିଛନ୍ତି। ଲାପ୍‌ଟପ୍, ଡେସ୍କଟପ୍ କମ୍ପ୍ୟୁଟର ସହ ସେମାନେ କାର୍ଯ୍ୟସ୍ଥଳୀ ଅପେକ୍ଷା ଘରେ କାର୍ଯ୍ୟ କରିବାକୁ ଶ୍ରେୟ ମଣିଛନ୍ତି। ସର୍ଭେରେ ଏଭଳି ଲୋକଙ୍କ ସଂଖ୍ୟା ୮୫% ବୋଲି ଦର୍ଶାଯାଇଛି। ପାଖାପାଖି ଦୁଇ ତୃତୀୟାଂଶ (୬୩%) ଲୋକଙ୍କ ମତ ହେଲା କାର୍ଯ୍ୟସ୍ଥଳୀ ଅପେକ୍ଷା ସେମାନେ ଘରେ ରହି ଅଧିକ ଦକ୍ଷତାର ସହ କାମ କରିପାରିବେ। ୫୨% ଲୋକଙ୍କ ମତ ହେଲା ମହାମାରୀ କରୋନା ଚାଲିଯିବା ପରେ ଅର୍ଥାତ୍ ସାମାଜିକ ଦୂରତ୍ୱ କଟକଣା ଉଠିବା ପରେ ମଧ୍ୟ ଘରେ ରହି କାର୍ଯ୍ୟ କରିବା ସେମାନଙ୍କ ଲାଗି ଉପଯୁକ୍ତ ହେବ। ସେମାନେ ଅଧିକ ଦକ୍ଷ ହୋଇ ଅଧିକରୁ ଅଧିକ କାମ କରିପାରିବେ। ତେବେ ମୋଟାମୋଟି ଭାବେ ଦେଖିବାକୁ ଗଲେ ଅଧିକାଂଶ ଲୋକଙ୍କ କାର୍ଯ୍ୟସ୍ଥଳୀ ପ୍ରତି ବିମୁଖତା ଦେଖିବାକୁ ମିଳିଛି। କାର୍ଯ୍ୟସ୍ଥଳୀ ଅପେକ୍ଷା ସେମାନେ ଘରେ ରହି କାର୍ଯ୍ୟ କରିବାକୁ ଉଚିତ ମନେ କରୁଛନ୍ତି ବୋଲି ଲେନୋଭୋ ପକ୍ଷରୁ ଦର୍ଶାଯାଇଛି।



# ୨୪ ଘଣ୍ଟାରେ ୪୫,୭୨୦ ଆକ୍ରାନ୍ତ

**ନୂଆଦିଲ୍ଲୀ,୨୩।୭**

ଦେଶରେ ମହାମାରୀ କରୋନା ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ୪୫,୭୨୦ ନୂଆ ମାମଲା ସାମ୍ନାକୁ ଆସିଛି। ଏଥିସହ ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୧୨.୬୦ ଲକ୍ଷରେ ପହଞ୍ଚିଛି। ଦେଶରେ ଅଦ୍ୟାବଧି ୩୦,୦୬୦ ଲୋକଙ୍କ ମହାମାରୀ ଯୋଗୁ ମୃତ୍ୟୁ ଘଟିଲାଣି। ଦିନକୁ ଦିନ ଉଗ୍ର ସଂକ୍ରମଣ ସ୍ଥିତି ଦେଖିବାକୁ ମିଳୁଛି। ପ୍ରତି ୩ ଦିନରେ ଲକ୍ଷେ ନୂଆ ମାମଲା ନଜରକୁ ଆସୁଛି। ଏବେ ଦେଶରେ ୪.୩୧ ଲକ୍ଷ ଆକ୍ଟିଭ୍ ମାମଲା ରହିଥିବାବେଳେ ୭.୯୬ ଲକ୍ଷ ଲୋକ ସୁସ୍ଥ ହୋଇଥିବା ଜଣାପଡ଼ିଛି। ସୁସ୍ଥ ହାର ବୃଦ୍ଧିପାଇ ୬୩.୧୮%ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୨୯,୫୫୭ ଲୋକ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି।

ମହାରାଷ୍ଟ୍ର, ତାମିଲନାଡୁ, କର୍ନାଟକ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଓ ଗୁଜରାଟରେ କରୋନା ରୋଗୀଙ୍କ ସଂଖ୍ୟା ସବୁଠାରୁ ଅଧିକ ମାତ୍ରାରେ ବଢ଼ୁଛି। ମହାରାଷ୍ଟ୍ରରେ ୩.୪୦ ଲକ୍ଷ ସଂକ୍ରମିତ ରହିଥିବାବେଳେ ୧୨,୫୬୦ ଜୀବନ ଗଲାଣି। ଦ୍ୱିତୀୟ ସର୍ବାଧିକ କରୋନା ପ୍ରବଣ ରାଜ୍ୟ ତାମିଲନାଡୁରେ ୧.୯୨ ଲକ୍ଷ ଭୂତାଣୁ ଆକ୍ରାନ୍ତ ଅଛନ୍ତି। ୩,୨୩୨ ଲୋକଙ୍କ ମୃତ୍ୟୁ ଘଟିଛି। ରାଜଧାନୀ ଦିଲ୍ଲୀରେ ୧.୨୬ ଲକ୍ଷ ଆକ୍ରାନ୍ତ ଥିବାବେଳେ ୩,୭୧୯ ଲୋକଙ୍କ ପ୍ରାଣହାନି ଘଟିଛି। ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ସଂକ୍ରମିତ ଓ ମୃତବ୍ୟକ୍ତିଙ୍କ ସଂଖ୍ୟା ବଢ଼ିଚାଲିଛି। କର୍ନାଟକରେ ୭୫ ହଜାର, ଆନ୍ଧ୍ରପ୍ରଦେଶରେ ୬୫ ହଜାର, ଉତ୍ତରପ୍ରଦେଶରେ ୫୫ ହଜାର, ଗୁଜରାଟରେ ୫୧ ହଜାର, ପଶ୍ଚିମବଙ୍ଗ ୪୯ ହଜାର, ତେଲଙ୍ଗାନା ରେ ୪୯ ହଜାରରୁ ଅଧିକ ଆକ୍ରାନ୍ତ ଅଛନ୍ତି। ସରକାରୀ ପ୍ରଚେଷ୍ଟା ସତ୍ତ୍ୱେ ମୃତାକ୍ରାନ୍ତଙ୍କ ସଂଖ୍ୟା କମିବାର ନାଁ ନେଉନାହିଁ। ସଫଳ ଔଷଧ କିମ୍ବା ଟିକା ଆସିବା ପରେ ଏହା ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି କୁହାଯାଉଛି।

**ନଦୀପାର ବେଳେ ଭାସିଗଲେ ପରିବା ବ୍ୟବସାୟୀ**

ଆସିକା(ଡି.ଏନ୍.ଏ.): ଆସିକା ସହର ଉପକଣ୍ଠ ବଡନଦୀ ପାରି ହେଉଥିବାବେଳେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଜଣେ ପରିବା ବ୍ୟବସାୟୀ ନଦୀ ସୁଅରେ ଭାସି ଯାଇଛନ୍ତି। ସେ ହେଲେ ଆଳିପୁର ପଞ୍ଚାୟତ କରାତଳି ଗ୍ରାମର ସନ୍ୟାସି ଜେନା (୪୫)। ସନ୍ୟାସୀ ଆସିକାରୁ ପରିବା ବ୍ୟବସାୟ ସାରି ଚାଲିଚାଲି ନଦୀ ପାରି ହେଉଥିବାବେଳେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଗ୍ରାମବାସୀ ଏନେଇ ଆସିକା ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖାହେବା ଯାଏ ନିଖୋଜଙ୍କ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିବା ଅଗ୍ନିଶମ ଅଧିକାରୀ ସୁଶାନ୍ତ କୁମାର ରାଉଳ ସୂଚନା ଦେଇଛନ୍ତି।

# ବଦଳିଲେ ୨୮ ମେଡିକାଲ ଅଫିସର

ଭୁବନେଶ୍ୱର,୨୩।୭(ବ୍ୟୁରୋ)

ବିଭିନ୍ନ ହସ୍ପିଟାଲରେ କାର୍ଯ୍ୟରତ ୨୮ ମେଡିକାଲ ଅଫିସରଙ୍କୁ ବଦଳି କରାଯାଇଛି। ଏ ନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ରାଉରକେଲା ଜେନେରାଲ ହସ୍ପିଟାଲ(ଆର୍‌ଜିଏଚ୍)ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ରଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଥିବା ଉର୍ମିଳା ମିଶ୍ରଙ୍କୁ ବ୍ଲଡ୍ ସେଫ୍ଟି ଓଡ଼ିଶା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ବାରିପଦା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ଇଏନ୍‌ଟି କନ୍‌ସଲ୍‌ଟାଣ୍ଟ ଡାକ୍ତର ବିଶ୍ୱନାଥ ଦାସଙ୍କୁ ପଦୋନ୍ନତି ଦିଆଯାଇ ସେଠାରେ ଇଏନ୍‌ଟି ସ୍ପେଶାଲିଷ୍ଟ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଏସ୍‌ଡିଏଚ ପାଟଣାଗଡର ସୁପରିଣ୍ଟେଣ୍ଡେଣ୍ଟ ଥିବା ଦିଲୀପ କୁମାର ବିଶ୍ୱାଳଙ୍କୁ ଡିଏଚ୍‌ଏସ୍‌ରେ ଏ.ଡି. ଭାବେ ବଦଳି କରାଯାଇଥିବ ବେଳେ କନ୍ଧମାଳ ଡିଏଚ୍‌ଏଚ୍ ସିନିୟର କନ୍‌ସଲ୍‌ଟାଣ୍ଟ(ଓ ଆଣ୍ଡ ଜି) ଗୀତାଞ୍ଜଳି ରଥଙ୍କୁ କଟକ ସିଟି ହସ୍ପିଟାଲ, ଡାକ୍ତର ପ୍ରମୋଦ କୁମାର ସାମନ୍ତରାୟଙ୍କୁ କ୍ୟାପିଟାଲ ହସ୍ପିଟାଲ, କଳାହାଣ୍ଡି ଡିଏଚ୍‌ଏଚ୍‌ର ସରୋଜ ଜେନାଙ୍କୁ ଭଦ୍ରକ, କେନ୍ଦ୍ରାପଡା ଡିଏଚ୍‌ଏଚ୍‌ର ମୁରଲୀଧର ପାଢ଼ୀଙ୍କୁ ଭଦ୍ରକ, ପୁରୀ ଡିଏଚ୍‌ଏଚ୍‌ର ବରଦାକାନ୍ତ ମିଶ୍ରଙ୍କୁ ରାୟଗଡା, ପୁରୀ ଡିଏଚ୍‌ଏଚ୍‌ର ସିନିୟର କନ୍‌ସଲ୍‌ଟାଣ୍ଟ(ଓ ଆଣ୍ଡ ଜି) ପ୍ରଣବ ଶଙ୍କର ଦାଶଙ୍କୁ ପୁରୀ ଡିଏଚ୍‌ଏଚ୍ ମେଡିକାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି କୋରାପୁଟ ଡିଏଚ୍‌ଏଚ୍‌ର ସିନିୟର କନ୍‌ସଲ୍‌ଟାଣ୍ଟ (ମେଡିସିନ) ରବୀନ୍ଦ୍ର ନାଥ ମିଶ୍ରଙ୍କୁ କୋରାପୁଟ ଡିଏଚ୍‌ଏଚ୍ ମେଡିକାଲ ଅଫିସର ଭାବେ ବଦଳି କରାଯାଇଥିବା ବେଳେ ଗଜପତି ଡିଏଚ୍‌ଏଚ୍ ଏଡିପିଏଚ୍‌ଓ ଥିବା ଚନ୍ଦା କାନୁନ୍‌ଗୋଙ୍କୁ ବ୍ରହ୍ମପୁର ସିଟି ହସ୍ପିଟାଲ, ବରଗଡ଼ ଡିଏଚ୍‌ଏଚ୍ ସିନିୟର କନ୍‌ସଲଟାଣ୍ଟ ଥିବା ମନୋଜ ଅଧରଙ୍କୁ ସୋନପୁର ଡିଏଚ୍‌ଏଚ୍ ସିନିୟର କନ୍‌ସଲ୍‌ଟାଣ୍ଟ, ସୁନ୍ଦରଗଡ଼ ଡିଏଚ୍‌ଏଚ୍‌ର ଅଲେଖ ପ୍ରସାଦ ମହାପାତ୍ରଙ୍କୁ ସମ୍ବଲପୁର, ନବରଙ୍ଗପୁର ମେଡିକାଲ ଅଫିସର ସୁଶାନ୍ତ କୁମାର ବେହେରାଙ୍କୁ ବ୍ରହ୍ମପୁର ସିଟି ହସ୍ପିଟାଲ, ପୁରୀ ଡିଏଚ୍‌ଏଚ୍‌ର ସିନିୟର କନ୍‌ସଲ୍‌ଟାଣ୍ଟ(ମେଡିସିନ) କୈଳାସ ଚନ୍ଦ୍ର ସାହୁଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ, ବ୍ରହ୍ମପୁର ସିଟି ହସ୍ପିଟାଲର ସନ୍ତୋଷ କୁମାର ରାଉତରାୟଙ୍କୁ ପୁରୀ ଡିଏଚ୍‌ଏଚ୍‌ର ସିନିୟର କନ୍‌ସଲ୍‌ଟାଣ୍ଟ(ମେଡିସିନ) ଏବଂ ନୂଆପଡା ଡିଏଚ୍‌ଏଚ୍‌ର ବିଶ୍ୱମୋହନ ମିଶ୍ରଙ୍କୁ ଖୋର୍ଦ୍ଧା ଡିଏଚ୍‌ଏଚ୍‌ର ମେଡିକାଲ ଅଫିସର ଭାବେ ବଦଳି କରାଯାଇଛି। ନୂଆପଡା ଡିଏଚ୍‌ଏଚ୍‌ର ଅମୀୟ ଚରଣ ଜେନାମଣିଙ୍କୁ ନୂଆପଡା ଡିଏଚ୍‌ଏଚ୍, ନୟାଗଡ଼ ଡିଏଚ୍‌ଏଚ୍‌ର ଗୀତାଞ୍ଜଳୀ କରଙ୍କୁ କଟକ ସିଟି ହସ୍ପିଟାଲ, ନୂଆପଡ଼ା ଡିଏଚ୍‌ଏଚ୍‌ର ବିନୟ ବେହେରାଙ୍କୁ ବରଗଡ଼ ଡିଏଚ୍‌ଏଚ୍, ବରଗଡ଼ ଡିଏଚ୍‌ଏଚ୍‌ର ଦୁର୍ଗା ପ୍ରସାଦ ସାହୁଙ୍କୁ ସୋନପୁର ଏବଂ ପୁରୀ ଡିଏଚ୍‌ଏଚ୍‌ର ଲିପିକା ପଣ୍ଡାଙ୍କୁ କ୍ୟାପିଟାଲ ହସ୍‌ଟାଲ ବଦଳି କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଡିଏଚ୍‌ଏଚ୍‌ର ଉମାକାନ୍ତ ଜେନାଙ୍କୁ ଭଦ୍ରକ, ଆରଜିଏଚ୍ ରାଉରକେଲାର ସୁବୋଧ ରଥଙ୍କୁ ସୁନ୍ଦରଗଡ଼, ନବରଙ୍ଗପୁର ଡିଏଚ୍‌ଏଚ୍‌ର ସୁଶାନ୍ତ ପଣ୍ଡାଙ୍କୁ ପୁରୀ ଡିଏଚ୍‌ଏଚ୍, କଳାହାଣ୍ଡି ଜିଲା କେସିଙ୍ଗା ସିଏଚ୍‌ସିର ଅରବିନ୍ଦ କଲସାଇଙ୍କୁ ବଲାଙ୍ଗୀର ଜିଲା ଲୋଇସିଙ୍ଗା ସିଏଚ୍‌ସି ଏବଂ ବିଜେପୁର ସିଏଚ୍‌ସି ଯଶୋବନ୍ତ ସାହୁଙ୍କୁ ସମ୍ବଲପୁର ହାତୀବାରି ସିଏଚ୍‌ସି ମେଡିକାଲ ଅଫିସର ଭାବେ ବଦଳି କରାଯାଇଛି।

# ଆଂଶିକ ଲକ୍ଷଣ ଥିଲେ ଗ୍ରାମାଞ୍ଚଳରେ ହୋମ୍ ଆଇସୋଲେଶନ

ଭୁବନେଶ୍ୱର,୨୩।୭(ବ୍ୟୁରୋ)

ରାଜ୍ୟରେ ବେଳକୁ ବେଳ କୋଭିଡ୍-୧୯ ସଂକ୍ରମଣ ଭୟଙ୍କର ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ନେଉଛନ୍ତି। ଯଦି କୌଣସି ବ୍ୟକ୍ତିଙ୍କର କୋଭିଡ୍ ପଜିଟିଭ ବାହାରେ ତେବେ ତାଙ୍କ ଠାରେ ଆଂଶିକ ଲକ୍ଷଣ ଦେଖାଯାଏ କିମ୍ବା ଗୁରୁତର ହୋଇ ନ ଥିବେ ତେବେ ସେ ନିଜ ଘରେ ଏକାନ୍ତବାସ(ହୋମ୍ ଆଇସୋଲେଶନ)ରେ ରହିପାରିବେ। ପୂର୍ବରୁ କେବଳ ମହାନଗର ନିଗମରେ ଏହାକୁ ଲାଗୁ କରାଯାଉଥିଲା। ଏହି ବ୍ୟବସ୍ଥା ସମସ୍ତ ପୌରାଞ୍ଚଳ, ଜିଲା, ସବ୍‌ଡିଭିଜନ ଏବଂ ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ଥିବା ସହର ପାଇଁ ଲାଗୁ ହେବ। ଏପରି କି ଗ୍ରାମାଞ୍ଚଳ ପାଇଁ ମଧ୍ୟ ଏହା ଲାଗୁ ହେବ। ତେବେ ୨୦୨୦ ଜୁଲାଇ ୧୩ ତାଖରେ ପ୍ରକାଶ କରାଯାଇଥିବା ଆଦେଶନାମା ଅନୁଯାୟୀ କରୋନା ସଂକ୍ରମିତ ନିଜ ଘରେ ଏକାନ୍ତବାସରେ ରହିପାରିବେ। ଗୁରୁବାର ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସଂଶୋଧିତ ଗାଇଡ୍‌ଲାଇନ ଜାରି କରାଯାଇଛି। ଗ୍ରାମପଞ୍ଚାୟତର ସରପଞ୍ଚ କିମ୍ବା ସମ୍ପୃକ୍ତ ଜିଲାର ଜିଲାପାଳଙ୍କ ଦ୍ୱାରା ବିଜ୍ଞପିତ ଅଧିକାରୀ ଏଥିପାଇଁ ନୋଡାଲ ଅଫିସର ଭାବେ କାର୍ଯ୍ୟ କରିବେ।

# ୧୫ସୁଦ୍ଧା ବାହାରିପାରେ ବାଣିଜ୍ୟ, ବିଜ୍ଞାନ ଫଳ

ଭୁବନେଶ୍ୱର,୨୩।୭(ବ୍ୟୁରୋ)

ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ବର୍ତ୍ତମାନ ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଖାତା ମୂଲ୍ୟାୟନ ବ୍ୟବସ୍ଥାକୁ ନେଇ ଚିନ୍ତାରେ ପଡିଯାଇଛି। ସିବିଏସ୍‌ଇ ପକ୍ଷରୁ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଫଳ ପ୍ରକାଶ ପାଇସାରିଛି। ବର୍ତ୍ତମାନ ଗଣଶିକ୍ଷା ବିଭାଗ ଏନେଇ ଚିନ୍ତା କରୁଛି। ତଥାପି ଅଗଷ୍ଟ ୧୫ ସୁଦ୍ଧା ଯୁକ୍ତ୨ ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ କରାଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

କରୋନା ଯୋଗୁ ଛାତ୍ରୀଛାତ୍ରଙ୍କ ଖାତା ମୂଲ୍ୟାୟନରେ ବାଧା ସୃଷ୍ଟି ହୋଇଛି। ତଥାପି ମଝିରେ ଖାତା ଦେବା ନେଇ ଆବଶ୍ୟକ ଥିବା ଅନୁମତି ଗୁରୁବାର ମିଳିଯାଇଛି। ଏଥର ଖାତା ଦେଖା କାର୍ଯ୍ୟକ୍ରମ ସ୍ୱାଭାବିକ ହେବ। ନିକଟରେ ରାଜ୍ୟ ସରକାର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୪ ଜିଲା ଖୋର୍ଦ୍ଧା, କଟକ, ଯାଜପୁର ଏବଂ ଗଞ୍ଜାମ ସହିତ ରାଉରକେଲା ମହାନଗର ନିଗମକୁ ଶଟ୍‌ଡାଉନ ଘୋଷଣା କରିଥିଲେ। ଫଳରେ ଏହିସବୁ ଅଞ୍ଚଳଗୁଡିକରେ ଖାତା ଦେଖା ବନ୍ଦ ରହିଥିଲା। ଉକ୍ତ ଜିଲାଗୁଡିକରେ ଖାତା ଦେଖା ନେଇ ଅନୁମତି ଲୋଡାଯାଇଥିଲା। ଏହି ସମସ୍ତ ଅଞ୍ଚଳରେ ମୋଟ ୩୫ ମୂଲ୍ୟାୟନ କେନ୍ଦ୍ର ରହିଥିବା ବେଳେ ଏସବୁଠାରେ ଖାତା ଦେଖା ଚାଲିବ। ବିଭାଗ ପକ୍ଷରୁ ଉଚ୍ଚଶିକ୍ଷା ମାଧ୍ୟମିକ ପରିଷଦକୁ ଏନେଇ ଅବଗତ କରାଯାଇଥିବା ମନ୍ତ୍ରୀ ଦାଶ କହିଛନ୍ତି। ଫଳରେ ମୂଲ୍ୟାୟନରେ ଯେପରି ବିଳମ୍ବ ନ ହେବ ସେଥିଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ ଗାଇଡଲାଇନ ପାଳନ କରି ମୂଲ୍ୟାୟନ ଚାଲିବ। ମନ୍ତ୍ରୀ ଦାଶ ଆହୁରି କହିଛନ୍ତି, ବ୍ରହ୍ମପୁର ଏବଂ ରାଉରକେଲାରେ ଖାତା ଦେଖା ନେଇ ସମସ୍ୟା ରହିଥିଲା। ଯାହା ଏବେ ଆଉ ରହିବ ନାହିଁ। ପ୍ରଥମ ପର୍ଯ୍ୟାୟରେ ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗ ପିଲାମାନଙ୍କ ଖାତା ଦେଖା ସରିଯିବ। ଏହାପରେ କଳା ବିଭାଗ ଛାତ୍ରୀଛାତ୍ରଙ୍କ ଫଳ ପ୍ରକାଶ ପାଇବ।









## ୨ ମାସରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୬୫ ପ୍ରତିଶତ ହ୍ରାସ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):** ରାଜ୍ୟରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୨୬ରୁ ବିଭିନ୍ନ ପର୍ଯ୍ୟାୟରେ ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ ପ୍ରକ୍ରିୟା ଜାରି ରହିଛି। ଏହି ସମୟ ମଧ୍ୟରେ ରାଜ୍ୟରେ ସଡ଼କ ଦୁର୍ଘଟଣା ଏବଂ ଏଥିଜନିତ ମୃତ୍ୟୁ କମିବାରେ ଲାଗିଛି। ମାର୍ଚ୍ଚ ୨୪ରୁ ମେ ୩୧ ମଧ୍ୟରେ ରାଜ୍ୟରେ ୬୫ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମାର୍ଚ୍ଚ ୨୪ରୁ ମେ ୩୧ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ସଡ଼କ ଦୁର୍ଘଟଣାରେ ୩୮୪ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟପଟେ ୮୩୬ ଦୁର୍ଘଟଣା ହୋଇଥିବା ବେଳେ ୭୨୨ଜଣ ଆହତ ହୋଇଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ସମ୍ଭବ
ପରିବାରବର୍ଗ


ସତ୍ୟବ୍ରତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାବାଳିକାଙ୍କ ଗଳିତ ମୃତଦେହ ଉଦ୍ଧାର

## ୧୦ଦିନ ହେଲା ନିଖୋଜ ଥିଲେ, ହତ୍ୟା ସନ୍ଦେହ

**ନୟାଗଡ଼ ଅଫିସ, ୨୩।୭:** ନୟାଗଡ଼ ସଦର ଥାନା ଯଦୁପୁର ଗାଁର ଅଶୋକ ସାହୁଙ୍କ ଝିଅ ଅମ୍ରିତା (୬)ଙ୍କ ଗଳିତ ମୃତଦେହ ନିଖୋଜର ୧୦ଦିନରେ ଗୁରୁବାର ଉଦ୍ଧାର ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୯୮/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ନାବାଳିକାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଗତ ୧୪ ତାରିଖରେ ଅମ୍ରିତା ଦାଣ୍ଡପଟେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲେ। ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନ ଏ ନେଇ ମାନବିକ ଅଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ଶିଳ୍ପାନୁଷ୍ଠାନ କର୍ମଚାରୀଙ୍କ ପାଇଁ ୧୩ କୋଭିଡ୍ କେୟାର ସେଣ୍ଟର

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ରାଜ୍ୟରେ କାର୍ଯ୍ୟରତ ଶିଳ୍ପାନୁଷ୍ଠାନର ଅଧିକାରୀ ଏବଂ କର୍ମଚାରୀଙ୍କ ଲାଗି ୧୩ କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ରାଜ୍ୟ ସରକାରଙ୍କ ଉଦ୍ୟମରେ ବିଭିନ୍ନ ଶିଳ୍ପସଂସ୍ଥା ଏବଂ ନିଗମ କାର୍ଯ୍ୟାଳୟ ପରିସରରେ ଏଗୁଡ଼ିକ ଆରମ୍ଭ ହୋଇଛି। ଗୁରୁବାର ଅନୁଷ୍ଠିତ ଏକ ଭିଡିଓ କନ୍‌ଫରେନ୍ସିଂ ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ମୁଖ୍ୟଶାସନ ସଚିବ କହିଛନ୍ତି, ୮୦ରୁ ୮୫% କରୋନା ଆକ୍ରାନ୍ତ କୋଭିଡ୍ କେୟାର ସେଣ୍ଟରରେ ଆରୋଗ୍ୟ ଲାଭ କରିପାରିବେ। ଶିଳ୍ପାନୁଷ୍ଠାନରେ କାର୍ଯ୍ୟରତ କୌଣସି କର୍ମଚାରୀ କରୋନା ଆକ୍ରାନ୍ତ ହେଲେ ସେମାନଙ୍କୁ ସୁବିଧାରେ ଚିକିତ୍ସା ସେବା ଯୋଗାଇ ଦେବାକୁ ଏପରି କୋଭିଡ୍ କେୟାର ସେଣ୍ଟର ପ୍ରସ୍ତୁତ କରାଯାଇଛି। ଓପିସିଏଲ ପକ୍ଷରୁ ଚନ୍ଦକାରେ ୮ ଶଯ୍ୟା, ଡାଲମିଆ ସିମେଣ୍ଟ ପକ୍ଷରୁ ରାଜଗାଙ୍ଗପୁରରେ ୫୧ ଶଯ୍ୟା, ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ଲପଙ୍ଗାରେ ୮ ଶଯ୍ୟା, ହିଣ୍ଡାଲ୍‌କୋ ପକ୍ଷରୁ ହୀରାକୁଦରେ ୧୪ ଶଯ୍ୟା ପ୍ରସ୍ତୁତ କରାଯାଇଛି। ସେହିପରି ଏନଏଲ୍‌ସି ଇଣ୍ଡିଆ ଲିମିଟେଡ୍ ଝାରସୁଗୁଡାରେ ୧୫ ଶଯ୍ୟା, ପାରାଦୀପ ଫସଫେଟ ଲିମିଟେଡ ୨୦ ଶଯ୍ୟା, ପାରାଦୀପ ଇଫ୍‌କୋ ୩୫ ଶଯ୍ୟା, ଆଇଓସିଏଲ ଟାଉନଶିପ୍‌ରେ ୪୦ ଶଯ୍ୟା, ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ପୁରୀଠାରେ ୩୫ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ସ୍ଥାପନ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଇଡ୍‌କୋ ପକ୍ଷରୁ ଏମଏସଏମ୍‌ଇଗୁଡିକ ପାଇଁ ଏକ ସ୍ୱତନ୍ତ୍ର କେନ୍ଦ୍ର ସ୍ଥାପନ କରାଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତରଭୁଜ**
**ପୂରୁବ କଥାକୁ ମନେ ହେଜ**
**ପାସୋର ଗଲାଣି କୁଣ୍ଡା ବୋଝ**
**କୁଲା ବିକି ହେଲା ଚାତର**
**ବାପ ବିକୁଥିଲା କୁଲା, ଟୋକେଇ**
**ମାଆ ବିକୁଥିଲା ପତର।**

ବ୍ୟକ୍ତି ନିଜ ଅତୀତକୁ ଭୁଲି ନ ଯିବା ଉଚିତ। ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇ ଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରିବସେ। ତେବେ ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରିଆସିଛି, ତାହା ସେ ସ୍ମୃତିରେ ଆଣିବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ତୁନି କି ମୁନି ସରି ନୁହେଁ।**

ଧୈର୍ଯ୍ୟର ସହ କାର୍ଯ୍ୟ କଲେ ଅସାଧ୍ୟ ସାଧନ କରାଯାଇପାରେ ବା କାର୍ଯ୍ୟ ସଫଳ ହୋଇଥାଏ। ଧୀରସ୍ଥିର ଚିତ୍ତ ବିନା ସଫଳତା ପ୍ରାପ୍ତି ଅସମ୍ଭବ। ସେହିପରି ମୌନ ରହୁଥିବା ଲୋକ ମୁନିଠାରୁ ମଧ୍ୟ ବଡ଼ ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

### କରୋନା ଯୁଦ୍ଧରେ...

ବୋଲି କିଛି ମାନେ ନାହିଁ। ତେବେ ଏହି ଦେଶଗୁଡ଼ିକ ମଧ୍ୟରେ ଗୋଟିଏ ସମାନତା ରହିଛି। ତାହା ହେଲା ସେମାନଙ୍କ ନେତା ହେଉଛନ୍ତି ସାଧାରଣ ଲୋକଙ୍କ ଚାହିଦାକୁ ପୂରଣ କରନ୍ତି ବୋଲି ଦାବି କରୁଥିବା ଜନାଦୃତ ଏବଂ ପାରମ୍ପରିକ ରୀତିନୀତିକୁ ଭଙ୍ଗକାରୀ। ରାଜନୀତିରେ ଲୋକପ୍ରିୟତା ହାସଲର ଆଧାରଶିଳା ହେଉଛି ସମ୍ଭ୍ରାନ୍ତ ଓ ବିଶେଷଜ୍ଞଙ୍କ ପରିବର୍ତ୍ତେ ସାଧାରଣରେ ଲୋକପ୍ରିୟ ନୀତିଗୁଡ଼ିକ ଉପରେ ଅଧିକ ଜୋର୍ ଦେବା।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ ଓ ବ୍ରାଜିଲ ରାଷ୍ଟ୍ରପତି ଜୈର ବୋଲସୋନାରୋ ହୁଅନ୍ତୁ ଅଥବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରେସ ମାନୁଏଲ୍ ଲୋପେଜ୍ ଓବ୍ରାଡୋର, ଏମାନେ ସମସ୍ତେ ଚିରାଚରିତ ଧାରାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହାସହ ଜନସାଧାରଣଙ୍କୁ ସାମାଜିକ ସୁବିଧା ପ୍ରଦାନର ପ୍ରତିଶ୍ରୁତି ଦେଇ ଏମାନେ କ୍ଷମତାସୀନ ହୋଇଥିଲେ। କିନ୍ତୁ କୋଭିଡ୍-୧୯ ଭଳି ନୂଆ ରୋଗ ବିରୋଧରେ ଲଢ଼ିବା କ୍ଷେତ୍ରରେ ଏହି ଲୋକପ୍ରିୟ ନେତାମାନଙ୍କ ବିଭ୍ରାନ୍ତିକର ନୀତି ୟୁରୋପର ଜର୍ମାନୀ, ଫ୍ରାନ୍ସ ଓ ଆଇସ୍‌ଲାଣ୍ଡ ଅଥବା ଏସୀୟ ରାଷ୍ଟ୍ର ଦକ୍ଷିଣ କୋରିଆ ଓ ଜାପାନ ଭଳି ଉଦାର ଗଣତାନ୍ତ୍ରିକ ମଡେଲ ତୁଳନାରେ ଦୁର୍ବଳ ପ୍ରତୀୟମାନ ହୋଇଛି। ତେଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଫାସିବାଦକୁ ପରାଜିତ କରିବାରେ ସହାୟକ ହୋଇଥିବା ଉଦାରବାଦୀ ଗଣତନ୍ତ୍ରିକ ପଦ୍ଧତିରେ ପ୍ରତିଷ୍ଠିତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଭଳି ଅନ୍ତର୍ଜାତୀୟ ସଂସ୍ଥାର କାର୍ଯ୍ୟକାରିତା ସମ୍ପର୍କରେ ଗବେଷକମାନେ ବିଚାର କରୁଛନ୍ତି। ସେହିପରି ୩ ଦଶନ୍ଧି ପୂର୍ବେ ଶୀତଳ ଯୁଦ୍ଧ ଉପରେ ବିଜୟ ହାସଲ କରିଥିବା ଏପରି ରାଜନୈତିକ ବ୍ୟବସ୍ଥା ଦ୍ୱାରା ଏକବିଂଶ ଶତାବ୍ଦୀରେ ଜଟିଳ ଆହ୍ୱାନଗୁଡ଼ିକୁ ସାମ୍ନା କରିବା କେତେ ଦୂର ସମ୍ଭବ ସେନେଇ ମଧ୍ୟ ପର୍ଯ୍ୟାଲୋଚନା ଚାଲିଛି। କୋଭିଡ୍-୧୯ ସେହି ଦ୍ୱନ୍ଦ୍ୱକୁ ଆହୁରି ଦୃଢ଼ୀଭୂତ କରିଛି।

ୱାଶିଂଟନର ଥିଙ୍କଟ୍ୟାଙ୍କ ଇଣ୍ଟର-ଆମେରିକାନ୍ ଡାଇଲଗ୍ ଅଧ୍ୟକ୍ଷ ମାଇକେଲ ସିଫ୍ଟର କହିଛନ୍ତି, କୋଭିଡ୍-୧୯ ହେଉଛି ଏକ ଜନସ୍ୱାସ୍ଥ୍ୟ ସମସ୍ୟା। ଏଥିରୁ ମୁକ୍ତି ପାଇବାକୁ ହେଲେ ଅଧିକ ବୈଜ୍ଞାନିକ ଗବେଷଣା ଜରୁରୀ। ବୈଜ୍ଞାନିକ ଉପାୟ ଓ ବିଶେଷଜ୍ଞଙ୍କ ପରାମର୍ଶକୁ ପ୍ରତ୍ୟାଖ୍ୟାନ କରିବା ସ୍ୱଭାବ ଜନବାଦୀ ନେତାମାନଙ୍କର ରହିଆସିଛି। ମାଇକେଲ ସିଫ୍ଟର ବ୍ରାଜିଲ ସମ୍ପର୍କରେ ଅବତାରଣା କରିବାକୁ ଯାଇ ଏହି ଦେଶରେ କରୋନା ସଂକ୍ରମଣରେ ପ୍ରାୟ ୮୩,୦୦୦ ଲୋକ ପ୍ରାଣ ହରାଇଥିବା କହିଛନ୍ତି। ବ୍ରାଜିଲରେ ବିଶେଷଜ୍ଞଙ୍କ ଅଭାବ ନାହିଁ। ସେହିପରି ଆମେରିକାରେ ମଧ୍ୟ ବହୁ ବୈଜ୍ଞାନିକ ଓ ବିଶେଷଜ୍ଞ ରହିଛନ୍ତି। ତେବେ ସମସ୍ୟା ହେଉଛି ଯୁକ୍ତିଯୁକ୍ତ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରାଇବା କ୍ଷେତ୍ରରେ ଲୋକଙ୍କୁ ସୁହାଇବା ଭଳି ରାଜନୀତି ପ୍ରତିବନ୍ଧକ ସାଜୁଛି। ବିଜ୍ଞାନ ସମ୍ମତ ଉପାୟଗୁଡ଼ିକୁ ଆପଣାଯାଇଥିଲେ କରୋନା ଭାଇରସ୍ ମୁକାବିଲା କ୍ଷେତ୍ରରେ ସଫଳତା ମିଳିପାରିଥାଆନ୍ତା କିମ୍ବା ଏହି ମହାମାରୀ ବିରୋଧରେ ଅନ୍ତତଃ ଅଧିକ ପ୍ରଭାବଶାଳୀ ଢଙ୍ଗରେ ଲଢ଼ାଯାଇ ପାରିଥାଆନ୍ତା।

ଆମେରିକା, ବ୍ରାଜିଲ, ବ୍ରିଟେନ ଓ ମେକ୍ସିକୋର ନେତାମାନେ ଆରମ୍ଭରୁ କରୋନା ମୁକାବିଲାରେ ବୈଜ୍ଞାନିକଙ୍କ ପରାମର୍ଶକୁ ଅଣଦେଖା କରିଛନ୍ତି। ଜନ୍ସ ହୋପ୍‌କିନ୍ସ ୟୁନିଭର୍ସିଟି ଅନୁସାରେ ସାରା ବିଶ୍ୱରେ କରୋନା ସଂକ୍ରମଣରେ ଅଦ୍ୟାବଧି ୬,୩୧,୦୦୦ ଜଣ ପ୍ରାଣ ହରାଇଲେଣି। ମୃତକଙ୍କ ମଧ୍ୟରୁ ଅଧା କେବଳ ଏହି ୪ ଦେଶରେ ରହିଛନ୍ତି। ଇତିମଧ୍ୟରେ ଭାରତରେ କରୋନା ମୃତ୍ୟୁସଂଖ୍ୟା ୩୦ ହଜାର ଟପିଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୧୨ ଲକ୍ଷ ୬୦ ହଜାରରୁ ଊର୍ଦ୍ଧ୍ୱ।

ଆମେରିକାରେ ଟ୍ରମ୍ପ ଓ ବ୍ରାଜିଲରେ ବୋଲସୋନାରୋ ଏହି ରୋଗକୁ ନ୍ୟୂନ ମନେକରିଆସିଛନ୍ତି। ସେମାନେ ନିଜ ଦେଶର ଲୋକଙ୍କୁ ଆଧାରହୀନ ଉପାୟ ଆପଣାଇବା ପାଇଁ ପରାମର୍ଶ ଦେବା ସହ ବୈଜ୍ଞାନିକ ଓ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ କଥାକୁ ଅଣଦେଖା କରିଛନ୍ତି। ନିଜ ନିଜ ଦେଶ ପାଇଁ ଏକ ସ୍ଥିର କରୋନା ନିରୋଧୀ ରଣନୀତି ପ୍ରଣୟନ ଓ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ସେମାନେ ରାଜ୍ୟସ୍ତରୀୟ ଓ ସ୍ଥାନୀୟ ନେତାମାନଙ୍କ ଉପରେ ଲଢ଼େଇର ନେତୃତ୍ୱ ଛାଡ଼ିଦେଇଥିବା ଦେଖିବାକୁ ମିଳିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ ଲକ୍‌ଡାଉନ୍ ନିଷ୍ପତ୍ତି ନେବାରେ ବିଳମ୍ବ କରିଥିଲେ ଯେତେବେଳେ କି ଏହି ମହାମାରୀ ୟୁରୋପୀୟ ମହାଦ୍ୱୀପକୁ ଦ୍ରୁତ ଭାବେ ମାଡ଼ିଚାଲିଥିଲା। ବୋରିସ୍ ନିଜେ କରୋନା ସଂକ୍ରମିତ ହେବା ପରେ ଏହା ବିରୋଧରେ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ତତ୍ପର ହୋଇଥିଲେ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍‌ଡାଉନ୍ ଓ ଶଟଡାଉନ୍ ଘୋଷଣା କ୍ଷେତ୍ରରେ ଅନ୍ୟ ନେତାମାନଙ୍କଠାରୁ ଆଗରେ ରହିଛନ୍ତି। ଏହାସତ୍ତ୍ୱେ କେତେକ ଭୁଲ୍ ନୀତି ଯୋଗୁ ଦେଶରେ ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ଜର୍ଜଟାଉନ୍ ୟୁନିଭର୍ସିଟିର ଅର୍ଥନୀତି ପ୍ରଫେସର ଜିଷ୍ଣୁ ଦାସଙ୍କ ମତରେ କରୋନା ମୁକାବିଲା କ୍ଷେତ୍ରରେ ବିଶ୍ୱର ଦୁଇ ବୃହତ୍ ଗଣତନ୍ତ୍ର ଭାରତ ଓ ଆମେରିକା ମଧ୍ୟରେ ଅନେକ ସମାନତା ରହିଛି। ଉଭୟ ଦେଶରେ ବିଜ୍ଞାନ ଓ ତଥ୍ୟ ଉପରେ ଘୋର ଅନାସ୍ଥା ଭାବ ରହିଛି। ଏଥିଯୋଗୁ ଏହାର ନିରାକରଣ କ୍ଷେତ୍ରରେ କାର୍ଯ୍ୟରତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ବିଶ୍ୱର ଷଷ୍ଠ ଜନସଂଖ୍ୟା ବିଶିଷ୍ଟ ଦେଶ ବ୍ରାଜିଲକୁ କରୋନା କବଳିତ କରିବା ପରେ ରାଷ୍ଟ୍ରପତି ବୋଲସୋନାରୋ କ୍ରମାଗତ ଭାବେ ଭୂତାଣୁକୁ ଏକ 'ଛୋଟ ଫ୍ଲୁ' ଆଖ୍ୟା ଦେଇ ଅଣଦେଖା କଲେ। ଶଟ୍‌ଡାଉନ ଜାରି କଲେ ଦେଶବାସୀଙ୍କୁ ରୋଗ ଅପେକ୍ଷା ଅଧିକ ମୂଲ୍ୟ ଦେବାକୁ ପଡ଼ିବ ବୋଲି ସେ ଯୁକ୍ତି ବାଢ଼ିଥିଲେ। ଶେଷରେ ବୋଲସୋନାରୋ ନିଜେ କରୋନା ସଂକ୍ରମିତ ହେଲେ। ଏହା ପରେ ତାଙ୍କ ସରକାର ଏହି କ୍ଷେତ୍ରରେ ୨୨ ବିଲିୟନ୍ ଡଲାର ପଇଠ କରି ଦେଶର ଅର୍ଦ୍ଧାଧିକ ଲୋକଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଲାଭାନ୍ୱିତ କରିଛନ୍ତି। ମେକ୍ସିକୋରେ ଅଦ୍ୟାବଧି ୪୧,୧୯୦ ଜଣ କରୋନାରେ ସଂକ୍ରମିତ ହୋଇ ପ୍ରାଣ ହରାଇଛନ୍ତି। ଦେଶରେ ଭାଇରସ୍ ସଂକ୍ରମଣ ବଢ଼ିଚାଲିଥିବା ସତ୍ତ୍ୱେ ରାଷ୍ଟ୍ରପତି ଲୋପେଜ୍ ଓବ୍ରାଡୋର ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବା ପାଇଁ ଉଦ୍ୟମ କରୁଥିଲେ।

ଗତ ସପ୍ତାହରେ ୟୁରୋପିଆନ୍ ପାର୍ଲାମେଣ୍ଟରେ ଜର୍ମାନୀ ଚାନ୍ସଲର ଆଞ୍ଜେଲା ମର୍କେଲ ବକ୍ତବ୍ୟ ରଖି ନିରନ୍ତର ନେତୃତ୍ୱ, ସାମୁଦାୟିକ ଉତ୍ସାହ ଓ ଗଣତାନ୍ତ୍ରିକ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏକ ଗଣତନ୍ତ୍ରରେ ତଥ୍ୟ ଓ ସ୍ୱଚ୍ଛତା ଜରୁରୀ ବୋଲି ମର୍କେଲ କହିଥିଲେ। ୮୪ ନିୟୁତ ଜନସଂଖ୍ୟା ବିଶିଷ୍ଟ ଜର୍ମାନୀ(ଆମେରିକାର ଏକଚତୁର୍ଥାଂଶ)ରେ ମାତ୍ର ୯,୧୮୨ ଲୋକଙ୍କ କୋଭିଡ୍-୧୯ ଯୋଗୁ ମୃତ୍ୟୁ ଘଟିଛି। ଏହା ତୁଳନାରେ ହିସାବ କଲେ ଆମେରିକାରେ ମୃତ୍ୟୁସଂଖ୍ୟା ୧୪୬,୧୯୮ ଟପିସାରିଛି ଏବଂ ଏହି ଧାରା ଜାରି ରହିଛି।

### ଅଟାକଳର ୬୨...

ବିଏମ୍‌ସି ସୂଚନା ଦେଇଛି। ଅଟାକଳରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ସଂସ୍ପର୍ଶରେ ଆସି ବୁଧବାର ୨୬ ଜଣ ଓ ଗୁରୁବାର ୩୫ ଜଣ ଚିହ୍ନଟ ହୋଇଥିବାବେଳେ ବିଏମ୍‌ସି ଉକ୍ତ ଅଟାକଳ ନିକଟରେ ଥିବା ଅନ୍ୟ ଶିଳ୍ପ ସଂସ୍ଥଗୁଡ଼ିକର ଶ୍ରମିକଙ୍କ ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖିଥିବା ଜଣାପଡ଼ିଛି। ସମସ୍ତ ଚିହ୍ନଟଙ୍କୁ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯିବା ସହ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଏକ ଅଟାକଳରୁ ଏତେ ସଂଖ୍ୟାରେ ପଜିଟିଭ୍ ଚିହ୍ନଟ ହେବାପରେ ସ୍ଥାନୀୟ ମଞ୍ଚେଶ୍ୱରବାସୀ ଭୟରେ ଘରୁ ବାହାରୁ ନ ଥିବା ଜଣାପଡ଼ିଛି। ଗତ ୭ଦିନରେ ରାଜ୍ୟରେ ୧୯୦୭ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୧୭ତାରିଖରେ ୨୩୯ଜଣ, ୧୮ରେ ୧୯୭, ୧୯ରେ ୨୫୫, ୨୦ରେ ୨୨୭, ୨୧ରେ ୨୧୬, ୨୨ରେ ୩୫୭ ଓ ଗୁରୁବାର ସର୍ବାଧିକ ୪୧୭ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଟେଷ୍ଟ ଅଧିକ ହେଉଥିବାରୁ ଅଧିକ ସଂଖ୍ୟକ ପଜିଟିଭ୍ ଚିହ୍ନଟ ହେଉଥିବା ରାଜ୍ୟ ସରକାର ପ୍ରକାଶ କରୁଛନ୍ତି। ହେଲେ ଏହାକୁ ଯଦି ରୋକା ନ ଯାଏ ତେବେ ଆଗକୁ ବିସ୍ଫୋରକ ସ୍ଥିତି ସୃଷ୍ଟି ହୋଇପାରେ ବୋଲି

ବିଶେଷଜ୍ଞମହଲରେ ମତପ୍ରକାଶ ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗୁରୁବାର ମିଳିଥିବା ତଥ୍ୟ ଅନୁସାରେ ଗତ ୨୪ଘଣ୍ଟାରେ ରାଜ୍ୟରେ କରୋନାରେ ଆଉ ୬ ଜଣଙ୍କ ମୃତ୍ୟୁ ଘଟିଛି। ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୧୪କୁ ବୃଦ୍ଧି ପାଇଥିବାବେଳେ ମୃତ ୬ଜଣଙ୍କ ମଧ୍ୟରୁ ୫ଜଣ ଗଞ୍ଜାମର ଓ ଜଣେ ଖୋର୍ଦ୍ଧାର ହୋଇଥିବା ଜଣାପଡ଼ିଛି। ୫ ମୃତକଙ୍କୁ ମିଶାଇ କେବଳ ଗଞ୍ଜାମରେ ମୃତ୍ୟୁ ସଂଖ୍ୟା ୬୭କୁ ବୃଦ୍ଧିପାଇଥିବାବେଳେ ଖୋର୍ଦ୍ଧାରେ କରୋନା ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ସେହିପରି ଗତ ୨୪ଘଣ୍ଟା ମଧ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ ଜିଲାରୁ ସର୍ବାଧିକ ୫୪୦ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲା ୧୩୭, ରାୟଗଡ଼ା ୮୪, ଗଜପତି ୭୪, ନୟାଗଡ଼ ୬୧, ସୁନ୍ଦରଗଡ଼ ୬୦, କଟକ ୪୭, ଭଦ୍ରକ ୩୦, କନ୍ଧମାଳ ୨୯, କୋରାପୁଟ ୨୭, କେନ୍ଦୁଝର ୨୫, ବରଗଡ଼ରୁ ୨୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ପୁରୀ ଜିଲାରୁ ୨୨, ସମ୍ବଲପୁର ୨୦, ଯାଜପୁର ୧୭, ମୟୂରଭଞ୍ଜ ୧୫, ବାଲେଶ୍ୱର ୯, କେନ୍ଦ୍ରାପଡ଼ା ୮, କଳାହାଣ୍ଡି ଓ ଅନୁଗୋଳରୁ ୭ ଜଣ ଲେଖାଏ, ଢେଙ୍କାନାଳ ୬, ଜଗତ୍‌ସିଂହପୁର ଓ ନବରଙ୍ଗପୁରରୁ ୪ ଜଣ ଲେଖାଏ, ଝାରସୁଗୁଡ଼ା ୩, ବୌଦ୍ଧ ୨, ବଲାଙ୍ଗୀର ଓ ନୂଆପଡ଼ା ଜିଲାରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୃତକ ଓ ଆକ୍ରାନ୍ତଙ୍କ ବ୍ୟତୀତ ଗୁରୁବାର ରାଜ୍ୟର ୨୦ଟି ଜିଲାରୁ ୬୪୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଗଞ୍ଜାମ ଜିଲାରୁ ସର୍ବାଧିକ ୪୦୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ଖୋର୍ଦ୍ଧାରୁ ୪୪ ଜଣ, ବାଲେଶ୍ୱରରୁ ୩୧, ମୟୂରଭଞ୍ଜରୁ ୨୮, କଟକରୁ ୨୭, ଜଗତସିଂହପୁରରୁ ୧୫, କନ୍ଧମାଳ ଓ ବରଗଡ଼ରୁ ୧୪, ଢେଙ୍କାନାଳ ଓ କେନ୍ଦୁଝରରୁ ୧୧, ଭଦ୍ରକରୁ ୮, ଗଜପତିରୁ ୬, ବଲାଙ୍ଗୀର ଓ ଝାରସୁଗୁଡ଼ାରୁ ୫, ଯାଜପୁର ଓ ସୁନ୍ଦରଗଡ଼ରୁ ୪ ଜଣ, ସମ୍ବଲପୁରରୁ ୨ ଜଣ ଓ ଅନୁଗୋଳ ଜିଲାରୁ ଜଣେ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

### ହସ୍ପିଟାଲରେ...

କରାଯାଇଥିବା ସୂଚନା ମିଳିଛି। ରାଜଭବନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ୭୮ବର୍ଷୀୟ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ନିଜର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଉକ୍ତ ଘରୋଇ ହସ୍ପିଟାଲକୁ ଯାଇଥିଲେ। ତେବେ ଅଧିକ ଚେକ୍‌ଅପ୍‌ର ଆବଶ୍ୟକତା ଥିବାରୁ ଡାକ୍ତର ତାଙ୍କୁ ହସ୍ପିଟାଲରେ ରହିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ରହିଛି। ଶୁକ୍ରବାର ଆବଶ୍ୟକ ଚିକିତ୍ସା ପରେ ସେ ହସ୍ପିଟାଲରୁ ରାଜଭବନକୁ ଫେରିବେ ବୋଲି କୁହାଯାଇଛି।

### ବିନିକାରେ ଟ୍ରିପଲ୍...

ଖବରପାଇ ବିନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପାରିପାର୍ଶ୍ୱିକ ଘଟଣାର ଭିଡିଓ ଫୁଟେଜ ନେଇଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢି ଓ ପନିକି ଜବତ କରିଛି। ଏହି ଘଟଣା ବିନିକା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପ୍ରକାଶ ଯେ, ଗୁଲୁଙ୍କର ୨ ଝିଅ ଏବଂ ଯାଆଁଳା ପୁଅ ଶିବ ଓ ଶଙ୍କର। ପୈତୃକ ସମ୍ପତ୍ତି କହିଲେ ଅଧ ଏକର ଜମି। ଶଙ୍କର ତାମିଲନାଡୁରେ କାମ କରନ୍ତି। ୨ ପୁଅ ଅବିବାହିତ ଥିବା ବେଳେ ୨ ଝିଅ ବିବାହିତ। ବଡ ଝିଅ ଅହଲ୍ୟା(୪୩)ଙ୍କ ବିବାହ ସ୍ଥାନୀୟ ସାହାଜବାହାଲ ଗ୍ରାମରେ ହୋଇଥିବା ବେଳେ ସାନ ଝିଅ ମୀରା(୩୮) ୯ ବର୍ଷ ତଳେ ମଧ୍ୟପ୍ରଦେଶ ଜିଲା ଲଳିତପୁରର ପପୁ ନାମକ ଜଣେ ଯୁବକଙ୍କୁ ବିବାହ କରିଥିଲେ। ତେବେ ପପୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରି ମୀରା କିଛି ବର୍ଷ ପୂର୍ବରୁ ଲଳିତପୁରସ୍ଥିତ ଶାଶୁ ଘର ଛାଡି ବାପ ଘର ଗାଁକୁ ଚାଲି ଆସିଥିଲେ। ହେଲେ ୨ ବର୍ଷ ତଳେ ନିଜ ଛୁଆକୁ ଧରି ମୀରା ବାପଘର ଛାଡି କେଉଁଆଡେ ଚାଲି ଯାଇଛନ୍ତି। ତେଣୁ ପପୁ ଅନେକ ଥର ଶ୍ୱଶୁର ଘରକୁ ଆସି ମୀରା କେଉଁ ଆଡେ ଗଲା ପଚାରି ପାଟିତୁଣ୍ଡ କରୁଥିଲେ। ଏପରି କି ଶାଶୁ, ଶ୍ୱଶୁର ଓ ଶଳାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଆସୁଥିଲେ। ତେଣୁ ପପୁ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ବିନିକା ଥାନାରେ ମୃତ ଗୁଲୁଙ୍କ ପୁତୁରା ରବୀନ୍ଦ୍ର ଭୋଇ ଲିଖିତ ଅଭିଯୋଗ କରିଛନ୍ତି। ସେ ସକାଳୁ ଚାଷ ଜମିକୁ ଯିବା ବେଳେ ଏହି ହତ୍ୟାକାଣ୍ଡ ସମ୍ପର୍କରେ ଜାଣି ପରିବାର ଲୋକ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ପୂର୍ବାହ୍ନ ୧୦ଟାରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଅପରାହ୍ନରେ ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଆସି ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରି ତଦନ୍ତ ଚଳାଇଛି। ଏସ୍‌ପି ଦେବୀ ପ୍ରସାଦ ଦାଶ, ସୋନପୁର ଏସ୍‌ଡିପିଓ ମିହିର କୁମାର ପଣ୍ଡା ଓ ବିନିକା ଆଇଆଇସି ନିରଞ୍ଜନ ଦାଶ ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ। ବିନିକା ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ୧୮୭/୨୦ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଏହି ହତ୍ୟାକାଣ୍ଡରେ ଜଣେ ବା ଏକାଧିକ ଲୋକ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ ଚାଲିଥିବା ଆଇଆଇସି ଦାଶ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ପୋଲିସ ମୁତୟନ ରହିଛି।

### ସାତକୋଶିଆରୁ ୩ ଗାଁ...

ପଦକ୍ଷେପ ନିଆଯିବ। ସେମାନଙ୍କ ପାଇଁ ପାନୀୟ ଜଳ, ସ୍ୱତନ୍ତ୍ର ବିଦ୍ୟୁତ୍ ବ୍ୟବସ୍ଥା କରାଯିବ। ଅନ୍ୟପକ୍ଷରେ ଗ୍ରାମବାସୀ ପୂର୍ବସ୍ଥାନରୁ ହଟିଗଲେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଅଧିକ ୫୦ ଏକର ଜାଗା ମିଳିପାରିବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି।

#### ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ପଦକ୍ଷେପ



ସାତକୋଶିଆ ଅଭୟାରଣ୍ୟର ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ଏପରି ଯୋଜନା ଚାଲିଛି। ବନଖଣ୍ଡରୁ ୩ଟି ଗ୍ରାମବାସୀଙ୍କୁ ବିସ୍ଥାପନ କରାଯିବା ନିମନ୍ତେ ସେମାନଙ୍କ ସହ ଆଲୋଚନା କରାଯାଉଛି। ଉକ୍ତ ଗ୍ରାମବାସୀଙ୍କୁ ନୂଆ ରାଇଗୁଡ଼ାବାସୀଙ୍କ ଭଳି ସୁବିଧା ଦିଆଯିବ। ସରକାରଙ୍କ ପକ୍ଷରୁ ପ୍ରତି ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା ସହ ଘର ଯୋଗାଇ ଦିଆଯିବ।

- ରାମାସ୍ୱାମୀ.ପି, ଡିଏଫ୍‌ଓ, ସାତକୋଶିଆ ବନଖଣ୍ଡ

#### ବିଫଳତାରୁ ଶିକ୍ଷା ନେବା ଉଚିତ



ପୂର୍ବରୁ ବିସ୍ଥାପିତ ହୋଇଥିବା ଲୋକଙ୍କୁ ଏଯାଏ ଭଲଭାବେ ଥଇଥାନ କରାଯାଇ ନାହିଁ। ଏବେ ପୁଣି ୩ଟି ଗାଁ ଉଚ୍ଛେଦ ପାଇଁ ଯୋଜନା କରାଯାଉଛି। ଜଙ୍ଗଲ ମଧ୍ୟରେ ଗାଁ ରହିଲେ ବନ୍ୟପ୍ରାଣୀ ସୁରକ୍ଷିତ ରହିପାରିବେ। ବିଫଳ ବ୍ୟାଘ୍ର ପ୍ରକଳ୍ପରୁ ବିଭାଗ ଶିକ୍ଷା ନେବା ଉଚିତ।

- ସ୍ୱପ୍ନା ଷଡ଼ଙ୍ଗୀ, ପରିବେଶବିତ

#### ବିସ୍ଥାପିତ ହେବାକୁ ଚାହୁଁ ନାହୁଁ



ବିସ୍ଥାପିତ ହେବାକୁ ଗ୍ରାମବାସୀ ଚାହୁଁ ନାହାନ୍ତି। ସରକାର ତାଙ୍କ ଯୋଜନା ବନ୍ଦ କରନ୍ତୁ। ଖଣି ଖାଦାନ ପାଇଁ ବିସ୍ଥାପନ ନୀତି ଅଲଗା ଥିବାବେଳେ ଜଙ୍ଗଲ ବିଭାଗ ଏହି ଜଙ୍ଗଲୀ ଲୋକଙ୍କୁ ଭୁଆଁ ବୁଲାଉଛି। ପୁରୁଣା ଗାଁ ବଦଳରେ କିଛି ଟଙ୍କା ମିଳିବ ସତ ହେଲେ ତାହା ସରିଗଲେ ଭିକାରୀ ହୋଇ ସେମାନେ ଦାଣ୍ଡରେ ବୁଲିବେ।

- ଜନାର୍ଦ୍ଦନ ସାହୁ, ସଭାପତି, ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତି

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର କେନ୍ଦ୍ରରେ ଶୁକ୍ର ଥିବାରୁ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ବନ୍ଧୁମିଳନ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ। ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ। ଅନ୍ତରଙ୍ଗ ବନ୍ଧୁଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ।

**ବୃଷ** ରାହୁ ଓ ବୁଧ ଧନସ୍ଥ ଯୋଗୁ ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କିତ ବିବାଦ ଦେଖାଦେଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। କଳା, ସାହିତ୍ୟ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ** ନିଜ କାମ ପଛକୁ ପକାଇ ଅସୁବିଧାରେ ଥିବା ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ସାଧାରଣ ଘଟଣାକୁ ଅତିରଞ୍ଜିତ କରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ମିଥୁନ ଓ ଧନୁରାଶି ପାପଯୁକ୍ତ ହେତୁ ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମା ଅମୀମାଂସୀତ ରହିବ।

**କର୍କଟ** ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି। ଚନ୍ଦ୍ର ମୁଖଭାବସ୍ଥ ଯୋଗୁ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବାରୁ ଖୁସି ରହିବେ। ଦୀର୍ଘଦିନର ଟେନ୍‌ସନ କମିଯିବ, ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ।

**ସିଂହ** ବ୍ୟୟାଧିପ ରାଶିରେ ବ୍ୟୟବହୁଳତା ସାଙ୍ଗକୁ ଦୂରଯାତ୍ରା ପାଇଁ ରାସ୍ତା ଉନ୍ମୁକ୍ତ କରିପାରନ୍ତି। ବିଭିନ୍ନ ପ୍ରକାର ସମସ୍ୟା ଜାଲରେ ଛନ୍ଦିହୋଇ ମାନସିକ ସନ୍ତୁଳନ ହରାଇବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପାରିବାରିକ ସ୍ଥିରତା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** ବୁଧ ପାପଗ୍ରହଯୁକ୍ତ ହେତୁ ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ କାମଗୁଡ଼ିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିବେ। ହସ୍ତା ନକ୍ଷତ୍ରକୁ ନିକଟ ସମ୍ପର୍କୀୟମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ବହୁଦିନରୁ ଅଟକି ରହିଯାଇଥିବା ଅର୍ଥ ଲାଭରୁ ଖୁସି ରହିବେ।

**ତୁଳା** ସ୍ଥଗିତ କାମ ସକାଶେ ଅନ୍ୟର ସାହାଯ୍ୟ ଲୋଡ଼ିବାକୁ ବାଧହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ,ଅନ୍ୟଥା ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ କିନ୍ତୁ ପ୍ରତିବନ୍ଧକ ଲାଗି ରହିବ। ବିଶାଖା ନକ୍ଷତ୍ର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା** ଅନ୍ୟମନସ୍କତାଜନିତ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ବନ୍ଧୁମାନଙ୍କ ଗହଣରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧହୋଇପାରନ୍ତି।

**ଧନୁ** ମୂଳା ନକ୍ଷତ୍ରର ବିଭିନ୍ନ ବିଷୟରେ ଚିନ୍ତାକରି ମନଟା ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହା କି ଅଶାନ୍ତିକୁ ନିମନ୍ତ୍ରଣ କରିପାରେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କେତୁଗ୍ରହ ଯୁକ୍ତ ବୃହସ୍ପତିଜନିତ ଦୈହିକ ଦୁର୍ବଳତା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିବ।

**ମକର** ଶ୍ରବଣା ନକ୍ଷତ୍ରର ଚେଷ୍ଟା କରୁଥିବା କାମରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ପଡ଼ୋଶୀ କେହି ପ୍ରତିବାଦ କରି ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଶିକ୍ଷା, ପରୀକ୍ଷା, ସନ୍ତାନ, ଲେଖାପଢ଼ା, ଆଲୋଚନା ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହେବେ।

**କୁମ୍ଭ** ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ। ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସରକାରୀ କାମରେ ବିଶେଷ ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମୀନ** ଉପରିସ୍ଥଙ୍କ ସାହାଯ୍ୟରୁ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନ୍‌ସନ କମିଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ ସମସ୍ୟା ଆସିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ।

ଆଜି ଶ୍ରାବଣ ଶୁକ୍ଳ ଚତୁର୍ଥୀଯୁକ୍ତ ୫ମୀ ଶୁକ୍ରବାର, ଜାଗ୍ରତଗୌରୀ ପଞ୍ଚମୀ, ଜୁଲାଇ ୨୪ ତାରିଖ, ଆୟକର ଦିବସ, ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ, ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ, ୫ମୀର ପାର୍ବଣଶ୍ରାଦ୍ଧ। ଦିବା ଘ୦୫।୨୩ମି. ଗତେ ଘ.୦୬।୧୫ମି. ମଧ୍ୟେ, ଘ.୦୭।୦୭ମି. ଗତେ ଘ.୦୯।୪୩ମି. ମଧ୍ୟେ, ଘ.୧୨।୧୯ମି. ଗତେ ଘ.୦୨।୫୫ମି. ମଧ୍ୟେ, ଘ.୦୪।୩୯ମି.ଗତେ ଘ.୦୬।୨୩ମି. ମଧ୍ୟେ, ସନ୍ଧ୍ୟା ଘ.୦୭।୫୧ମି. ଗତେ ଘ.୦୯।୧୯ମି. ମଧ୍ୟେ, ରାତ୍ରି ଘ.୦୧।୪୩ମି. ଗତେ ଘ.୦୩।୧୧ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯।୧୯ମି. ଗତେ ଘ.୧୦।୦୩ମି. ମଧ୍ୟେ, ଘ.୦୩।୧୧ମି. ଗତେ ଘ.୦୩।୫୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୧୫ମି. ଗତେ ଘ.୧୧।୫୩ମି. ମଧ୍ୟେ ରାହୁକାଳ।


classifieds Everyday 0674-2580101, 2549302







**SALE**

ଭୁବନେଶ୍ୱର ଫୁଲନଖରା ଏବଂ ଭିଙ୍ଗାରପୁର ସୁଧାନନ୍ଦ କଲେଜ ପାଖରେ ଘରବାରି ପ୍ଲଟ୍ ମିଳୁଅଛି। 8093465134. D-69132

**Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex- 9439889903.** D-69133

3072sqft. residential plot with clear documents and demarcation boundary at-near AIIMS, Bhubaneswar, (price negotiable). Contact: 8599086528. D-69704

**Hotel Rooms for Self Quarantine with all facilities in Bhubaneswar. Contact: 9776048587.** D-67559

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଧରିତ୍ରୀ
DHARITRI
ଶୁକ୍ରବାର, ୨୪ ଜୁଲାଇ, ୨୦୨୦

## କନ୍ଧମାଳରେ ଶଟ୍‌ଡାଉନ୍ ୨ ଦିନ ବଢ଼ିଲା

**ଫୁଲବାଣୀ ଅଫିସ:** କନ୍ଧମାଳ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଜିଲାପାଳ ଡ. ବୃନ୍ଦା ଡି. ପୂର୍ବରୁ ସପ୍ତାହାନ୍ତ ଶଟ୍‌ଡାଉନ୍ ଘୋଷଣା କରିଥିଲେ। ତେବେ ବର୍ତ୍ତମାନର ସ୍ଥାନୀୟ ସଂକ୍ରମିତଙ୍କ ସଂଖ୍ୟାକୁ ଦେଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଜିଲାପାଳ ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ୍‌କୁ ଆଉ ୨ ଦିନ ବଢ଼ାଇଛନ୍ତି। ଆସନ୍ତା ଶନିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଜିଲା ଶଟ୍‌ଡାଉନ୍‌ରେ ରହିବ। ଏହି ନିର୍ଦ୍ଦେଶନାମାକୁ କଡାକଡି ପାଳନ କରାଯିବ ବୋଲି ଜଣାପଡ଼ିଛି।



## ସଂକ୍ଷେପରେ

### ସମବାୟ ସମିତି ସମ୍ପାଦକଙ୍କ ଆତ୍ମହତ୍ୟା

**ବାଲେଶ୍ୱର ଅଫିସ, ୨୩।୭:** ବାଲେଶ୍ୱର ଜିଲା ହଳଦୀପଦା ରେଳଷ୍ଟେଶନ କିଛି ଦୂରରେ ପଣପଣା ସମବାୟ ସମିତି ସମ୍ପାଦକ ପ୍ରଦୀପ କୁମାର ଦାସ (୩୬) ଗୁରୁବାର ଆତ୍ମହତ୍ୟା କରିଛନ୍ତି। ଏନେଇ ଜିଆରପି ଥାନାରେ ମାମଲା (ନଂ. ୩୧/୨୦) ରୁଜୁ କରାଯାଇ ମୃତଦେହ ଉଦ୍ଧାର କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ପରିକ୍ଷୀତ ନାୟକ ସୂଚନା ଦେଇଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ସମ୍ପାଦକ ଦାସ ରେଳଲାଇନ୍‌ରେ ଛିଡ଼ା ହୋଇଥିବା ବେଳେ ବାଲେଶ୍ୱରରୁ କଲିକତା ଆଡ଼କୁ ଯାଉଥିବା ମାଲବାହୀ ଟ୍ରେନ୍ ତାଙ୍କ ଉପରେ ମାଡିଯାଇଥିଲା। ବାଲେଶ୍ୱର ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ମୃତକ ଦାସ ପଣପଣା ସମବାୟ ସମିତିରୁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ମାମଲାରେ ଜଡ଼ିତ ଥିଲେ। ଏବେ ଏହି ଘଟଣାର ତଦନ୍ତ ଚାଲିଛି।

### ବଜ୍ରପାତରେ ମା ମୃତ, ଝିଅ ଗୁରୁତର

**ଖୁଣ୍ଟା, ୨୩।୭(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ମାହାଲିବସା ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ଝିଅ ଗୁରୁତର ଆହତ ହୋଇଛନ୍ତି। ଚାଷକାମ ସାରି ଉଭୟ ଘରକୁ ଫେରୁଥିବା ବେଳେ ଏହି ଅଭାବନୀୟ ଘଟଣା ଘଟିଥିଲା। ମୃତକ ହେଲେ ହାଡ଼ିଆ ମୁର୍ମୁଙ୍କ ସ୍ତ୍ରୀ ମାଳତୀ ଓ ଆହତ ସେହି ଗ୍ରାମର ତାଙ୍କ ବିବାହିତ ଝିଅ ସୁକାନ୍ତି ମୁର୍ମୁ। ଚିକିତ୍ସା ପାଇଁ ସୁକାନ୍ତୀଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଖୁଣ୍ଟା ପୋଲିସ ମୃତଦେହ ଜବତ କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### କରୋନାରେ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ, ୨୩।୭:** ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ରୁ ଅବସର ନେବା ପରେ ଜଣେ ସହକାରୀ ଯନ୍ତ୍ରୀ କରୋନା ପରିଚାଳନା କାର୍ଯ୍ୟରେ ନିୟୋଜିତ ଥିଲେ। ଗୁରୁବାର ତାଙ୍କର କରୋନାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେ ହେଲେ କୈଳାସ ଚନ୍ଦ୍ର ନାୟକ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚାଇଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୃତ ସହକାରୀ ଯନ୍ତ୍ରୀଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା କରିବା ସହ ତାଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ପରିବାର ବର୍ଗଙ୍କୁ ମଧ ଶୋକ ବାର୍ତ୍ତାରେ ସମବେଦନା ଜଣାଇଛନ୍ତି।

### 'କରୋନା ସଂକ୍ରମିତ ହେଲେ ତୁରନ୍ତ ଜଣାଅ'

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):** ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଯେପରି କରୋନା ସଂକ୍ରମଣ ନ ହେବ ସେନେଇ ରାଜ୍ୟ ସରକାର ଯଥାଚିତ ଉଦ୍ୟମ ଜାରି ରଖିଛନ୍ତି। ଲକ୍‌ଡାଉନ ଆରମ୍ଭରୁ ସରକାରୀ କାର୍ଯ୍ୟାଳୟଗୁଡିକରେ ଏକ ପ୍ରକାର କର୍ମଚାରୀଙ୍କ ଆସିବାକୁ ଅନେକ ନିୟମ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଧିକ ସଂଖ୍ୟାରେ କର୍ମଚାରୀ ଅଫିସ ଆସିବା ନେଇ ବୃଦ୍ଧି କରାଯାଇଥିଲା। ବର୍ତ୍ତମାନ ସଂକ୍ରମଣ ବଢୁଥିବାରୁ ପୁନର୍ବାର କେବଳ ଭୁବନେଶ୍ୱର ଏବଂ କଟକ ଛାଡ଼ି ଅନ୍ୟ କୌଣସି ସ୍ଥାନରୁ କର୍ମଚାରୀମାନେ ରାଜଧାନୀର ମୁଖ୍ୟ ଅଫିସ୍‌ଗୁଡିକୁ ଆସିବେ ନାହିଁ ବୋଲି କୁହାଯାଇଛି। ସେହିପରି ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ କୁହାଯାଇଛି, କିଛିଦିନ ମଧ୍ୟରେ ଲୋକସେବା ଭବନର ବହୁ କର୍ମଚାରୀ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ତାହା ଠିକ୍‌ରେ ଜଣାପଡୁନାହିଁ। ତେଣୁ ଯଦି କୌଣସି ସରକାରୀ କାର୍ଯ୍ୟାଳୟରେ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି ତେବେ ତୁରନ୍ତ ଏହି ଖବର ସରକାରଙ୍କୁ ଜଣାଇବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଆଲୋଚନା କରି ନିର୍ଦ୍ଦେଶନାମା ଉକ୍ତ କର୍ମସଂସ୍ଥାନରେ ମରାଯିବା।

**ସରକାରୀ କାର୍ଯ୍ୟାଳୟ ଲାଗି ନୂଆ ବିଜ୍ଞପ୍ତି**

# ୟୁଜିସି ଗାଇଡ୍‌ଲାଇନ୍‌ର ପୁନର୍ବିଚାର କରାଯାଉ

**ୟୁଜି, ପିଜି ପରୀକ୍ଷା ବାଧ୍ୟତାମୂଳକ ପ୍ରସଙ୍ଗ**
- କେନ୍ଦ୍ରମନ୍ତ୍ରୀଙ୍କୁ ପୁଣି ଚିଠି ଲେଖିଲେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ
- ଶିକ୍ଷାବର୍ଷ ବାଧାପ୍ରାପ୍ତ ହେବ, ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ବିଗିଡ଼ିଯିବ
- ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥାକୁ ଅନୁମତି ଦେବାକୁ ନିବେଦନ

ଭୁବନେଶ୍ୱର, ୨୩।୭(ବ୍ୟୁରୋ)

ରାଜ୍ୟରେ ସ୍ନାତକ(ୟୁଜି) ଏବଂ ସ୍ନାତକୋତ୍ତର(ପିଜି) ଶେଷବର୍ଷ ସେମିଷ୍ଟର ପରୀକ୍ଷାକୁ ୟୁଜିସି ବାଧ୍ୟତାମୂଳକ କରିଛି। ଏନେଇ ଜୁଲାଇ ୬ରେ ଜାରି ପରିବର୍ତ୍ତିତ ଗାଇଡ୍‌ଲାଇନ୍‌ର ପୁନର୍ବିଚାର କରିବାକୁ ରାଜ୍ୟ ସରକାର ପୁଣିଥରେ ଅନୁରୋଧ କରିଛନ୍ତି। କୋଭିଡ୍-୧୯ ପରିସ୍ଥିତିରେ ରାଜ୍ୟ ସରକାରଙ୍କ ବିକଳ୍ପ ମୂଲ୍ୟାୟନ ନିଷ୍ପତ୍ତିକୁ ଲାଗୁ କରିବା ପାଇଁ ଗୁରୁବାର ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ୍ ନିଶଙ୍କଙ୍କୁ ପତ୍ର ଲେଖିଛନ୍ତି। ପ୍ରଥମେ ଗତ ୯ ତାରିଖରେ ମନ୍ତ୍ରୀ ସାହୁ କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ମାତ୍ର ଏପର୍ଯ୍ୟନ୍ତ ଉକ୍ତ ପତ୍ରର କୌଣସି ଉତ୍ତର ମିଳି ନ ଥିବାରୁ ରାଜ୍ୟର ଲକ୍ଷାଧିକ ଛାତ୍ରୀଛାତ୍ର ପରୀକ୍ଷାକୁ ନେଇ ଅନିଶ୍ଚିତତା ମଧ୍ୟରେ ଅଛନ୍ତି। ସେହିଭଳି ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଦ୍ୱିତୀୟଥର ପତ୍ର ଲେଖିଥିବା ଜଣାପଡଛି।

ଉକ୍ତ ପତ୍ରରେ ଉଲ୍ଲେଖ ରହିଛି ଯେ, ଗତ ୧୫ ଦିନ ମଧ୍ୟରେ କରୋନା ସ୍ଥିତି ଅଧିକ ଜଟିଳ ହୋଇଛି। ଆଗାମୀ ମାସରେ ଅଧିକ ଗୁରୁତର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଉଛି। ଏଭଳି ସ୍ଥିତିରେ ୟୁଜିସିର ପରିବର୍ତ୍ତିତ ଗାଇଡ୍‌ଲାଇନ୍ ଅନୁଯାୟୀ ୟୁଜି ଏବଂ ପିଜି ଶେଷ ସେମିଷ୍ଟର ପରୀକ୍ଷା କରାଇବା ସମ୍ଭବ ନୁହେଁ। ରାଜ୍ୟର ପ୍ରାୟ ୨ ଲକ୍ଷ ୟୁଜି ଓ ପିଜି ଛାତ୍ରୀଛାତ୍ର ନିମ୍ନ ଏବଂ ମଧ୍ୟବିତ୍ତ ପରିବାରର। ସେମାନଙ୍କ ନିକଟରେ କମ୍ପ୍ୟୁଟର, ଲାପ୍‌ଟପ୍ କିମ୍ବା ସ୍ମାର୍ଟଫୋନ୍ ନାହିଁ। ସେହିଭଳି ଗ୍ରାମାଞ୍ଚଳରେ ରହୁଥିବା ଛାତ୍ରୀଛାତ୍ର ଉନ୍ନତ ଇଣ୍ଟରନେଟ୍ ସୁବିଧା ଅଭାବରୁ ଅନ୍‌ଲାଇନ୍‌ରେ ପରୀକ୍ଷା ଦେବା ମଧ ସମ୍ଭବ ନୁହେଁ। ଖାତାକଲମରେ କ୍ଲାସ୍‌ରୁମ୍‌ରେ ପରୀକ୍ଷା ଦେବା ଦ୍ୱାରା ମଧ ସଂକ୍ରମଣ ଆଶଙ୍କା ରହିଛି। ସୀମିତ ହଷ୍ଟେଲରେ ସାମାଜିକ ଦୂରତ୍ୱ ରକ୍ଷା ନ କରିପାରିବା, ସାଧାରଣ ପରିବହନ ବ୍ୟବସ୍ଥା ସ୍ୱାଭାବିକ ନ ହେବା, ବେସରକାରୀ ଭଡ଼ାଘରେ ରହିବାକୁ ମାଲିକମାନେ ଅନୁମତି ନ ଦେବା ଭଳି ସମସ୍ୟା ରହିଛି। ଏହାବ୍ୟତୀତ ଅନେକ ମହାବିଦ୍ୟାଳୟକୁ କ୍ୱାରାଣ୍ଟାଇନ୍ ସେଣ୍ଟର, କୋଭିଡ୍ କେୟାର ହୋମ୍, କୋଭିଡ୍ କେୟାର ସେଣ୍ଟର, କୋଭିଡ୍ କେୟାର ହସ୍ପିଟାଲ କରାଯାଇଥିବାରୁ ସେପ୍ଟେମ୍ବର ସୁଦ୍ଧା ଏହି ପରୀକ୍ଷା କରାଇବା ସମ୍ଭବପର ହେବନାହିଁ ବୋଲି ମନ୍ତ୍ରୀ ସାହୁ ପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହ ୟୁଜିସି ମାର୍ଗଦର୍ଶିକା ଅନୁଯାୟୀ ବିଳମ୍ବରେ ପରୀକ୍ଷା କଲେ ଶିକ୍ଷାବର୍ଷ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବାସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ତେଣୁ ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଯେଉଁ ସୀମିତ ସଂଖ୍ୟକ ଛାତ୍ରୀଛାତ୍ର ବିକଳ୍ପ ମୂଲ୍ୟାୟନରେ ସନ୍ତୁଷ୍ଟ ହେବେ ନାହିଁ, ସେମାନେ ସ୍ଥିତି ସୁଧୁରିଲେ ନଭେମ୍ବର/ଡିସେମ୍ବରରେ ପରୀକ୍ଷା ଦେବାକୁ ନିଶ୍ଚିତ ସୁଯୋଗ ପାଇବେ। ବିକଳ୍ପ ମୂଲ୍ୟାୟନର ଫଳ ଅଗଷ୍ଟ ୩୧ ସୁଦ୍ଧା ଘୋଷଣା କରାଗଲେ ଶିକ୍ଷାବର୍ଷ ବାଧାପ୍ରାପ୍ତ ହେବ ନାହିଁ। ତେଣୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଲାଗୁ ପାଇଁ ଅନୁମତି ଦେବା ସହ ୟୁଜିସିର ପରିବର୍ତ୍ତିତ ମାର୍ଗଦର୍ଶିକାର ପୁନର୍ବିଚାର କରିବାକୁ ମନ୍ତ୍ରୀ ସାହୁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।



**ଲକ୍‌ଡାଉନ୍:** ଭୁବନେଶ୍ୱର ଆଚାର୍ଯ୍ୟବିହାର ନିକଟ ମହାରାଜ ସମ୍ମୁଖ ହଲ୍ ସମ୍ମୁଖରେ ଗୁରୁବାର ପିଲାମାନେ କ୍ରିକେଟ ଖେଳୁଛନ୍ତି।

# ଧୋଇଗଲା ଅସ୍ଥାୟୀ ପୋଲ



ଧୋଇ ଯାଇଥିବା ଅସ୍ଥାୟୀ ପୋଲ।

ପାଟପୁର, ୨୩।୭

**ଦିଗପହଣ୍ଡି-ଆସିକା ମୁଖ୍ୟ ରାସ୍ତାରେ ଯାତାୟାତ ଠପ୍**

ଗଞ୍ଜାମ ଜିଲା ସାନଖେମୁଣ୍ଡି ଅଞ୍ଚଳରେ ବୁଧବାର ସନ୍ଧ୍ୟାରୁ ଲଗାଣ ବର୍ଷା ଜାରି ରହିଥିଲା। ପୋଚକା ନାଳ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଗୁରୁବାର ସକାଳ ପ୍ରାୟ ୪ଟାରେ ଚୁଡ଼ଙ୍ଗପୁର ପଞ୍ଚାୟତ ବୁଦ୍ଧେଶ୍ୱର ଗ୍ରାମ ନିକଟ ରଘୁନାଥ ସାଗରରେ ପାଣି ଆସି ଅସ୍ଥାୟୀ ପୋଲ ଧୋଇଯାଇଛି। ଫଳରେ ଦିଗପହଣ୍ଡି-ଆସିକା ମୁଖ୍ୟ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ତଳିଆ ଅଞ୍ଚଳରେ ଚାଷ ଜମି ଜଳମଗ୍ନ ହୋଇଛି।

ଗତ ଅକ୍ଟୋବର ୫ରେ ପୋଚକା ନାଳ ପୋଲ ଭୁଶୁଡି ଯାଇଥିଲା। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସେଠାରେ ଏକ ଅସ୍ଥାୟୀ ପୋଲ ନିର୍ମାଣ ହୋଇଥିଲା। ନିର୍ମାଣର ମାସେ ନ ପୂରୁଣୁ ଅର୍ଥାତ ସେହି ମାସ ୨୪ ତାରିଖରେ ଲଗାଣ ବର୍ଷାରେ ଉକ୍ତ ଅସ୍ଥାୟୀ ପୋଲ ଧୋଇଯାଇଥିଲା। ତାହାକୁ ମରାମତି କରାଯାଇଥିବା ବେଳେ ୮ ମାସ ପରେ ପୁଣି ଲଗାଣ ବର୍ଷାରେ ଅସ୍ଥାୟୀ ପୋଲ ସମ୍ପୂର୍ଣ୍ଣ ଧୋଇଯାଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ଚାଷ କାମ ଚାଲିଥିବାରୁ ତୁରନ୍ତ ଅସ୍ଥାୟୀ ପୋଲ ନିର୍ମାଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ସଫଳ ହେଉଛି ପ୍ଲାଜ୍‌ମା ଥେରାପି

ଛତ୍ରପୁର, ୨୩।୭(ଡି.ଏନ୍.ଏ.)

**ଗଞ୍ଜାମ ଜିଲା**
- ସପ୍ତାହକରେ ୨୦୩୫ ପଜିଟିଭ ଚିହ୍ନଟ ହେଲେଣି
- ଲକ୍ଷଣ ନ ଲୁଚାଇବାକୁ ଜିଲାପାଳଙ୍କ ଅନୁରୋଧ

ଗଞ୍ଜାମ ଜିଲା ଶୀତଳାପଲ୍ଲୀସ୍ଥିତ ଟାଟା କୋଭିଡ ହସ୍ପିଟାଲ୍‌ରେ ଗତ ୨୧ ତାରିଖରୁ ପ୍ଲାଜ୍‌ମା ଥେରାପି ଆରମ୍ଭ ହୋଇଛି। ଏଥିରୁ ଭଲ ରିପୋର୍ଟ ମିଳୁଛି। ପ୍ଲାଜମା ଥେରାପି ନେଉଥିବା ଆକ୍ରାନ୍ତ ସୁସ୍ଥ ହେଉଛନ୍ତି ବୋଲି ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ଭିଡିଓ ବାର୍ତ୍ତାରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ସପ୍ତାହକ ମଧ୍ୟରେ ୨୦୩୫ ପଜିଟିଭ ଚିହ୍ନଟ ହୋଇଛନ୍ତି। କେବଳ ଗୁରୁବାର ଗୋଟିଏ ଦିନରେ ୫୪୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଯାହାକି ଏ ପର୍ଯ୍ୟନ୍ତ ଜିଲାରେ ଦିନକରେ ଏହା ସର୍ବାଧିକ। ଡାକ୍ତରୀ ଟିମ୍ ଜିଲାର ପ୍ରତି ଘରକୁ ଘର ଯାଇ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରୁଛନ୍ତି। ଯାହାଠାରେ ଲକ୍ଷଣ ଦେଖାଯାଇଛି, କୋଭିଡ୍ ଟେଷ୍ଟ ହେଉଛି। ରିପୋର୍ଟ ପଜିଟିଭ ଆସୁଛି। ଏଥିପାଇଁ ଗତ ସପ୍ତାହେ ହେଲା ପଜିଟିଭ ସଂଖ୍ୟା ଅଧିକ ରହୁଥିବା ଜିଲାପାଳ ଜଣାଇଛନ୍ତି। ଜୀବନ ରକ୍ଷା ପାଇଁ ଆଗୁଆ ଏପରି ପଦକ୍ଷେପ ନିଆଯାଇଛି। ଏଥିପାଇଁ କୌଣସି ଭୟ କରିବାର ନାହିଁ। କୋଭଡ୍ କେୟାର ସେଣ୍ଟର ଓ କୋଭିଡ କେୟାର ହୋମ୍‌ରେ ବହୁ ସଂଖ୍ୟାରେ ବେଡ୍ ରହିଛି। ତେଣୁ କେହି ଲକ୍ଷଣ ନ ଲୁଚାଇ ଟିମ୍‌କୁ ସହଯୋଗ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।

# ପ୍ଲାଜ୍‌ମା ଦାନ କରିବେ ପୋଲିସ କର୍ମଚାରୀ

## କରୋନାରୁ ଆରୋଗ୍ୟ ପରେ ଆଗେଇ ଆସନ୍ତୁ: ଡିଜିପି

କଟକ ଅଫିସ, ୨୩।୭

କରୋନାରୁ ସୁସ୍ଥ ହୋଇଥିବା ପୋଲିସ କର୍ମଚାରୀମାନେ ନିଜର ପ୍ଲାଜ୍‌ମା ଦାନ କରିବେ। ଏ ନେଇ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ଗୁରୁବାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁଅର୍ (ଏସ୍‌ଓପି) ଜାରି କରାଯାଇଛି। ଏ ସଂକ୍ରାନ୍ତରେ ସମସ୍ତ ଏସ୍‌ପି ଏବଂ ବିଭିନ୍ନ ଶାଖାର ମୁଖ୍ୟଙ୍କୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଚିଠି ଲେଖିଛନ୍ତି। କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ବର୍ତ୍ତମାନ ପ୍ଲାଜ୍‌ମା ଥେରାପିକୁ ଗୁରୁତ୍ୱ ଦେଉଛନ୍ତି। ଏଣୁ କରୋନାରୁ ସୁସ୍ଥ ହୋଇଥିବା ପୋଲିସ କର୍ମଚାରୀମାନେ ପ୍ଲାଜ୍‌ମା ଦାନ କରିବା ପାଇଁ ଆଗେଇ ଆସିବାକୁ ଡିଜିପି ଅଭୟ ଆହ୍ୱାନ କରିଛନ୍ତି।

ସୂଚନା ଅନୁଯାୟୀ, ପ୍ଲାଜ୍‌ମା ଦାନ ପାଇଁ ଇଚ୍ଛୁକ କର୍ମଚାରୀଙ୍କ ବୟସ ସୀମା ୬୦ ରଖାଯାଇଛି। ସେହିପରି ଓଜନ ୫୫ କିଲୋରୁ ଅଧିକ ହୋଇଥିବା ଆବଶ୍ୟକ। ଜରେ କର୍ମଚାରୀ ସମ୍ପୂର୍ଣ୍ଣ ଭାବେ କରୋନାରୁ ସୁସ୍ଥ ହେବାର ୨୮ ଦିନ ପରେ ହିଁ ପ୍ଲାଜ୍‌ମା ଦାନ କରିପାରିବେ। ଏଆଇଜି (ହେଡକ୍ୱାର୍ଟର୍ସ) ବିବେକାନନ୍ଦ ଶର୍ମାଙ୍କୁ ଏହାର ନୋଡାଲ୍ ଅଫିସର୍ ଭାବେ ଦାୟିତ୍ୱ ଦିଆଯାଇଛି। ବିଭିନ୍ନ ଜିଲା ପୋଲିସ ସହ ନୋଡାଲ୍ ଅଫିସର୍ ସୁସ୍ଥ ହୋଇଥିବା ଏବଂ ପ୍ଲାଜ୍‌ମା ଦାନ କରିବାକୁ ଚାହୁଁଥିବା ପୋଲିସ କର୍ମଚାରୀଙ୍କ ସହିତ ଯୋଗାଯୋଗ କରିବେ। ବର୍ତ୍ତମାନ ପ୍ଲାଜ୍‌ମା ଦାନ ସୁବିଧା କଟକ ଏସ୍‌ସିବି ମେଡିକାଲ୍ କଲେଜ ଏବଂ ହସ୍‌ପିଟାଲ୍‌ରେ ରହିଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଇଚ୍ଛୁକ ପୋଲିସ କର୍ମଚାରୀଙ୍କୁ ସେଠାକୁ ନିଆଯିବ। ପ୍ଲାଜ୍‌ମା ଦାନ ପରେ ସେମାନଙ୍କୁ ସ୍ୱତନ୍ତ୍ର ପ୍ରଶଂସାପତ୍ର ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ପ୍ରାୟ ୯୫ଜଣ ପୋଲିସ କର୍ମଚାରୀ କରୋନାରେ ଆକ୍ରାନ୍ତ ହେବା ପରେ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଗଞ୍ଜାମ ପୋଲିସ ଜିଲାର ସର୍ବାଧିକ ୨୫ଜଣ ରହିଛନ୍ତି। ସେହିପରି ବ୍ରହ୍ମପୁର ପୋଲିସ ଜିଲାର ୨୩, ଛତ୍ରପୁର ଅଷ୍ଟମ ବାଟାଲିୟନ୍‌ର ୧୪, ଝାରସୁଗୁଡ଼ା ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ୍‌ର ୧୦, କୋରାପୁଟ ଓଏସ୍‌ଏପି ଷଷ୍ଠ ବାଟାଲିୟନ୍‌ର ୬, ଦେବଗଡ଼ ଚତୁର୍ଥ ଆଇଆର୍ ବାଟାଲିୟନ୍‌ର ୩, ମାଲକାନଗିରି ଏବଂ ପୁରୀ ଜିଲାର ୨ଜଣ ଲେଖାଏ ରହିଛନ୍ତି। ଏଥିସହ ଭୁବନେଶ୍ୱର, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, ନୟାଗଡ଼, ଓଏସ୍‌ଏପି ଷଷ୍ଠ ବାଟାଲିୟନ୍‌ର କଟକ, ଓଏସ୍‌ଏପି ଚତୁର୍ଥ ଏସଏସ୍ ବାଟାଲିୟନ୍ ମାଲକାନଗିରି, ବୌଦ୍ଧ ପଞ୍ଚମ ଆଇଆର୍ ବାଟାଲିୟନ୍ ଏବଂ କୋରାପୁଟ ସପ୍ତମ ସ୍ୱତନ୍ତ୍ର ଆରଇଆର୍ ବାଟାଲିୟନ୍‌ର ଜଣେ ଲେଖାଏ କର୍ମଚାରୀ ରହିଛନ୍ତି।

**ଏସ୍‌ଓପି ଜାରି**

# ୫ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):** ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଫଳରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ନୂଆପଡ଼ା ଓ କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ସମୟରେ ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର, ମାଲକାନଗିରି, କଳାହାଣ୍ଡି, ସୋନପୁର, ନବରଙ୍ଗପୁର, ଦେବଗଡ଼ ଓ କେନ୍ଦୁଝର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ସୂଚନା ଅନୁଯାୟୀ ପାରାଦୀପରେ ୧୯.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୧୩.୮, ଗୋପାଳପୁର ୩୮.୮, ପୁରୀ ୨୩.୪, ଅନୁଗୋଳ ୩୪, ଝାରସୁଗୁଡା ୩୦, ସମ୍ବଲପୁର ୧୭, ହୀରାକୁଦ ୩୪.୨, ତାଳଚେର ୩୨, ଭବାନୀପାଟଣା ୫୭.୮, ବଲାଙ୍ଗୀର ୧୩, ଟିଟିଲାଗଡ଼ ୩୪, ନୟାଗଡ଼ ୮୧, ଦାରିଙ୍ଗବାଡ଼ି ୩୩, ବୌଦ୍ଧ ୧୫, ଛତ୍ରପୁର ୪୬, ପାରଳାଖେମୁଣ୍ଡି ୨୮.୪ ଏବଂ ରାୟଗଡ଼ାରେ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ବାଲି ଚୋରାଚାଲାଣ ନଦୀକୂଳିଆ ଗାଁକୁ ବିପଦ

ଭଦ୍ରକ ଅଫିସ, ୨୩।୭

- ବୈତରଣୀ କୂଳରୁ ଶହ ଶହ ଟ୍ରିପ୍ ଯାଉଛି
- ପ୍ରଶାସନ ଜାଣି ଅଜଣା

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ବୈତରଣୀ ନଦୀର ବନ୍ଧାଲୋ ମଢିଆଲିଠାରୁ ଷୋଳମପୁର ପଞ୍ଚାୟତର ଦାଣ୍ଡକୂଳ ପର୍ଯ୍ୟନ୍ତ ବିଭିନ୍ନ ଘାଟରୁ ପ୍ରଶାସନ ଜାଣତରେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଛି। ବାଲି ମାଫିଆମାନେ ପ୍ରତ୍ୟେକ ଦିନ ପ୍ରଶାସନ ଆଖିରେ ଧୂଳି ଦେଇ ନଦୀ ପଠାରୁ ବାଲି ଚୋରା ଚାଲାଣ କରି ମାଲାମାଲ ହେଉଛନ୍ତି। ନଦୀ ଗର୍ଭ ଓ ପଠାରୁ ବେଆଇନ ଖନନ ଯୋଗୁ ଅତଡ଼ା ଖାଇ ଓସାର ହେବା ସହ ନଦୀ ଗତିପଥ ମଧ ବଦଳିବାରେ ଲାଗିଛି। ନଦୀରେ ଅଳ୍ପ ପାଣି ଆସିଲେ ସିଧା ଗାଁ ମୁହାଁ ହେଉଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି।

ମଣିନାଥପୁର, ମୁଢ଼ାପଦା, ଦାଣ୍ଡକୂଳ, ନେରଡ଼ା, ଝୁଟଣା, ବନ୍ଧାଲୋ ଆଦି ଅଞ୍ଚଳରେ ଦୈନନ୍ଦିନ ଶହ ଶହ ଟ୍ରିପ ବାଲି ଚୋରାଚାଲାଣ ହେଉଛି। ଅନ୍ୟପକ୍ଷେ ବେଆଇନ ବାଲି ଚାଲାଣକାରୀଙ୍କ ଉପରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଧର୍ମକୁ ଆଖିଠାର ସଦୃଶ। ଭଦ୍ରକ ଜିଲାର ଭଣ୍ଡାରିପୋଖରୀ, ଧାମନଗର ଓ ଚାନ୍ଦବାଲି ବ୍ଲକର କିଛି ପଞ୍ଚାୟତ ଏହି ନଦୀ ଅବବାହିକାରେ ଅବସ୍ଥିତ। ପ୍ରତ୍ୟେକବର୍ଷ ବୈତରଣୀରେ ବନ୍ୟା ଆସିଲେ ମୁଖ୍ୟତଃ ଏହି ୩ଟି ବ୍ଲକ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥାଏ। ଏବେ ଏହି ନଦୀପଠା ବାଲି ମାଫିଆମାନଙ୍କ ପାଇଁ ଚରାଭୂଇଁ ପାଲଟିଛି। ମୁଖ୍ୟତଃ ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦାଠାରୁ ଧାମନଗର ବ୍ଲକର ଦିହୁଡ଼ି ଆନନ୍ଦପୁର ପର୍ଯ୍ୟନ୍ତ ବୈତରଣୀ ନଦୀପଠାରୁ ବେଧଡକ ଭାବେ ବେଆଇନ ବାଲି ଖୋଳା ଚାଲିଛି।

ପ୍ରଶାସନ ଏଥିପ୍ରତି କଠୋର ଆଭିମୁଖ୍ୟ ପୋଷଣ କରିବା ପରିବର୍ତ୍ତେ ଲୋକ ଦେଖାଣିଆ ଚଢ଼ାଉ କରୁଛି। ମାଫିଆମାନେ ରାତି ଅଧରେ ପଠାରେ ଗାଡ଼ି ଲଗାଇ ଟନ ଟନ ବାଲି ଉଠାଇ ନେଉଛନ୍ତି। ଏପରିକି ନଦୀପଠାରେ ଜେସିବି ଲଗାଇ ବାଲି ଲୋଡ଼ କରାଯାଉଥିବା ଦୃଶ୍ୟ ମଧ ଦେଖିବାକୁ ମିଳୁଛି। ଚଳିତବର୍ଷ ଜୁନ୍ ୨୫ତାରିଖ ରାତି ୩ଟାରୁ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ୨୧ଟି ଗାଡ଼ି ଜବତ କରାଯାଇଥିଲା ଏବଂ ସ୍ଥାନୀୟ କିଛି ଲୋକାଲ ଗାଡ଼ି ମାଲିକ ପୋଲିସକୁ ମାଡ଼ ମାରି ଖସିଯାଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ଏହାକୁ ନେଇ ମାମଲା ହୋଇ କେତେଜଣ ବ୍ୟକ୍ତି ଗିରଫ ମଧ ହୋଇଥିଲେ। ଏପରିକି କେତେଜଣ ଅସାଧୁ ପୋଲିସ କର୍ମଚାରୀଙ୍କ ପୂର୍ବ ସୂଚନା ପାଇ ଅନ୍ୟ କିଛି ଗାଡ଼ି ଫେରାର ହୋଇଯାଇଥିଲେ। ପୁଣିଥରେ ଆରମ୍ଭ ହୋଇଛି ବାଲିମାଫିଆଙ୍କ ରାଜୁତି। ଏନେଇ ଉପଜିଲାପାଳ ପୀତାମ୍ବର ସାମଲଙ୍କୁ ପଚାରିବାରୁ ପ୍ରଶାସନ ପକ୍ଷରୁ ବିଭିନ୍ନ ବାଲି ଖାଦାନରେ ଚଢ଼ାଉ କରାଯାଇ ଗାଡ଼ିଗୁଡ଼ିକରୁ ଜରିମାନା ଆଦାୟ କରାଯାଉଛି। ଆବଶ୍ୟକ ପଡ଼ିଲେ ଗାଡ଼ି ମାଲିକଙ୍କ ନାଁରେ ମକଦ୍ଦମା ରୁଜୁ କରାଯାଉଛି ବୋଲି କହିଥିଲେ।



ଜେସିବି ସାହାଯ୍ୟରେ ବାଲି ଲୋଡ଼ କରାଯାଉଛି।

# ଶ୍ରମିକଙ୍କ ଦୈନିକ ମଜୁରି ବଢ଼ିଲା

ଭୁବନେଶ୍ୱର, ୨୩।୭(ବ୍ୟୁରୋ)

ରାଜ୍ୟ ସରକାର ସବୁ ବର୍ଗର ଶ୍ରମିକମାନଙ୍କର ଦୈନିକ ମଜୁରିରେ ସଂଶୋଧନ କରିଛନ୍ତି। ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ଦୈନିକ ମହଙ୍ଗାଭତ୍ତା ଆସନ୍ତା ୬ ମାସ ପାଇଁ ବୃଦ୍ଧି କରିଛନ୍ତି। ଏ ନେଇ ରାଜ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଶ୍ରମିକମାନଙ୍କ ଦୈନିକ ମହଙ୍ଗା ଭତ୍ତା ୫ଟଙ୍କା ୪୦ ପଇସା ବୃଦ୍ଧି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମହଙ୍ଗାଭତ୍ତାକୁ ମିଶାଇ ଅଣକୁଶଳୀ ଶ୍ରମିକଙ୍କର ଦୈନିକ ମଜୁରି ୨୯୮ଟଙ୍କାରୁ ବଢି ୩୦୩.୪୦ ଟଙ୍କା ହୋଇଥିବା ବେଳେ ଅର୍ଦ୍ଧ କୁଶଳୀଙ୍କର ୩୩୮ଟଙ୍କାରୁ ୩୪୩.୪୦ ଟଙ୍କା, କୁଶଳୀଙ୍କର ୩୮୮ ଟଙ୍କାରୁ ୩୯୩.୪୦ ଏବଂ ଅତିକୁଶଳୀ ଶ୍ରମିକମାନଙ୍କ ଦୈନିକ ମଜୁରି ୪୪୮ଟଙ୍କାରୁ ୪୫୩.୪୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ମଜୁରି ପିଛିଲା ଭାବେ ଏପ୍ରିଲ ପହିଲାରୁ ଲାଗୁ ହେବ।

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ



# ଜିଦ୍ ଛାଡ଼

ଦେଶର ପ୍ରମୁଖ ମେଟ୍ରୋ ସହରଗୁଡ଼ିକରେ ଡିଜେଲ ମୂଲ୍ୟ ପେଟ୍ରୋଲଠାରୁ ଅଧିକ ହୋଇଛି। ଓଡ଼ିଶାରେ ମଧ୍ୟ ପେଟ୍ରୋଲ ଅପେକ୍ଷା ଡିଜେଲ ମହଙ୍ଗା- ଏହା ପୂର୍ବରୁ କେବେ ଦେଖାଯାଇ ନ ଥିଲା। ଗତ କିଛି ଦିନ ଭିତରେ ପେଟ୍ରୋଲ ମୂଲ୍ୟ ଊଣାଅଧିକେ ସ୍ଥିର ରହିଥିଲେ ମଧ୍ୟ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ଡିଜେଲ ମୂଲ୍ୟ ବୃଦ୍ଧି କରିଚାଲିଛନ୍ତି। ଡିଜେଲ ମୂଲ୍ୟରେ ଆକାଶଛୁଆଁ ବୃଦ୍ଧି ଏହାର ଚାହିଦାକୁ ଚାପି ଦେଇଛି। ଦେଶର ୯୦ ପ୍ରତିଶତ ପେଟ୍ରୋଲ ପମ୍ପର ମାଲିକ ଥିବା ରାଷ୍ଟ୍ରାୟତ୍ତ ରିଫାଇନରମାନେ ଜୁଲାଇ ପ୍ରଥମାର୍ଦ୍ଧରେ ଗତମାସର ସମାନ ଅବଧି ଅପେକ୍ଷା ବିକ୍ରିରେ ହ୍ରାସ ଘଟିଥିବାର ସୂଚନା ଦେଇଛନ୍ତି। ଅର୍ଥନୈତିକ କାର୍ଯ୍ୟକଳାପ ଧୀରେ ଧୀରେ ମାନ୍ଦା ହେଉଥିବା ବେଳେ ଦେଶର କିଛି ଅଂଶରେ ଲକ୍‌ଡାଉନ ପୁଣି ଲାଗୁ କରାଯାଇଥିବାରୁ ପରିବହନ ଲାଗି ବ୍ୟବହାର କରାଯାଉଥିବା ପ୍ରମୁଖ ତୈଳ ଡିଜେଲର ଚାହିଦା ପ୍ରଭାବିତ ହୋଇଛି। ଭାରତରେ ବିକ୍ରି ହେଉଥିବା ମୋଟ ବିଶୋଧିତ ଇନ୍ଧନର ଦୁଇ-ପଞ୍ଚମାଂଶ ହେଉଛି ଡିଜେଲ, ଯାହାର ବିକ୍ରି ଚଳିତ ଜୁଲାଇ ମାସର ପ୍ରଥମ ଭାଗରେ ଗତମାସର ସମାନ ଅବଧି ତୁଳନାରେ ୧୮ ପ୍ରତିଶତ ହ୍ରାସ ପାଇ ୨.୨ ନିୟୁତ ଟନ୍‌ରେ ପହଞ୍ଚିଛି। ଏହା ଗତବର୍ଷର ସମାନ ଅବଧି ତୁଳନାରେ ପ୍ରାୟ ୨୧ ପ୍ରତିଶତ ହ୍ରାସ ପାଇଛି। ଗ୍ରାହକମାନଙ୍କ ଭାବନାକୁ ଏହା ପ୍ରଭାବିତ କରୁଛି। ମହାମାରୀ ସହ ବ୍ୟାପକ ଚାକିରି ହ୍ରାସ ଏବଂ ବେତନ ହ୍ରାସ ହେତୁ ଅନିଶ୍ଚିତତାର ବାତାବରଣରେ ଲୋକମାନେ ଚାରିଚକିଆ ଯାନ ବାହାରକୁ କାଢ଼ିବା ପୂର୍ବରୁ ଦୁଇଥର ଚିନ୍ତା କରୁଛନ୍ତି। ଗତ ଏକମାସ ମଧ୍ୟରେ ତୈଳ ଦର ବୃଦ୍ଧି ଜନସାଧାରଣଙ୍କ ଭାବନାକୁ ଆହୁରି ଦୁର୍ବଳ କରିଦେଇଛି। ତୈଳ ଦରବୃଦ୍ଧି ଯୋଗୁ ଲୋକମାନେ ନୂଆ କାର୍ କିଣିବାକୁ ପଛଘୁଞ୍ଚା ଦେଉଛନ୍ତି। ଏହାର ପ୍ରଭାବ ଦୁଇଚକିଆ ଗାଡ଼ି ଚାଳକଙ୍କ ଉପରେ ଅଧିକ ପଡ଼ୁଛି, ଯେଉଁମାନେ ତୈଳ ମୂଲ୍ୟ ଅଧିକ ହେଲେ ପେଟ୍ରୋଲ ପମ୍ପକୁ ଯିବା କମେଇ ଦିଅନ୍ତି। ରାଷ୍ଟ୍ରାୟତ୍ତ ତୈଳ ସଂସ୍ଥାଗୁଡ଼ିକ ମାତ୍ରାଧିକ ତୈଳ ମୂଲ୍ୟ ବୃଦ୍ଧି କରିବା ଯୋଗୁ ଦେଶରେ ପୂର୍ବରୁ ମାନ୍ଦାବସ୍ଥା ଦେଇ ଗତି କରୁଥିବା ଗାଡ଼ି ବଜାର ଅବସ୍ଥା ଆହୁରି ଖରାପ ହୋଇଯାଇଛି। ୨୦୨୦ ଆର୍ଥିକ ବର୍ଷରେ ପେଟ୍ରୋଲର ବ୍ୟବହାର ଗତ ଚାରି ପାଞ୍ଚ ବର୍ଷ ମଧ୍ୟରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧିରୁ ୬ ପ୍ରତିଶତକୁ ଖସି ଆସିଛି। ସେହିପରି ଡିଜେଲ ବ୍ୟବହାର ଗତବର୍ଷ ତିନି ପ୍ରତିଶତ ଥିବାବେଳେ ୨୦୨୦ ଆର୍ଥିକ ବର୍ଷରେ ତାହା ଏକ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। କୋଭିଡ୍-୧୯ ସଂକ୍ରମଣର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ସହିତ ସରକାର ଲକ୍‌ଡାଉନକୁ ଆହୁରି ବଢ଼ାଇବାକୁ ପ୍ରସ୍ତୁତ ଥିବା ପରି ମନେହେଉଛି। ବର୍ତ୍ତମାନ ଯାହା ଜଣାପଡୁଛି କରୋନା ମହାମାରୀ ପାଇଁ କୌଣସି ଟିକା ନ ବାହାରିବା ପର୍ଯ୍ୟନ୍ତ ପରିସ୍ଥିତି ଅତ୍ୟନ୍ତ ବିପଦପୂର୍ଣ୍ଣ ଓ ଅନିଶ୍ଚିତ ରହିଥିବ।

## ଆଜିର ଅର୍ଥନୀତି

ତୈଳ ଚାହିଦା ହ୍ରାସ ପାଇବା କେବଳ ଅଟୋମୋବାଇଲ୍ କ୍ଷେତ୍ର ପାଇଁ ନୁହେଁ, ବରଂ ଦେଶର ସମଗ୍ର ଅର୍ଥନୀତି ପାଇଁ କ୍ଷତିକାରକ। ଅର୍ଥନୀତିକୁ ପୁଣି ଚଳଚଞ୍ଚଳ କରିବା ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ବୋଲି ସରକାର ଦାବି କରୁଛନ୍ତି। ଏଥିପାଇଁ ସରକାର କେତେକ ଅର୍ଥନୈତିକ ପଦକ୍ଷେପ ବି ନେଇଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ କେନ୍ଦ୍ର ସହିତ ଏହି ଖେଳରେ ନିଜର ଭୂମିକା ନିର୍ବାହ କରିଛି। ଗ୍ରାହକଙ୍କ ଆର୍ଥିକ ଅସୁବିଧା ଦୂର କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଅନେକ ପଦକ୍ଷେପ ନେଇଛି। କିନ୍ତୁ ତୈଳ ମୂଲ୍ୟକୁ ନେଇ ସରକାରଙ୍କ ଜିଦ୍‌ଖୋର ମନୋବୃତ୍ତି ସବୁ ପଦକ୍ଷେପକୁ ବେକାର କରିଦେଇଛି। ସରକାରଙ୍କ ଗୋଟିଏ ହାତ ସେହିସବୁ ସମ୍ଭାବ୍ୟ ଲାଭକୁ ନଷ୍ଟ କରିଦେଉଛି, ଯାହା ଅନ୍ୟ ହାତଟି ଅର୍ଜନ କରିପାରିଥାନ୍ତା। ତୈଳର ପମ୍ପ ମୂଲ୍ୟର ଏକ ବଡ଼ ଅଂଶ ହେଉଛି ସରକାରଙ୍କ ଟିକସ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ହେଉଛି ତୈଳ ମୂଲ୍ୟର ୬୬ ପ୍ରତିଶତ। ବାକି ୩୪ ପ୍ରତିଶତରେ ଅଶୋଧିତ ତୈଳର ମୂଲ୍ୟ, ତାହାର ରିଫାଇନିଂ ଖର୍ଚ୍ଚ ଏବଂ ଡିଲରଙ୍କ ଲାଭ ସହିତ ଏହାର ପରିବହନ ଖର୍ଚ୍ଚ ମଧ୍ୟ ଅନ୍ତର୍ଭୁକ୍ତ। ଏଥିରୁ ସ୍ପଷ୍ଟ ଯେ, ତୈଳ ମୂଲ୍ୟର ଦୁଇ ତୃତୀୟାଂଶ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ରାଜକୋଷକୁ ଯାଉଛି, ଯାହା ଭାରତରେ ତୈଳର ଖୁଚୁରା ମୂଲ୍ୟକୁ ସାରା ଏସିଆ ମହାଦେଶରେ ସବୁଠାରୁ ଅଧିକ ଏବଂ ପାକିସ୍ତାନର ମୂଲ୍ୟ ତୁଳନାରେ ପ୍ରାୟ ଦୁଇଗୁଣ କରିଦେଇଛି। ତେଣୁ ତୈଳ ମୂଲ୍ୟ ହ୍ରାସ କରିବା ପାଇଁ କୌଣସି ବାଟ ଅଛି କି ନାହିଁ ତାହା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଚିନ୍ତା କରିବା ଉଚିତ। କିନ୍ତୁ ସରକାର ସମାଧାନ ବିଷୟରେ କ'ଣ ଚିନ୍ତା କରିବେ, ତୈଳ କମ୍ପାନୀଗୁଡିକୁ ମୂଲ୍ୟ ବୃଦ୍ଧି କରିଚାଲିବାକୁ ଅନୁମତି ଦେଉଛନ୍ତି। ୨୦୧୪ ମସିହାରୁ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରଠାରୁ ଟିକସରେ ପାଞ୍ଚ ଗୁଣ ବୃଦ୍ଧି ଘଟିଛି। ତୈଳ ମୂଲ୍ୟ କମ୍ କରାଗଲେ ତାହା ଅର୍ଥନୀତି ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବ। ଏଣୁ ସରକାର ଜିଦ୍ ଛାଡ଼ିଦେବା ଉଚିତ। ବର୍ତ୍ତମାନ ପରି ଦୁର୍ଦ୍ଦିନରେ, ଯେତେବେଳେ ଭାରତର ଅର୍ଥନୀତି ଚାରି ଦଶନ୍ଧି ମଧ୍ୟରେ ସବୁଠୁ ବଡ଼ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇଛି, ସେତେବେଳେ ସରକାରଙ୍କଠାରୁ ଅତି କମ୍‌ରେ ଏତିକି ଆଶା କରାଯାଉଛି।

# ଉଚ୍ଚଶିକ୍ଷାରେ ବିଭ୍ରାଟ



ଡ. ସୁବାସ ଚନ୍ଦ୍ର ପାତ୍ର

ଗୋଟିଏ ବିଭାଗକୁ ବର୍ଷ ବର୍ଷ ଧରି ଅବହେଳା କଲେ ସଂକଟ ସମୟରେ ସେ ବିଭାଗକୁ କି ପ୍ରକାର ଲୋକହସା ହେବାକୁ ପଡ଼େ ତା'ର ଜ୍ୱଳନ୍ତ ଉଦାହରଣ ହେଲା ଉଚ୍ଚଶିକ୍ଷା ବିଭାଗ। ପାଖାପାଖି ୧୦ବର୍ଷ ହେଲା ଓଡ଼ିଶାର କୌଣସି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଡିଗ୍ରୀ କଲେଜରେ କାଁ ଭାଁ କେତୋଟି ପଦ ପୂରଣ ହୋଇ ଏବେ ସେ ସବୁ ମଧ୍ୟ ଶୂନ୍ୟ ହୋଇପଡ଼ିଛି। ଡିଗ୍ରୀ ହେଉ ଅବା ସ୍ୱୟଂଶାସିତ, ଏ ସବୁ ସରକାରୀ କଲେଜର ଅଧ୍ୟକ୍ଷ ପଦବୀ, ଦରମା ତଥା ପଦମର୍ଯ୍ୟାଦା ଦୃଷ୍ଟିରୁ ଜିଲାପାଳ ବା ଅତିରିକ୍ତ ଜିଲାପାଳ ପଦବୀ ସହ ତୁଳନୀୟ। ଓଡ଼ିଶାରେ କେଉଁଠି ହେଲେ ଭାରପ୍ରାପ୍ତ ଜିଲାପାଳ ବା ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ ବର୍ଷ ବର୍ଷ ସେ ପଦବୀ ମଣ୍ଡନ କରୁ ନ ଥିଲାବେଳେ ଅଧ୍ୟକ୍ଷ ପଦବୀ ଭଳି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦବୀ ବସ୍ତୁତଃ ଖାଲି ରହିବା ଏ ବିଭାଗ ପ୍ରତି ସରକାରୀ ଅବହେଳାର ଚରମ ନିଦର୍ଶନ। ଓଡ଼ିଶାର କୌଣସି ସରକାରୀ ମହାବିଦ୍ୟାଳୟରେ ପ୍ରଫେସର ପଦବୀ ନ ଥିଲା ବେଳେ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦବୀ ପ୍ରଫେସର ଗ୍ରେଡ଼ ହେବା ନିୟମକୁ ନ ବଦଳେଇବା ଏବଂ ବିଭାଗୀୟ ପଦୋନ୍ନତି କମିଟି ମାଧ୍ୟମରେ ଅଧ୍ୟକ୍ଷ ପଦବୀ ପୂରଣ ନ କରି ପବ୍ଲିକ ସର୍ଭିସ କମିଶନ ଦ୍ୱାରା ପରୀକ୍ଷା କରେଇ ପଦୋନ୍ନତି ଦେବା ଶିକ୍ଷକ ସମାଜ ପ୍ରତି ଏକ ବାଛବିଚାରମୂଳକ ପଦକ୍ଷେପ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ ଆଇ.ଏ.ଏସ୍, ଓ.ଏ.ଏସ୍. ଅଫିସର, ଡାକ୍ତର, ଇଞ୍ଜିନିୟର ଜଣକ ଥରେ ପବ୍ଲିକ ସର୍ଭିସ କମିଶନ ପରୀକ୍ଷା ଦେଇ ବିଭାଗୀୟ ପଦୋନ୍ନତି ମାଧ୍ୟମରେ ସର୍ବୋଚ୍ଚ ସ୍ତରରେ ପହଞ୍ଚୁଥିବା ବେଳେ, ଅଧ୍ୟାପକ ଜଣଙ୍କୁ ଅଧ୍ୟକ୍ଷ ପ୍ରମୋଶନ ପାଇବାକୁ ହେଲେ ତାକୁ ପୁଣିଥରେ ପବ୍ଲିକ ସର୍ଭିସ କମିଶନର ସମ୍ମୁଖୀନ ହେବାକୁ ପଡ଼ିବ। ଏହା କି ପ୍ରକାର ନିୟମ ? ଆନ୍ତଃବିଭାଗୀୟ ବରିଷ୍ଠତା ତଥା ୟୁଜିସି ସ୍କେଲ କଥା ଯଦି କୁହାଯାଉଥାଏ, ମେଡିକାଲ କଲେଜ ଓ ଇଞ୍ଜିନିୟରିଂ କଲେଜରେ ବହୁ ବିଭାଗ ଥାଇ ତଥା ସେମାନେ ୟୁଜିସି ସ୍କେଲରେ ଅଧିଷ୍ଠିତ ହୋଇ ଅଧ୍ୟକ୍ଷ ପ୍ରମୋଶନ ପାଉଛନ୍ତି କିପରି ? ୨୦୦୩ ପୂର୍ବରୁ ଆନ୍ତଃବିଭାଗୀୟ ବରିଷ୍ଠତାକୁ ବିଚାର କରି ବିଭାଗୀୟ ପଦୋନ୍ନତି କମିଟି ମାଧ୍ୟମରେ କିପରି ଅଧ୍ୟକ୍ଷ ନିଯୁକ୍ତ କରାଯାଉଥିଲା ?

ଅନୁରୂପ ଭାବରେ ଅଧ୍ୟାପକ ତଥା ଅନ୍ୟାନ୍ୟ ଆବଶ୍ୟକୀୟ ପଦବୀ ଯେପରି କିରାଣି, ଲାଇବ୍ରାରିଆନ୍, ଲାବରେଟୋରି ଆସିଷ୍ଟାଣ୍ଟ, ଲାବରେଟୋରି ଆଟେଣ୍ଡାଣ୍ଟ, ଖେଳ ଶିକ୍ଷକ ପଦବୀ ଇତ୍ୟାଦି ପୂରଣ ନ କରିବା। ତା' ସାଙ୍ଗକୁ ଚତୁର୍ଥ ଶ୍ରେଣୀ ପଦବୀ ଯେପରି ପିଅନ, ମାଳୀ, ଚୌକିଦାର, ସଫେଇ କର୍ମଚାରୀ ପଦବୀ ସରକାର ଉଚ୍ଛେଦ କରି କଲେଜ ମୁଣ୍ଡରେ ଥୋଇ ଦେଇଛନ୍ତି। ଯେହେତୁ ଅନେକ କଲେଜରେ ଆଭ୍ୟନ୍ତରୀଣ ସମ୍ବଳ ସୀମିତ ସେ ପଦବୀ ମଧ୍ୟ ଖାଲି। ତେଣୁ ସରକାରୀ ମହାବିଦ୍ୟାଳୟଗୁଡ଼ିକ ଖାଲି ଖାଲିରେ ଚାଲିଛି। ମରୁଭୂମିପ୍ରାୟ ଅନୁଷ୍ଠାନଗୁଡ଼ିକୁ ନେଇ ସରକାରୀ ସ୍ୱପ୍ନର କିନ୍ତୁ ସୀମାନାହିଁ। ସବୁଠୁ କୌତୂହଳର କଥାହେଲା ସବୁକିଛି ଜାଣି ମଧ୍ୟ ସରକାର କରୋନା ସଂକଟବେଳେ ଯୁଦ୍ଧ କରିବାକୁ ବାହାରି ପଡ଼ିଛନ୍ତି, ଯେତେବେଳେ କାଁ ଭାଁ କେଉଁଠି ଭାରପ୍ରାପ୍ତ ସେନାପତି ଅଛନ୍ତି, କିନ୍ତୁ ତାଙ୍କ ସହ ସେନାବାହିନୀ ନାହାନ୍ତି।

ଉଚ୍ଚଶିକ୍ଷା ବିଭାଗ କେତେ ରୁଗ୍ଣ ଏବଂ ବିଭାଗ କେତେ ଶଙ୍କାଗ୍ରସ୍ତ ତା'ର ବଡ଼ ପ୍ରମାଣ ହେଲା ଅତି ନିକଟ ବ୍ୟବଧାନରେ ଭିଡିଓ କନ୍‌ଫରେନ୍‌ସିଂରେ ଅଧ୍ୟକ୍ଷମାନଙ୍କୁ ତାଗିଦା କରିବା। ଆଗରୁ ବର୍ଷକରେ ଥରେ ବା ଦୁଇଥର ଅଧ୍ୟକ୍ଷ ସମ୍ମିଳନୀ ଅନୁଷ୍ଠିତ ହେଉଥିଲା, ଯେଉଁଥିରେ ସରକାର ସେ ବର୍ଷ ପାଇଁ ଯୋଜନାମାନ ବା କାର୍ଯ୍ୟପନ୍ଥା ଉପସ୍ଥାପନ କରୁଥିଲେ। ଏବେ ପ୍ରତିମାସରେ ଥରେ ବା ଦୁଇଥର ଅନୁଷ୍ଠିତ ହେଉଥିବା ଏହି 'ଭର୍ଚୁଆଲ ସମ୍ମିଳନୀ' ପ୍ରମାଣ କରେ କେଉଁଠି କିଛି ହଉନାହିଁ। କେନ୍ଦ୍ରୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କର ଅତିମାତ୍ରାରେ କ୍ଷେତ୍ରୀୟ ଅଧିକାରୀଙ୍କ ଉପରେ ନିୟନ୍ତ୍ରଣ, ମତାମତ ଜାହିର କରିବା ଏକ ବିପରୀତ ଫଳଦାନ କରୁଥିବା ପଦକ୍ଷେପ। ଏହାଦ୍ୱାରା କ୍ଷେତ୍ରୀୟ ଅଧିକାରୀମାନେ ମନୋବଳ ହରାଇବେ। ନୂଆକିଛି କରିବାର ଆଗ୍ରହ କମିଯିବ। ଫଳତଃ ବଙ୍ଗଳାରେ କୁହାଯାଇଥିବା କଥାଟି, 'ଦଉଡ଼ି ଧର', 'ଆଜ୍ଞା ଧରିଅଛି'-ନ୍ୟାୟରେ ସମସ୍ତେ, ମନା ନ କଲା ପର୍ଯ୍ୟନ୍ତ ଦଉଡ଼ି ଧରି ଠିଆ ହୋଇଥିବେ ଯେହେତୁ ଦଉଡ଼ିଟିକୁ ଛାଡ଼ିବାକୁ କୁହା ହୋଇନାହିଁ! ଏହାଠୁ ଆହୁରି ଦୁଃଖଦାୟକ କଲେଜଗୁଡ଼ିକରେ ବର୍ଷ ବର୍ଷର ଯେଉଁ ଆଭ୍ୟନ୍ତରୀଣ ସମ୍ବଳ ଥିଲା ତାହା ଅତିଥି ଅଧ୍ୟାପକମାନଙ୍କୁ ଦରମା ବାବଦରେ ଦେବାକୁ ସରକାର ବାଧ୍ୟ କଲାରୁ କଲେଜଗୁଡ଼ିକର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଏଥିପାଇଁ କଲେଜକୁ ବଞ୍ଚେଇବାକୁ ରକ୍ଷଣାବେକ୍ଷଣ କରିବା, ସଫାସୁତୁରା ରଖିବା, ସରକାରୀ ସମ୍ପତ୍ତିକୁ ସୁରକ୍ଷା ପ୍ରଦାନ କରିବା, ନୂଆକରି ଗଢ଼ି ଉଠିଥିବା ବିଭାଗ ଓ ହଷ୍ଟେଲ ପାଇଁ ଆସବାବପତ୍ର କିଣିବା କାର୍ଯ୍ୟକ୍ରମ ଅଚଳ ହୋଇ କଲେଜଗୁଡ଼ିକ ଅତି ଦୟନୀୟ ଅବସ୍ଥାକୁ ଚାଲି ଯାଇଛନ୍ତି।

ଏହି ପ୍ରକାର ସ୍ଥିତିବେଳେ କରୋନା ହାଜର ଏବଂ ସରକାର ତା'ର ମୁକାବିଲା ପାଇଁ ପାଗ ଭିଡ଼ିଛନ୍ତି। ସେଥିରୁ କ'ଣ ହେବ ? ଅଧିକାଂଶ ପଦବୀ ଖାଲି ଥିଲାବେଳେ, ଅତିଥି ଅଧ୍ୟାପକ ନ ଥିଲାବେଳେ, ଯୁବ ଅଧ୍ୟାପକ ଖୁବ୍ କମ୍ ସଂଖ୍ୟକ ଥିଲାବେଳେ ଅନ୍‌ଲାଇନ ଶିକ୍ଷା କେବଳ କାଗଜପତ୍ରରେ ସୀମିତ ରହିବ। ଖୁବ୍ ବେଶିରେ ତାହା ଶିକ୍ଷକମାନଙ୍କ ଦ୍ୱାରା ହ୍ୱାଟ୍‌ସ ଆପ୍‌ରେ ଛାତ୍ରୀଛାତ୍ରମାନଙ୍କ ପାଖକୁ ନୋଟ୍ ପ୍ରେରଣରେ ସମାପ୍ତ ହେବ ଏବଂ ଯେହେତୁ ଏହା 'ସରକାରୀ ପାଠ୍ୟ ସାମଗ୍ରୀ' ଏବଂ ଯେହେତୁ କଲେଜର କିଛି ପାଠପଢ଼ା ହେଲାନାହିଁ, ହୁଏତ ଛାତ୍ରୀଛାତ୍ରମାନେ ଏହି 'ସରକାରୀ ପାଠ୍ୟ ସାମଗ୍ରୀ'କୁ ଯଦି ପରୀକ୍ଷା ହଲରେ ବ୍ୟବହାର ପାଇଁ ନେଇ ଆସନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ। ତା'ଛଡ଼ା ଯେଉଁ କଲେଜରେ, ଯେଉଁ ବିଭାଗରେ ଆଦୌ ଅଧ୍ୟାପକ ନାହାନ୍ତି ସେଠି ସେଇ ଟିକକ କାମ କିଏ କରିବ ? ଏ ପ୍ରକାର ପାଠପଢ଼ା ବ୍ୟବସ୍ଥା ସମ୍ପୂର୍ଣ୍ଣ ବାଛବିଚାରପୂର୍ଣ୍ଣ ଏବଂ ତ୍ରୁଟିପୂର୍ଣ୍ଣ ମଧ୍ୟ। ତା' ସାଙ୍ଗକୁ ପୁଣି ୨୫ ପ୍ରତିଶତ ପାଠ 'ଗାଇଡେଡ ସେଲ୍ଫଷ୍ଟଡି' ମାଧ୍ୟମରେ ଛାତ୍ରୀଛାତ୍ର ପଢ଼ିବେ। ଆଜି 'ସେଲ୍ଫ ଷ୍ଟଡି' ଅଛି କି? ଯେଉଁଠି ଅକ୍ଷର ଶିକ୍ଷା ଟିଉସନରୁ, ପରବର୍ତ୍ତୀ ସମୟରେ ଗୋଟିଏ ଗୋଟିଏ ବିଷୟ ପାଇଁ ଏକାଧିକ ଟିଉସନ, ସେଠି ପିଲା ନିଜେ କିଛି ପଢ଼ିବାର ସଂସ୍କାର ଅଛି କି ? ତା' ଛଡ଼ା ସିଲାବସର କେଉଁ ୨୫ ପ୍ରତିଶତ, କଷ୍ଟ ନା ସହଜ ଅଂଶ ? ଯେଉଁ ବିଷୟରେ ଶିକ୍ଷକ ନାହାନ୍ତି, ଅତିଥି ଶିକ୍ଷକ ନାହାନ୍ତି, ସେଠି ଗାଇଡ୍ କରିବ କିଏ ?

ସଂକଟ ସମୟରେ ଗୋଟିଏ ବ୍ୟକ୍ତି ବା ଅନୁଷ୍ଠାନ ବା ବିଭାଗର ପରାକାଷ୍ଠା ଜଣାପଡ଼େ। ଉଚ୍ଚଶିକ୍ଷା ବିଭାଗ ଯଦି ୮୦ ବା ୯୦ ଦଶକର ଉଚ୍ଚଶିକ୍ଷା ବିଭାଗ ଭଳି ପୂର୍ଣ୍ଣାଙ୍ଗ ଓ ପରିପୁଷ୍ଟ ହୋଇଥାନ୍ତା ହୁଏତ ଏ ପ୍ରକାର ସଂକଟ ବେଳେ କିଛିଟା ମର୍ଯ୍ୟାଦାପୂର୍ଣ୍ଣ ପଦକ୍ଷେପ ନେଇ ଛାତ୍ର ସମାଜର କଲ୍ୟାଣ କରିହୁଅନ୍ତା। ଏବେ ସ୍ଥିତି ଅତି ଦୟନୀୟ, ଅତି ବିକଳ। ନା ଅଛି ଆମ ପାଖରେ ସେନା ନା ଅଛି ଯୁଦ୍ଧାସ୍ତ୍ର। କେଉଁ ପ୍ରକାର ମନୋଭାବର ସହ ଆମେ ଏ ସଂକଟର ମୁକାବିଲା କରିବା ସହ ଜନ ସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରିବୁ ?

ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ଼, ବାଲେଶ୍ୱର,
ମୋ: ୯୪୩୭୩୭୬୨୧୯

# ମହାମାରୀରେ ମାନସିକ ସ୍ୱାସ୍ଥ୍ୟ



ଡା. ସତ୍ୟକାମ ମହାପାତ୍ର

କରୋନା ଭାଇରସ ଡିଜିଜ ବା କୋଭିଡ୍-୧୯ ମହାମାରୀ ସାରା ବିଶ୍ୱରେ ଭୟର ବାତାବରଣ ସୃଷ୍ଟି କରିଛି। ଏହାର ମୁକାବିଲା କରିବା ଲାଗି ଲାଗୁ କରାଯାଉଥିବା ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ଆମ ମାନସିକ ସ୍ୱାସ୍ଥ୍ୟ ବା ମାନସିକ ଅବସ୍ଥା ଉପରେ ପ୍ରଭାବ ପଡୁଛି। ଗତ କିଛି ମାସ ମଧ୍ୟରେ ଅନେକ ଲୋକଙ୍କର କାମ ଓ ବ୍ୟବସାୟ ପୂରା ବନ୍ଦ ହୋଇଯାଇଛି। ଅନେକ ବି ବେରୋଜଗାର ହୋଇଯାଇଛନ୍ତି। କେତେକ ବେସରକାରୀ ସଂସ୍ଥାର କର୍ମଚାରୀଙ୍କର ମାସିକ ଦରମା ମଧ୍ୟ କମାଇ ଦିଆଯିବା ଯୋଗୁ ସେମାନଙ୍କର ମାନସିକ ଅବସ୍ଥା ଉପରେ ମଧ୍ୟ ପ୍ରଭାବ ପଡୁଛି। ଏଥିପାଇଁ ବିଭିନ୍ନ ମାନସିକ ରୋଗ ଯେମିତି କି ଅବସାଦ ବା ଡିପ୍ରେସନ ରୋଗ, ଏଙ୍ଗଜାଇଟି, ମାନସିକ ଛାନିଆ ରୋଗ ବା ପ୍ୟାନିକ ରୋଗ, ଅନିଦ୍ରା, ମାନସିକ ଚାପ ଆଦି ବୃଦ୍ଧି ପାଇବାରେ ଲାଗିଛି।

କରୋନା ମହାମାରୀ ଯୋଗୁ ବହୁ ଲୋକ ମାନସିକ ରୂପରେ ଚାପଗ୍ରସ୍ତ, ଚିନ୍ତିତ, ବ୍ୟସ୍ତ ଓ ଭୟଭୀତ ରହୁଛନ୍ତି। କିଛି ଲୋକଙ୍କ ମନ ଅଧିକାଂଶ ସମୟ ଦୁଃଖି ରହୁଛି। କାହା ସହିତ ମିଳାମିଶା କରିବାକୁ ଇଚ୍ଛା ହେଉ ନାହିଁ। ସେମାନେ ସବୁବେଳେ ଏକୁଟିଆ ରହିବାକୁ ପସନ୍ଦ କରୁଛନ୍ତି। ଅଧିକାଂଶ ସମୟରେ କ୍ଳାନ୍ତ ଲାଗୁଛି ଓ କାମ କରିବାକୁ ଇଚ୍ଛା ହେଉ ନାହିଁ। ନିଜର ଆତ୍ମବିଶ୍ୱାସ କମିଯାଉଛି। ଟିଭି ଓ ସୋସିଆଲ ମେଡିଆରେ କରୋନା ସମ୍ପର୍କିତ ଖବର ଶୁଣି ଅନେକେ ଅତ୍ୟଧିକ ଛାନିଆ ହୋଇ ଯାଉଛନ୍ତି। ବେଳେବେଳେ କିଛି ଲୋକଙ୍କ ମନରେ ହଠାତ ମାତ୍ରାଧିକ ଛାନିଆ ଓ ଭୟର ଭାବନା ଆସିବା ଦ୍ୱାରା ଛାତିରେ ଯନ୍ତ୍ରଣା ହୁଏ, ଦେହ ହାତ ଝିମ୍‌ଝିମ୍ ହୋଇଯାଏ, ପାଟି ଶୁଖିଯାଏ, ଛାତି ଅତି ଜୋରରେ ଧଡ଼ଧଡ଼ ହୁଏ, ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହୁଏ, ହାତଗୋଡ଼ ଥରେ, ମୁଣ୍ଡ ବୁଲାଏ, ଝାଳ ବୋହେ, ଦେହ ଅତ୍ୟନ୍ତ ଗରମ ହୋଇ ଯାଏ। ଲୋକଙ୍କୁ ଏତେ ଜୋରରେ ଛାନିଆ ଲାଗି ଥାଏ ଯେ ସେ ଅନୁଭବ କରେ ହଠାତ ତା'ର ମୃତ୍ୟୁ ହୋଇଯିବ।

ଲକ୍‌ଡାଉନରେ ଅତ୍ୟାବଶ୍ୟକୀୟ ସେବା ପ୍ରଦାନକରି କର୍ମଚାରୀ ମୁଖ୍ୟତଃ ଡାକ୍ତର, ହସ୍ପିଟାଲର ସମସ୍ତ କର୍ମଚାରୀ, ପୋଲିସ କର୍ମଚାରୀମାନେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ହେଉଛନ୍ତି। ଏ ସମସ୍ତଙ୍କ ଉପରେ ମଧ୍ୟ ମାନସିକ ଚାପ ପଡୁଛି। ଅନେକ ଦିନ ହେବ ପିଲାମାନଙ୍କର ସ୍କୁଲ ବନ୍ଦ ହୋଇଯାଇଛି। ଯାହା ଫଳରେ ସେମାନେ ସବୁବେଳେ ଘରେ ରହିବାକୁ ବାଧ୍ୟ ହେଉଛନ୍ତି। ସେମାନେ ନିଜର ସାଙ୍ଗମାନଙ୍କ ସହିତ ମିଳାମିଶା କରି ପାରୁ ନାହାନ୍ତି। ବାହାରେ ଆଗ ଭଳି ଖେଳକୁଦ କରିପାରୁ ନାହାନ୍ତି କି କୌଣସି ପାର୍କ, ଖେଳ ପଡ଼ିଆକୁ ଯାଇପାରୁ ନାହାନ୍ତି। ପିଲାମାନଙ୍କୁ ବହୁତ ସମୟ କରୋନା ସମ୍ପର୍କିତ ଖବର ବିଭିନ୍ନ ନ୍ୟୁଜ ଚ୍ୟାନେଲରୁ ଶୁଣିବାକୁ ମିଳୁଛି। ଏସବୁ ଫଳରେ ପିଲାମାନେ ଅନେକ ସମୟରେ ଭୟଭୀତ ଓ ଆତଙ୍କିତ ହୋଇଯାଉଛନ୍ତି। ଏଥିଯୋଗୁ ମଧ୍ୟ ପିଲାମାନଙ୍କଠାରେ ବିଭିନ୍ନ ବ୍ୟବହାରିକ ସମସ୍ୟା ଯେମିତି କି ଚିଡ଼ିଚିଡ଼ା ହୋଇଯିବା, ଜିଦି କରିବା, ରାଗିବା, ଏକୁଟିଆ ରହିବାକୁ ପସନ୍ଦ କରିବା ଆଦି ଲକ୍ଷଣ ଦେଖାଯାଉଛି। କରୋନା ସଂକ୍ରମଣକୁ ନେଇ ସମାଜରେ ଲୋକମାନେ ଏତେ ଭୟଭୀତ ହୋଇଯାଇଛନ୍ତି ଯେ, ଲୋକମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଏକ ଅବିଶ୍ୱାସ ସୃଷ୍ଟି ହୋଇଛି। ଲୋକେ ଭାବୁଛନ୍ତି ଯେ ଅନ୍ୟ କାହାଠାରୁ କରୋନା ଭୂତାଣୁ ମୋତେ ସଂକ୍ରମିତ କରିବ ନାହିଁ ତ।

ଲକ୍‌ଡାଉନ ସମୟରେ ନିଜକୁ ଚାପଶୂନ୍ୟ ରଖି ପାରିବେ। ଏଥିପାଇଁ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରନ୍ତୁ। କିଛି ସମୟ ଶାରୀରିକ ବ୍ୟାୟମ କରିବା ସହିତ ଦିନକୁ ୩୦ ରୁ ୪୫ ମିନିଟ ଯୋଗାଭ୍ୟାସ କରନ୍ତୁ। ନିୟମିତ ଭାବରେ ପ୍ରତିଦିନ ୧୫ ରୁ ୩୦ ମିନିଟ ପର୍ଯ୍ୟନ୍ତ ଦୀର୍ଘ ଓ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନିଅନ୍ତୁ। ଏହାଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ବଢ଼ି ଥାଏ। ଯାହା ମନକୁ ସୁସ୍ଥ ଓ ଚାପଶୂନ୍ୟ ରଖିଥାଏ। ନିଜର ଖାଦ୍ୟପେୟର ଯତ୍ନ ନିଅନ୍ତୁ। ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। କୌଣସି ନିଶା ସେବନ କରନ୍ତୁ ନାହିଁ। ମନରେ ସକାରାତ୍ମକ ଚିନ୍ତାଧାରା ରଖନ୍ତୁ। କରୋନା ଯୋଗୁ ସମସ୍ତଙ୍କ ଭବିଷ୍ୟତ କ'ଣ ହେବ ? କେତେ ଲୋକ ଏହାଦ୍ୱାରା ଆକ୍ରାନ୍ତ ହେବେ ? କେତେ ଲୋକ ଏଥିରେ ମୃତ୍ୟୁବରଣ କରିବେ ? ଏସବୁ କଥା ଭାବି ଅଯଥା ଚିନ୍ତିତ ହୁଅନ୍ତୁ ନାହିଁ। ନିଜ ମନକୁ ଦୃଢ଼ ରଖନ୍ତୁ। ବେଶି ସମୟ ନ୍ୟୁଜ ଚ୍ୟାନେଲ କିମ୍ବା ସୋସିଆଲ ମେଡିଆରେ ଆସୁଥିବା କରୋନା ସମ୍ପର୍କିତ ଖବର ଦେଖନ୍ତୁ ନାହିଁ। ପରିବାରର ସଦସ୍ୟଙ୍କ ସହିତ ଏ ବିଷୟରେ ଅଯଥା ଆଲୋଚନା କରନ୍ତୁ ନାହିଁ। ଏହାଯୋଗୁ ନିଜ ମନ ବିଚଳିତ ଓ ଚାପଗ୍ରସ୍ତ ରହିବ। କୌଣସି ଗୁଜବ ଓ ଭିତ୍ତିହୀନ ଖବରକୁ ଅଯଥା ବିଶ୍ୱାସ କରିବା ଠିକ୍ ନୁହେଁ। କିଭଳି ନିଜକୁ ଓ ନିଜ ପରିବାରକୁ କରୋନା ଭାଇରସ୍ ଦାଉରୁ ଦୂରେଇ ରଖିପାରିବେ, ସେ ବିଷୟରେ ସରକାରଙ୍କ ଦ୍ୱାରା ଜାରି କରା ଯାଇଥିବା ସଚେତନତା ବାର୍ତ୍ତାକୁ ଅନୁସରଣ କରିବା ଆବଶ୍ୟକ। ଖାଦ୍ୟପେୟର ମଧ୍ୟ ଯତ୍ନ ନିଅନ୍ତୁ। ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଅଧିକ ତେଲ ଓ ମସଲା ଯୁକ୍ତ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ଯେହେତୁ ଏହି ସମୟରେ ଆମର ଶାରୀରିକ ପରିଶ୍ରମ କମିଯାଇଛି, ତେଣୁ ଅଧିକ ତେଲ ଓ ମସଲାଯୁକ୍ତ ଖାଦ୍ୟ ଖାଇଲେ ଓଜନ ବଢ଼ିବାର ଅଧିକ ସମ୍ଭାବନା ଅଛି। ପ୍ରତିଦିନ ଯଥେଷ୍ଟ ବିଶ୍ରାମ ନିଅନ୍ତୁ। ଅତି ବେଶି କି ଅତି କମ୍ ସମୟ ଶୁଅନ୍ତୁ ନାହିଁ। ଦୈନିକ ଅତି କମ୍‌ରେ ୬ ରୁ ୮ ଘଣ୍ଟା ଶୁଅନ୍ତୁ।

ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ପିଲାମାନଙ୍କ ଯତ୍ନ ପ୍ରତି ଗୁରୁତ୍ୱ ଦିଅନ୍ତୁ। ସେମାନଙ୍କୁ ଯଥେଷ୍ଟ ସମୟ ଦିଅନ୍ତୁ। ପ୍ରତିଦିନ ସେମାନଙ୍କ ପାଠପଢ଼ା ପାଇଁ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରନ୍ତୁ। କିଛି ସମୟ ବିଭିନ୍ନ ପ୍ରକାରର ଖେଳ ଯେମିତି ଚେସ, ଲୁଡୁ, କ୍ୟାରମ ଆଦି ଖେଳିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରନ୍ତୁ। ଏହା ସହିତ ପିଲାର ଇଚ୍ଛା ଅନୁଯାୟୀ ନାଚ, ଗୀତ, ଚିତ୍ର ଆଙ୍କିବା ଓ କମିକ୍ସ ପଢ଼ିବା ଆଦିରେ ବ୍ୟସ୍ତ ରହିବାକୁ କହିପାରିବେ। ପିଲାମାନଙ୍କୁ ସେମାନଙ୍କ ସାଙ୍ଗମାନଙ୍କ ସହିତ ଫୋନରେ କଥା ହେବାର ସୁଯୋଗ ଦିଅନ୍ତୁ। ପିଲାମାନଙ୍କ ମନ ଅତି କୋମଳ। ତେଣୁ ସେମାନଙ୍କ ଆଗରେ କରୋନା ସମ୍ପର୍କରେ ବେଶି ଆଲୋଚନା କରିବା ଉଚିତ ନୁହେଁ। ଏହି ସମୟରେ ନିଜକୁ ଭଲ ଲାଗୁଥିବା କାମ ଯେମିତି କି ବହି ପଢ଼ିବା, ସଂଗୀତ ଶୁଣିବା, ବଗିଚା କାମ କରିବା ଆଦିରେ ବ୍ୟସ୍ତ ରଖନ୍ତୁ। ବ୍ୟସ୍ତ ଜୀବନରେ ଏହି ଲକ୍‌ଡାଉନ ସମୟରେ ଅନେକ ଦିନ ପରେ ଆପଣଙ୍କୁ ଯଥେଷ୍ଟ ସମୟ ମିଳିଛି। ଏହି ସମୟରେ ଆତ୍ମନିରୀକ୍ଷଣ ଓ ବିଶ୍ଳେଷଣ କରିବା ଦ୍ୱାରା ମନର ଅବସ୍ଥାକୁ ଠିକ୍ ଭାବେ ବୁଝିହେବ। ଭବିଷ୍ୟତ ପାଇଁ ଯୋଜନା କରିବାର ଏହା ହିଁ ଉପଯୁକ୍ତ ସମୟ। କରୋନା ସହିତ ଆମ ସମସ୍ତଙ୍କୁ ଲଢ଼େଇ କରିବାକୁ ପଡ଼ିବ। ଏହି ଭାଇରସ୍ ଆମକୁ ସଂକ୍ରମିତ କରିବା ପୂର୍ବରୁ ଏହାର ଡର ଯେପରି ଆମର ମନକୁ ସଂକ୍ରମିତ ନ କରେ ସେଥିପାଇଁ ସମସ୍ତଙ୍କୁ ଦୃଢ଼ ଓ ସଚେତନ ହେବାକୁ ପଡ଼ିବ।

ମାନସିକ ରୋଗ ବିଶେଷଜ୍ଞ, କଟକ
ମୋ- ୮୮୯୫୨୯୩୯୯୭

## ଏଇ ଭାରତରେ

ପରିଣତ ବୟସ ଅଟକାଇ ପାରିନି ଅରୂପ ସେନଗୁପ୍ତାଙ୍କୁ। ସେ କୋଲକାତାରେ ଦେହଜୀବୀ ଓ ସେମାନଙ୍କ ପିଲାମାନଙ୍କୁ ଥଇଥାନ କରିବାରେ ଲାଗିଛନ୍ତି। ୭୦ ବର୍ଷ ବୟସରେ ଅସୁସ୍ଥତା ସତ୍ତ୍ୱେ ସେ 'ନତୂନ ଜୀବନ' ବା 'ନୂଆ ଜୀବନ' ଏନ୍‌ଜିଓ ମାଧ୍ୟମରେ ଏହି ସେବା କରୁଛନ୍ତି। ୪ ବର୍ଷ ତଳେ ସେ ଏହି ସଂସ୍ଥା ଆରମ୍ଭ କରିଥିଲେ ଓ ଏବେ ୪୦ ଜଣ ପିଲାଙ୍କୁ ପଢ଼ାଉଛନ୍ତି। ଏମାନେ ସମସ୍ତେ ଦେହଜୀବୀଙ୍କ ସନ୍ତାନ। ଏକ ସ୍ୱଚ୍ଛଳ ପରିବାରରେ ଜନ୍ମିତ ଅରୂପଙ୍କ ମାତାପିତାଙ୍କ ଦେହାନ୍ତ ପରେ ଅରୂପଙ୍କୁ ଯକ୍ଷ୍ମା ହେବାରୁ କଲୋନୀରୁ ବାହାର କରିଦିଆଗଲା। ପରେ ସେ ଏକ ଆଶ୍ରୟସ୍ଥଳୀରେ ରହିଲେ ଓ ସୌଭାଗ୍ୟକୁ ବଞ୍ଚିଗଲେ। ତା'ପରେ କାମ କରି ସେହି ରୋଜଗାରରେ କଲେଜ ଶିକ୍ଷା ଶେଷ ହେବା ପରେ ୪୫ ବର୍ଷ ଧରି ବିଭିନ୍ନ ଜାଗାରେ କାମ କଲେ। ୨୦୧୬ରେ କୋଲକାତା ଫେରି 'ନତୂନ ଜୀବନ' ପଞ୍ଜୀକରଣ କରିଥିଲେ। ଦେହଜୀବୀଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେମାନଙ୍କୁ ମଧ୍ୟ ସଶକ୍ତ କରିବାରେ ଲାଗିଛନ୍ତି। ୬ ଜଣ ଦେହଜୀବୀ ଓ ୩ ଜଣ ଅସହାୟ ମହିଳାଙ୍କୁ ନିଯୁକ୍ତି ଦେଇ 'ନାରୀ ଶକ୍ତି ଟିମ୍' ଗଠନ କରିଛନ୍ତି। ଏମାନେ ଏନ୍‌ଜିଓର ପରିଚାଳନା କରିବା ସହ ଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ୩ରୁ ୧୨ ବର୍ଷର ପିଲାମାନେ ପ୍ରତିଦିନ ସନ୍ଧ୍ୟାରେ ପଢ଼ିବାକୁ ଆସନ୍ତି। କୋଭିଡ-୧୯ ମହାମାରୀ ସମୟରେ ଏଥିରେ ବାଧା ଉପୁଜିଛି। ଏହି ସଂସ୍ଥା ମଧ୍ୟ ୪୦୦ ଦେହଜୀବୀ ପରିବାରକୁ ରାଶନ ସାମଗ୍ରୀ ଯୋଗାଇ ଦେଇଛି।

## ଚିରନ୍ତନୀ

ନ କହିବି ତୋତେ ଏ ପଥର ପରିଣାମ
ବିୟୋଗର ଗୀତ, ବିଧାତାର ଗତି ବାମ,
କରତଳେ ତୋର ଫୁଟିଉଠୁ ଶତଦଳ
ଲୋଟିପଡୁ ତୋର କଟିରେ ଚିକୁରଦାମ।
(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜୁଲାଇ ୧୯୯୫

- ଚାଇନାର ଉତ୍ତର-ପଶ୍ଚିମ ଗାଁସୁ ପ୍ରଦେଶରେ ଭୂମିକମ୍ପ ହେବା ଫଳରେ ୧୩ ଜଣ ମୃତ୍ୟୁବରଣ କରିଛନ୍ତି।
- ଜାତିସଂଘ ପକ୍ଷରୁ ନିରାପଦ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିବା ବିହାକ୍ ଉପରେ ବିଚ୍ଛିନ୍ନତାବାଦୀ ସର୍ବୀୟମାନଙ୍କ ଉତ୍ପୀଡ଼ନକୁ ରୋକିବା ପାଇଁ କ୍ରୋଏସିଆ ଓ ବୋସନିଆ ରାଷ୍ଟ୍ରପତିଙ୍କ ମଧ୍ୟରେ ଏକ ବିବୃତି ସ୍ୱାକ୍ଷରିତ ହୋଇଛି।
- ଇଂଲଣ୍ଡର ପ୍ରଥମ ବୋଲର ଭାବେ କ୍ରିକେଟ ଜଗତରେ 'ବଡିଲାଇନ' ବୋଲିଂ ନାମରେ ଏକ ଭୟାନକ ବାଉନ୍‌ସର ବୋଲିଂ ଆରମ୍ଭ କରିଥିବା ହାରୋଲ ଲାରଉଡ୍‌ଙ୍କ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | | 8 | 6 | | | 4 | | 9 | | | | | | |
| | C | | | | | | D | B | 5 | 3 | | 9 | | |
| | 9 | | | | | 0 | | E | B | | D | | | C |
| | 1 | 4 | 8 | | E | | | | | 7 | | | | |
| | 7 | | | | | | | | | 6 | A | | | 0 |
| D | | B | 4 | | | E | | | 0 | 1 | | | | |
| | 2 | 6 | C | | | | | | | | | | | |
| 7 | | | B | | 5 | | | | E | 8 | | 1 | D | |
| | 5 | | | E | | | 8 | 7 | 3 | | 9 | C | | |
| | E | | | | 2 | | | | | | | | | |
| | | D | 2 | | B | | 4 | | | | | 5 | | |
| | | | 0 | D | 6 | 2 | | | | 4 | | | | |
| 9 | | 0 | | | A | | | 8 | 7 | B | | 4 | | |
| | | | | | 8 | D | | | | E | 6 | | | 7 |
| | | | 9 | | | A | | 6 | 2 | | 3 | | E | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 9 | A | 0 | B | 2 | 6 | 3 | E | 8 | 5 | 7 | C | 4 | D |
| E | 7 | C | 3 | D | A | 5 | 8 | 4 | B | 2 | 6 | 9 | 0 | 1 |
| 3 | 6 | 5 | 7 | 1 | C | 9 | D | 0 | A | E | 4 | B | 2 | 8 |
| 4 | D | 0 | 5 | 8 | 9 | 7 | 2 | B | 1 | 3 | C | 6 | A | E |
| B | 8 | 2 | 6 | 4 | E | 1 | C | A | D | 0 | 9 | 5 | 7 | 3 |
| 5 | 4 | 6 | 8 | 9 | 1 | D | A | 3 | C | B | 0 | 2 | E | 7 |
| 2 | 1 | 8 | B | E | 7 | C | 4 | 5 | 9 | A | D | 3 | 6 | 0 |
| 9 | C | 3 | D | 0 | 5 | E | 1 | 2 | 6 | 7 | 8 | 4 | B | A |
| 7 | A | B | 4 | C | 3 | 0 | 6 | 8 | E | 1 | 2 | D | 5 | 9 |
| D | 0 | E | 2 | A | 6 | B | 9 | 7 | 5 | 4 | 3 | 8 | 1 | C |
| C | 2 | 1 | 9 | 7 | 0 | 3 | E | 6 | 4 | D | 5 | A | 8 | B |
| 0 | E | 9 | A | 5 | 8 | 4 | 7 | C | 3 | 6 | B | 1 | D | 2 |
| A | B | D | 1 | 2 | 4 | 8 | 5 | 9 | 0 | C | E | 7 | 3 | 6 |
| 8 | 3 | 4 | E | 6 | D | 2 | B | 1 | 7 | 9 | A | 0 | C | 5 |
| 6 | 5 | 7 | C | 3 | B | A | 0 | D | 2 | 8 | 1 | E | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚାକିରିକୁ ନେଇ ହାହାକାର

ମହାଶୟ,

ଗଣତାନ୍ତ୍ରିକ ସରକାରର ସଂଜ୍ଞା 'ଲୋକମାନଙ୍କ ପାଇଁ, ଲୋକମାନଙ୍କର ଓ ଲୋକମାନଙ୍କ ଦ୍ୱାରା' ବଦଳରେ ସଂପ୍ରତି ତାହା 'ଅଳ୍ପ କେତେକଙ୍କ ପାଇଁ, ଅଳ୍ପ କେତେକଙ୍କର ଓ ଅଳ୍ପ କେତେକଙ୍କ ଦ୍ୱାରା' ହେବାକୁ ବସିଲାଣି। 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା'ରେ ଓଡ଼ିଶାର ମାତ୍ର ୪ଟି ଜିଲାକୁ ସାମିଲ କରାଯାଇଛି। ବାକି ଜିଲାର ପ୍ରବାସୀଙ୍କ ରୋଜଗାର ବିଷୟରେ ଆମକୁ ଭାବିବାକୁ ପଡ଼ିବ। କରୋନା ମହାମାରୀ ଏବେ ରାଜ୍ୟର ବେରୋଜଗାରୀ ହାରକୁ ଶୀର୍ଷକୁ ନେଇଯିବ ଏବଂ ଓଡ଼ିଶା ଭଳି ରାଜ୍ୟକୁ ବହୁ ପଛକୁ ଟାଣିନେବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। କରୋନା ମହାମାରୀ ଏବେ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର ପୁରୀରେ ଆତଙ୍କ ଖେଳାଇଦେଇଛି। ପୁରୀ ଜିଲାର ୧୧ ଗୋଟି ବ୍ଲକ୍‌ରେ ଲକ୍‌ଡାଉନ୍ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ମାନ୍ଦାବସ୍ଥା ଆଉ ଘୋର ଆର୍ଥିକ ସଙ୍କଟ ଦେଖାଦେଇଛି। କରୋନା ପାଇଁ ଯେଉଁ ମାନ୍ଦାବସ୍ଥା ଦେଖାଦେଇଛି ରାଜ୍ୟର ବେରୋଜଗାରୀ ହାରକୁ ବୃଦ୍ଧି କରୁଛି। ଆଉ ଆଗକୁ ମଧ୍ୟ ବୃଦ୍ଧି ପାଇବ। ମାନ୍ଦାବସ୍ଥାର ପ୍ରଭାବ ଦୀର୍ଘସ୍ଥାୟୀ ହେବ। ମନରେଗା ହେଉ ଅବା ଗରିବ କଲ୍ୟାଣ ଯୋଜନା, ଏପରି ସରକାରୀ କାର୍ଯ୍ୟକ୍ରମ ବେକାରି ସମସ୍ୟା ଦୂର ପାଇଁ ସକ୍ଷମ ନୁହେଁ। କରୋନା ମହାମାରୀରେ ପ୍ରବାସୀ ଶ୍ରମିକ ପ୍ରସଙ୍ଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଓଡ଼ିଶାକୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଫେରିଛନ୍ତି ବୋଲି କୁହାଯାଉଛି। ରାଜ୍ୟର ସମୁଦାୟ ୩୫ ଲକ୍ଷ ପ୍ରବାସୀଙ୍କ ମଧ୍ୟରୁ ବାକି କୁଆଡ଼େ ଗଲେ ଏସବୁ ବିଷୟରେ କାହା ପାଖରେ କିଛି ଖବର ନାହିଁ। ଏଣୁ ପ୍ରବାସୀ ଶ୍ରମିକ ବୋଝ କିମ୍ବା ବିପଦ ନୁହନ୍ତି। ଏମାନେ ହେଉଛନ୍ତି ମାନବ ସମ୍ବଳର ପୁଞ୍ଜି। ସବୁଠାରେ ଚାକିରିକୁ ନେଇ ହାହାକାର ଓ ଏକ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରିଛି।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ମାଛଗାଁ କେନାଲ ସେତୁ ଶୀଘ୍ର ହେଉ

ବିରିଡ଼ି ବ୍ଲକ୍ ଅଧୀନ ଚାନ୍ଦପୁରଠାରେ ମାଛଗାଁ କେନାଲ ସେତୁ ତିନିଟି ଖୁମ୍ବ କରି ରଖାଯାଇଛି। ବିଲୁଆଖାଇ ଉପରେ ପୋଲ ଶେଷ ହୋଇଛି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଶେଷ କରି ପୋଲ ଉଦ୍‌ଘାଟନ ପ୍ରତି ଦୃଷ୍ଟିଦେବା ଆବଶ୍ୟକ। ଯାହାଫଳରେ ଉଭୟ ଅଧିବାସୀମାନଙ୍କ ଦୀର୍ଘଦିନର ଆଶା ଫଳବତୀ ହୋଇପାରିବ। ଅଧିକ ରାସ୍ତା ବୁଲାଣିରେ ଯିବାକୁ ପଡୁଛି। ବର୍ତ୍ତମାନ ପୋଲ ହେଲେ ସମସ୍ୟା ଦୂର ହୋଇଯିବ।

ରମେଶ ଚନ୍ଦ୍ର ବେହେରା, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଶ୍ରୀଲିଙ୍ଗରାଜଙ୍କ ଫଟୋ ଭାଇରାଲ**

**ପୁରୁଣା ଭୁବନେଶ୍ୱର:** ଶ୍ରୀଲିଙ୍ଗରାଜଙ୍କ ଗର୍ଭଗୃହର ଫଟୋ ଗୁରୁବାର ଭାଇରାଲ ହୋଇଛି। ଶ୍ରୀଲିଙ୍ଗରାଜ ଥାନା ପୋଲିସ କର୍ମଚାରୀ, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ କର୍ମଚାରୀ ଏବଂ ଜଣେ ଓଏଏସ୍ ଅଧିକାରୀଙ୍କ ଅଧୀନରେ ଶ୍ରୀଲିଙ୍ଗରାଜ ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ପୁଣି କେହି ମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ କରିଛନ୍ତି। ଏ ସମ୍ପର୍କରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଛନ୍ତି, ଫଟୋ ଭାଇରାଲ ନେଇ ମୋ ପାଖରେ ସୂଚନା ନାହିଁ। ଯଦି ଘଟଣାରେ ସତ୍ୟତା ଥାଏ, ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ‘କରୋନାକୁ ଘର ଘର ବୁଲି ଖୋଜୁଛୁ’

ଭୁବନେଶ୍ୱର, ୨୩।୭(ବ୍ୟୁରୋ)

ରାଜ୍ୟରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ରାଜ୍ୟବାସୀ ଚିନ୍ତାପ୍ରକଟ କରନ୍ତୁ ନାହିଁ। ସରକାରଙ୍କ ଦ୍ୱାରା କରାଯାଉଥିବା ଘରକୁଘର ବୁଲି ସର୍ଭେ ପଦକ୍ଷେପ ପାଇଁ ଅଧିକ ସଂଖ୍ୟକ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଆଶା, ଅଙ୍ଗନୱାଡ଼ି ଓ ଏଏନ୍ଏମ୍ ଏହି ସର୍ଭେ କରୁଛନ୍ତି। ଏଥିରେ ଭୟ କରିବାର କିଛି ଆବଶ୍ୟକତା ନାହିଁ, ଆମେ କରୋନାକୁ ଘରକୁ ଘର ବୁଲି ଖୋଜୁଛୁ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ ପି.କେ. ମହାପାତ୍ର ଦେଇଛନ୍ତି। ଗୁରୁବାର ଗୀତଗୋବିନ୍ଦ ସଦନରେ ଆୟୋଜିତ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୪୫,୦୦୦ରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ରାଜ୍ୟରେ ଗୋଟିଏ ଦିନରେ ସର୍ବାଧିକ ୧୨୬୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ନେଇ ରାଜ୍ୟବାସୀ ଚିନ୍ତା କରନ୍ତୁ ନାହିଁ। ରାଜ୍ୟର ସମସ୍ତ ଲକ୍ଷଣ ଥିବା ରୋଗୀଙ୍କୁ ଯଦି ଚିହ୍ନଟ କରିବାରେ ଆମେ ସକ୍ଷମ ହେବା ତେବେ ଖୁବ୍ ଶୀଘ୍ର ରୋଗ ଉପରେ ନିୟନ୍ତ୍ରଣ ପାଇପାରିବା ବୋଲି ମହାପାତ୍ର କହିଛନ୍ତି। ଏଥିସହିତ ମହାପାତ୍ର ବିଭିନ୍ନ ଦିଗ ଉପରେ ସୂଚନା ଦେଇଛନ୍ତି।

### ଓଡ଼ିଶାରେ ସୁସ୍ଥ ହାର ସର୍ବାଧିକ

କୋଭିଡ୍ ପଜିଟିଭ୍ ସଂଖ୍ୟାରେ ସାରା ବିଶ୍ୱରେ ଭାରତ ଏବେ ତୃତୀୟ ସ୍ଥାନରେ ରହିଛି। ହେଲେ ସୁସ୍ଥ ହାର ଏବଂ କମ୍ ମୃତ୍ୟୁ ହାରରେ

## ଲୁଚି ରୁହନ୍ତୁ ନାହିଁ, ଲକ୍ଷଣ ଥିଲେ ଟେଷ୍ଟ କରନ୍ତୁ

ଅନ୍ୟ ଦେଶଗୁଡ଼ିକୁ ଅପେକ୍ଷା ଭାରତର ସ୍ଥିତି ଭଲ ରହିଛି। ସେହିପରି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଭଲ। ରାଜ୍ୟରେ ସୁସ୍ଥ ହାର ୬୫% ରହିଛି। ଦେଶରେ ମୃତ୍ୟୁହାର ଏବେ୨.୫% ରହିଥିବାବେଳେ ରାଜ୍ୟରେ ଏହା ୦.୫୪% ରହିଛି। ରୋଗୀଙ୍କୁ ସମୟରେ ଚିହ୍ନଟ କରି ଚିକିତ୍ସା କରାଇବା ଓ ସମୟ ସାପେକ୍ଷ ପଦକ୍ଷେପ ପାଇଁ ଏହା ସମ୍ଭବପର ହୋଇପାରିଛି।

### ଅଗଷ୍ଟ ସୁଦ୍ଧା ଆଉ ୬ ସ୍ଥାନରେ ଟେଷ୍ଟିଂ

ମାର୍ଚ୍ଚ ୧୫ରେ ରାଜ୍ୟର ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିଲେ, ସେତେବେଳେ ରାଜ୍ୟରେ ଗୋଟିଏ ନମୁନା ପରୀକ୍ଷଣ କେନ୍ଦ୍ର (ଆର୍ଏମ୍ଆର୍ସି) ଥିଲା। କିନ୍ତୁ ବର୍ତ୍ତମାନ ରାଜ୍ୟର ୧୯ ସ୍ଥାନରେ ନମୁନା ପରିକ୍ଷଣ ସୁବିଧା ଉପଲବ୍ଧ ଅଛି। ଆସନ୍ତା ୧୦ ଦିନ ମଧ୍ୟରେ ରାଜ୍ୟ ସରକାର ଆଉ ୬ ସ୍ଥାନରେ ଆରଟିପିସିଆର ଟେଷ୍ଟିଂ କରିବା ଆରମ୍ଭ କରିବାକୁ ଯାଉଛନ୍ତି।

### ଅନ୍ୟ ରୋଗ ପ୍ରତି ଧ୍ୟାନ ଦିଆଯାଉଛି

ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି କେବଳ କରୋନା ସର୍ଭେ କରୁଛନ୍ତି କିମ୍ବା ଲକ୍ଷଣଧାରୀଙ୍କୁ ଚିହ୍ନଟ କରୁଛନ୍ତି ତା ନୁହେଁ। ସର୍ଭେ ସମୟରେ ଲୋକଙ୍କ ଶରୀରରେ ଅନ୍ୟ କେଉଁ ରୋଗ ଅଛି ସେନେଇ ମଧ୍ୟ ନଜର ରଖାଯାଉଛି। ଟିବି, ହାଇପର ଟେନ୍ସନ୍, ଡାଇବେଟିସ୍, କ୍ୟାନ୍ସର, କିଡ୍ନୀ ରୋଗ, ମ୍ୟାଲେରିଆ, ଡାଇରିଆ ପରି ଅନ୍ୟ ରୋଗୀଙ୍କ ପ୍ରତି ସ୍ୱାସ୍ଥ୍ୟକର୍ମୀମାନେ ଯତ୍ନବାନ ହେବାକୁ କୁହାଯାଇଥିବାବେଳେ ସେସବୁର ନିରାକରଣ ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ଓ ଉପଯୁକ୍ତ ଔଷଧ ମଧ୍ୟ ସେମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଛି।

### ଦିନକରେ ୩ ହଜାର ଆଣ୍ଟିଜେନ୍ ଟେଷ୍ଟ

ଗତ ୮ଦିନ ହେବ ଆଇସିଏମ୍ଆରର ଆପ୍ରୁଭ୍ ଫାର୍ମରୁ ରାଜ୍ୟ ସରକାର ଆଣ୍ଟି ଜେନ୍ ଟେଷ୍ଟିଂ କିଟ୍ ଆଣି ନମୁନା ପରୀକ୍ଷଣ କରୁଛନ୍ତି। ବର୍ତ୍ତମାନ ପର୍ଯ୍ୟାପ୍ତ ପରିମାଣର ଆଣ୍ଟିଜେନ୍ କିଟ୍ ରାଜ୍ୟରେ ଉପଲବ୍ଧ ଅଛି। କେବଳ ମେଡିକାଲ କଲେଜ୍ ନୁହେଁ, ସମସ୍ତ ହସ୍ପିଟାଲକୁ ଏହାକୁ ପଠାଇ ଦିଆଯାଇଛି ଓ ଟେଷ୍ଟିଂ ଚାଲିଛି। ଗୁରୁବାର ଦିନକରେ ୩ ହଜାରରୁ ଊର୍ଦ୍ଧ୍ୱ ଆଣ୍ଟି ଜେନ୍ ଟେଷ୍ଟ କରାଯାଇଛି। ଜିଲା ଚିକିତ୍ସାଳୟ, ସବ୍ ଡିଭିଜନାଲ ହସ୍ପିଟାଲ ଓ ସିଏଚ୍ସିରେ ଏହି ଟେଷ୍ଟ ଜାରି ରହିଛି। ଏଥିସହ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ହେଉଥିବା ସଚେତନତା ଓ ଉତ୍କୃଷ୍ଟ ଚିକିତ୍ସା ପାଇଁ ବହୁ ଲୋକ ବର୍ତ୍ତମାନ ଟେଷ୍ଟ ପାଇଁ ଆଗେଇ ଆସୁଛନ୍ତି। ଆଗି ଗୋଟିଏ ଦିନରେ ରାଜ୍ୟରେ ୧୧ ହଜାରରୁ ଊର୍ଦ୍ଧ୍ୱ ଟେଷ୍ଟ କରାଯାଇଥିବାବେଳେ ଏହା ଯେତେ ଆଗକୁ ବଢ଼ିପାରିବ ସେନେଇ ଲକ୍ଷ୍ୟ ରଖାଯାଇଛି।

### ରାଜ୍ୟରେ ୩୭.୨% ବେଡ୍ରେ ଚିକିତ୍ସାଧୀନ ଅଛନ୍ତି ଆକ୍ରାନ୍ତ

ପ୍ରତ୍ୟେକ ଜିଲାରେ ରାଜ୍ୟ ସରକାର କୋଭିଡ୍ କେୟାର ସେଣ୍ଟର ଓ କୋଭିଡ୍ ହସ୍ପିଟାଲର ବ୍ୟବସ୍ଥା ରଖିଥିବାବେଳେ ବର୍ତ୍ତମାନ ସୁଦ୍ଧା ୩୭.୨% ବେଡ୍ରେ ବର୍ତ୍ତମାନ ଚିହ୍ନଟ ଆକ୍ରାନ୍ତମାନେ ଚିକିତ୍ସିତ ହେଉଛନ୍ତି। ବଢୁଥିବା ପଜିଟିଭ୍ ସଂଖ୍ୟାକୁ ଲକ୍ଷ୍ୟ କରି ଅଗଷ୍ଟ ୩୧ ପର୍ଯ୍ୟନ୍ତ କେଉଁଠି କେତେ ବେଡ୍ ଆବଶ୍ୟକ, ସେନେଇ ବିଭାଗୀୟ କର୍ତ୍ତୃପକ୍ଷ ଯୋଜନା କରିସାରିଛନ୍ତି। ସେହିପରି ଅଗଷ୍ଟ ୧୫ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ ସେପ୍ଟେମ୍ବର ପାଇଁ କେତେ ବେଡ୍ ଆବଶ୍ୟକ ହେବ ସେନେଇ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି।

### ଘରେ ଚିକିତ୍ସିତ ହେଲେ ୧୦ ଦିନରେ ଆରୋଗ୍ୟ ସମ୍ଭବ

ସବୁଠୁ ବଡ଼ କଥା ହେଲା ବର୍ତ୍ତମାନ ଯାଏ ଚିହ୍ନଟ ପଜିଟିଭ୍ଙ୍କ ମଧ୍ୟରୁ ୭୦% ଆକ୍ରାନ୍ତଙ୍କ ଦେହରେ ଲକ୍ଷଣ ଦେଖାଯାଇନାହିଁ। ବର୍ତ୍ତମାନ ସ୍ଥିତିରେ ଯେଉଁମାନଙ୍କ ଘରେ ସଙ୍ଗରୋଧ ରହି ଚିକିତ୍ସିତ ହେବାର ସମସ୍ତ ସୁବିଧା ଅଛି ସେମାନେ ଘରେ ରୁହନ୍ତୁ। ଘରେ ରହି ଚିକିତ୍ସିତ ହେଲେ ୧୦ଦିନ ମଧ୍ୟରେ ଆରୋଗ୍ୟ ହୋଇଯିବେ ବୋଲି ସେ କହିଛନ୍ତି। ଭୁବନେଶ୍ୱରରେ ପାଖାପାଖି ୧୦୩ଜଣ ଲକ୍ଷଣ ବିହୀନ ଆକ୍ରାନ୍ତ ନିଜ ଘରେ ରହି ଚିକିତ୍ସିତ ହେଉଛନ୍ତି। ରାଜ୍ୟ ସରକାର ଏହି ବ୍ୟବସ୍ଥାକୁ କେବଳ ସହରାଞ୍ଚଳରେ ଲାଗୁ କରିଥିବାବେଳେ କେନ୍ଦ୍ର ସରକାର ଏହାକୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଲାଗୁ କରିଛନ୍ତି। ତେଣୁ ଜନସାଧାରଣ ଘରେ ରହି ଚିକିତ୍ସିତ ହୁଅନ୍ତୁ। ଯଦି ଅତ୍ୟାବଶ୍ୟକ ପଡ଼େ ତେବେ ସେମାନେ ୧୦୪କୁ ଯୋଗାଯୋଗ କରି ଡାକ୍ତରୀ ପରାମର୍ଶ ନିଅନ୍ତୁ ବୋଲି ସେ କହିଛନ୍ତି। ଡାକ୍ତରୀ ପରାମର୍ଶ ପରେ ଯଦି ଆବଶ୍ୟକ ପଡ଼ିଲା ତା'ହେଲେ ତାଙ୍କୁ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯିବ। ଯେପର୍ଯ୍ୟନ୍ତ କୋଭିଡ୍ର କିଛି ଭ୍ୟାକ୍ସିନ୍ ନ ଆସିଛି ସେପର୍ଯ୍ୟନ୍ତ ଜନସାଧାରଣ ସତର୍କ ରୁହନ୍ତୁ।

### ଏମ୍କେସିଜି, କ୍ୟାପିଟାଲ ହସ୍ପିଟାଲରେ ସଂଗୃହୀତ ହେବ ପ୍ଲାଜ୍ମା

କଟକ ଅଶ୍ୱିନୀ ହସ୍ପିଟାଲ, ସମ୍ ହସ୍ପିଟାଲ, କିମ୍ସ ଓ ଗୋପାଳପୁର ଟାଟା କୋଭିଡ୍ ହସ୍ପିଟାଲ ବର୍ତ୍ତମାନ ପ୍ଲାଜ୍ମା ଥେରାପିରେ ରୋଗୀଙ୍କ ଚିକିତ୍ସା କରାଯାଉଛି; ଯାହାକି ବହୁ ମାତ୍ରାରେ ସଫଳ ହୋଇଛି ବୋଲି ଡାକ୍ତରୀ ଦଳ ରିପୋର୍ଟ ଦେଇଛନ୍ତି। ଏହାକୁ ଲକ୍ଷ୍ୟ କରି ରାଉରକେଲା ଆଇଜିଏଚ୍ରେ ଏହି ପ୍ଲାଜ୍ମା ବ୍ୟାଙ୍କ ଆରମ୍ଭ କରାଯିବ। ଯାହାଦ୍ୱାରା ପଶ୍ଚିମ ଓଡ଼ିଶାରେ ମଧ୍ୟ ଏହି ଥେରାପି ପ୍ରଦାନ କରାଯିବ। ତେବେ ଏହା ବ୍ୟତୀତ ବ୍ରହ୍ମପୁର ଏମ୍କେସିଜି ଓ ଭୁବନେଶ୍ୱର କ୍ୟାପିଟାଲ ମେଡିକାଲରେ ମଧ୍ୟ ପ୍ଲାଜମା ଥେରାପି ଆରମ୍ଭ କରିବା ପାଇଁ ଗୁରୁବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ତା'ଦ୍ୱାରା ଅଧିକରୁ ଅଧିକ ପ୍ଲାଜ୍ମା ସଂଗ୍ରହ ହୋଇପାରିବ ଓ ଲୋକଙ୍କୁ ଦିଆଯାଇପାରିବ ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମହାପାତ୍ର କହିଛନ୍ତି।

---

## ସଂକ୍ଷେପରେ

### ସିର୍ଲା ଏନ୍କାଉଣ୍ଟର୍ ଓଡ଼ିଶା ପୋଲିସକୁ କେନ୍ଦ୍ରର ପ୍ରଶଂସା

**କଟକ ଅଫିସ,୨୩।୭:** କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକର ସିର୍ଲା ଜଙ୍ଗଲରେ ମାଓବାଦୀ ବିରୋଧୀ ଅପରେଶନ୍କୁ ନେଇ ଓଡ଼ିଶା ପୋଲିସକୁ କେନ୍ଦ୍ର ସରକାର ପ୍ରଶଂସା କରିଛନ୍ତି। ଗତ ୪ ଏବଂ ୫ ତାରିଖରେ ହୋଇଥିବା ଏହି ଏନ୍କାଉଣ୍ଟର୍ରେ ପୋଲିସ ଗୁଳିରେ ୪ଜଣ ମାଓବାଦୀ ଟଳିପଡ଼ିଥିଲେ। ସେମାନଙ୍କ ମଧ୍ୟରେ ସିପିଆଇ (ମାଓବାଦୀ)ର ରାଜ୍ୟ କମିଟି ସଦସ୍ୟ କୋଶ ସୋଧୀ ଓରଫ୍ ଶୁକ୍ରୁଙ୍କ ସମେତ ଅନ୍ୟ ୩ଜଣ ଟପ୍ କ୍ୟାଡର୍ ମାଓବାଦୀ ଥିଲେ। ରାଜ୍ୟ ପୋଲିସ ପାଇଁ ଏହା ବଡ଼ ସଫଳତା ବୋଲି କୁହାଯାଇଥିଲା। ଏହି ଅପରେଶନ୍କୁ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରଶଂସା କରାଯାଇଛି। କେନ୍ଦ୍ର ଗୃହ ସଚିବଙ୍କ ତରଫରୁ ଏନେଇ ଏକ ପ୍ରଶଂସା ପତ୍ର ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଲେଖାଯାଇଛି। ଓଡ଼ିଶା ପୋଲିସର ଗୋଇନ୍ଦା ଏବଂ ସ୍ୱତନ୍ତ୍ର ମାଓବାଦୀ ନିରୋଧୀ ଫୋର୍ସର କଠିନ ପରିଶ୍ରମ ଯୋଗୁ ଏହି ଅପରେଶନ୍ ସଫଳ ହୋଇପାରିଛି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

### କବି ଦିଲୀପ କୁମାର ବେହୁରାଙ୍କ ପରଲୋକ



**ଭୁବନେଶ୍ୱର,୨୩।୭(ବ୍ୟୁରୋ):** ଜଣାଶୁଣା ଗୀତିକବି ତଥା ଶିଶୁସାହିତ୍ୟିକ ଦିଲୀପ କୁମାର ବେହୁରା ଆଉ ନାହାନ୍ତି। ଗୁରୁବାର ଭୁବନେଶ୍ୱରଠାରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା। କେନ୍ଦ୍ରାପଡ଼ାରେ ଜନ୍ମଗ୍ରହଣ କରିଥିବା ବେହୁରାଙ୍କର ଓଡ଼ିଆ ଗୀତିକବିତା ପ୍ରତି ବିଶେଷ ଅବଦାନ ରହିଥିଲା। ସାହିତ୍ୟ ସଂଗଠନ ତିଆରିରେ ତାଙ୍କର ସ୍ୱତନ୍ତ୍ର ରୁଚି ଥିଲା। ଆର୍ଥିକ ସମସ୍ୟା ସତ୍ତ୍ୱେ ମଧ୍ୟ ନିଜସ୍ୱ ଉଦ୍ୟମରେ ‘ଭାଷା ସଂସ୍କୃତି ସମାଜ’ ନାମରେ ଏକ ସାହିତ୍ୟ ସଂଗଠନ ଗଠନ କରିଥିଲେ। ଓଡ଼ିଆ ସାହିତ୍ୟକୁ ଅଧିକ ଲୋକାଭିମୁଖୀ କରିବାରେ ଏହି ସାହିତ୍ୟାନୁଷ୍ଠାନର ପ୍ରମୁଖ ଭୂମିକା ରହିଛି। ପ୍ରତିମାସରେ କବି ଓ ସାହିତ୍ୟିକଙ୍କୁ ନେଇ ଆଲୋଚନା ସଭା ସହ କବିତା ପାଠ ଉତ୍ସବର ଆୟୋଜନ କରୁଥିଲେ। ଅତି ସାଧାରଣ ଜୀବନ ବିତାଉଥିବା ବେହୁରା ରାଜଧାନୀରେ ଏକ ଓମ୍ଫେଡ୍ ଷ୍ଟଲ୍ କରି ପରିବାର ଚଳାଉଥିଲେ। ଏଥିସହ ଏହି ସ୍ୱଳ୍ପ ଆୟରୁ ସେ ଯୁବ କବି ତଥା ସାହିତ୍ୟିକଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ଲୋକଲୋଚନକୁ ଆଣୁଥିଲେ। ସାଇକେଲ ଧରି ଭୁବନେଶ୍ୱରରେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ବୁଲି ବୁଲି ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର କରୁଥିଲେ। ଗ୍ରାମ୍ୟ ଜୀବନକୁ ନେଇ ତାଙ୍କ ରଚିତ ‘ମୋ ଗାଁ ମୋ ମାଟି’ ପୁସ୍ତକ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଅନବଦ୍ୟ ଦାନ। ତାଙ୍କ ବିୟୋଗରେ ବିଭିନ୍ନ ସାହିତ୍ୟାନୁଷ୍ଠାନ, କବି ଓ ସାହିତ୍ୟିକମାନେ ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

---



ଲକ୍ଡାଉନ୍ ଡ୍ୟୁଟି ଚାଲିଥିବାବେଳେ ଭୁବନେଶ୍ୱର ବାଣୀବିହାର ଛକରେ ନିୟୋଜିତ ପୋଲିସ କର୍ମଚାରୀ ମୋବାଇଲ ଦେଖିବାରେ ବ୍ୟସ୍ତ।

# ପୋଲିସ ଏନ୍କାଉଣ୍ଟରରେ ଦୁଇ ମାଓବାଦୀ ମୃତ

- ମାଓବାଦୀଙ୍କ ନିକଟରୁ ୩ ବନ୍ଧୁକ ଜବତ
- ମୁଖ୍ୟ ସ୍ରୋତରେ ସାମିଲ ଲାଗି ଡିଜିପିଙ୍କ ଆହ୍ୱାନ

**ଭୁବନେଶ୍ୱର,୨୩।୭ (ବ୍ୟୁରୋ):** ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସକୁ ଆଉଏକ ସଫଳତା ମିଳିଛି। କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଅଞ୍ଚଳରେ କୋମ୍ବିଂ ଅପରେଶନ୍ବେଳେ ପୋଲିସ ଏନ୍କାଉଣ୍ଟରରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଅନ୍ୟ ଜଣେ ମହିଳା। ମାଓବାଦୀ ପୋଷାକ ପିନ୍ଧିଥିବା ଅବସ୍ଥାରେ ଦୁଇ ମୃତଦେହ ସହ ଅସ୍ତ୍ରଶସ୍ତ୍ର ଜବତ ହୋଇଛି ବୋଲି ପୋଲିସ ଡିଜି ଅଭୟ ସୂଚନା ଦେଇଛନ୍ତି।

ଗୁରୁବାର ଭୁବନେଶ୍ୱରସ୍ଥିତ ପୋଲିସ ସେବାଭବନରେ ଅନୁଷ୍ଠିତ ଭର୍ଚୁଆଲ୍ ପ୍ରେସ୍ ମିଟ୍ରେ ଡିଜିପି କହିଛନ୍ତି, ମୃତ ମାଓବାଦୀଙ୍କ ପରିଚୟ ମିଳିନାହିଁ। ସେମାନେ କେଉଁ ଅଞ୍ଚଳର ଓ ତାଙ୍କ ମୁଣ୍ଡ ପାଇଁ କେତେ ଟଙ୍କାର ପୁରସ୍କାର ରହିଥିଲା ତାହା ଯାଞ୍ଚ କରାଯାଉଛି। କନ୍ଧମାଳ ତୁମୁଡ଼ିବନ୍ଧ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ପୋଲିସକୁ ଖବର ମିଳିଥିଲା। ତୁରନ୍ତ ଓଡ଼ିଶା ପୋଲିସର ଏସ୍ଓଜି ଓ ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରି ଫୋର୍ସ (ଡିଭିଏଫ୍)ର ମିଳିତ ଟିମ୍ ସର୍ଚ୍ଚ ଅପରେଶନରେ ବାହାରିଯାଇଥିଲେ। କୋମ୍ବିଂ ଅପରେଶନ କରି ପୋଲିସ ଟିମ୍ ମାଓବାଦୀ ଥିବା ସ୍ଥାନରେ ପହଞ୍ଚିଯାଇଥିଲା। ଏହି ସମୟରେ ହଠାତ୍ ମାଓବାଦୀମାନେ ଏସ୍ଓଜି ଓ ଡିଭିଏଫ୍ ଟିମ୍ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ଆତ୍ମରକ୍ଷା ପାଇଁ ପାଲଟା ଗୁଳି ଚଳାଇଥିଲା। ଉଭୟଙ୍କ ମଧ୍ୟରେ ପ୍ରାୟ ଏକଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା। ପରେ ମିଳିତ ପୋଲିସ ଟିମ୍ ଆଖ୍ପା ସ୍ଥଳକୁ ଯାଇ ଯାଞ୍ଚ କରିବା ପରେ ସେଠାରେ ମାଓବାଦୀ ୟୁନିଫର୍ମରେ ଦୁଇଟି ମୃତଦେହ ମିଳିଥିଲା। ସେମାନଙ୍କ ନିକଟରୁ ଗୋଟିଏ ଇନ୍ସାସ୍ ରାଇଫଲ, ୧ କାର୍ବାଇନ୍ ଓ ୨ଟି ଦେଶୀ ବନ୍ଧୁକ ଜବତ ହୋଇଛି। କୋମ୍ବିଂ ଅପରେଶନ ଜାରି ରହିଥିବାରୁ ସମ୍ପୃକ୍ତ ଅନ୍ୟ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ କିଛି କହିବା ସମ୍ଭବ ନୁହେଁ ବୋଲି ଡିଜିପି ଅଭୟ କହିଛନ୍ତି।

---

# ‘ଶିଶୁଙ୍କ ପୁଷ୍ଟିସାଧନକୁ ଗୁରୁତ୍ୱ ଦିଅ’

## ଜିଲାପାଳଙ୍କୁ ଚିଠି ଲେଖିଲେ ସଚିବ

- ପୁଷ୍ଟିହୀନ ଶିଶୁଙ୍କୁ ବ୍ୟକ୍ତିଗତ ତଦାରଖ ହେବ
- ପ୍ରତିମାସ ୧୦ ତାରିଖରେ ବିଭାଗକୁ ତଥ୍ୟ ପଠାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୭(ବ୍ୟୁରୋ)

ବର୍ତ୍ତମାନର କୋଭିଡ୍ ସମୟରେ ରାଜ୍ୟର ଗୁରୁତର ପୁଷ୍ଟିହୀନ ଶିଶୁ, ମଧ୍ୟମ ଧରଣର ପୁଷ୍ଟିହୀନ ଶିଶୁ ଏବଂ ଅତିଶୟ କମ୍ ଓଜନ ଥିବା ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ସେମାନଙ୍କ ପ୍ରକଳ୍ପ ଅଧୀନରେ ରହିଥିବା ଗୁରୁତର ପୁଷ୍ଟିହୀନ ଶିଶୁଙ୍କ ସ୍ୱାସ୍ଥ୍ୟ ପୁଷ୍ଟିସାଧନକୁ ବ୍ୟକ୍ତିଗତ ତଦାରଖ କରିବେ। ଆଇସିଡିଏସ୍ ସୁପରଭାଇଜରମାନେ ମଧ୍ୟମ ଧରଣର ପୁଷ୍ଟିହୀନ ଶିଶୁଙ୍କ ଦାୟିତ୍ୱରେ ରହିବେ। ସେହିଭଳି ଅଙ୍ଗନୱାଡ଼ି କର୍ମୀମାନେ ଅତିଶୟ କମ୍ ଓଜନ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ବ୍ୟବସ୍ଥାକୁ ତଦାରଖ କରିବେ। ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ନିୟମିତ ଓଜନ ପରୀକ୍ଷା, ଚିକିତ୍ସା ବ୍ୟବସ୍ଥାର ନିରୀକ୍ଷଣ କରାଯିବ। ଏଥିସହ ନିୟମିତ ଭାବେ ଶିଶୁ ଓ ମା' ଉଭୟଙ୍କ ପାଇଁ ଏକ ଖାଦ୍ୟସାରଣୀ ପ୍ରଦାନ କରାଯିବ। ଏ ଉପରେ ଗୁରୁତ୍ୱ ଦେବାକୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ ଜିଲାପାଳମାନଙ୍କୁ ପତ୍ରଲେଖି ଅବଗତ କରିଛନ୍ତି। ନଚେତ ଦାୟିତ୍ୱରେ ଥିବା ଅଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ଶିଶୁଙ୍କ ପୁଷ୍ଟିସାଧନର ପ୍ରାୟ ସମସ୍ତ ସୂଚକାଙ୍କରେ ଅଗ୍ରଗତି ପରିଲକ୍ଷିତ ହୋଇଛି। ମାତ୍ର ଗୁରୁତର ପୁଷ୍ଟିହୀନ ଶିଶୁ, ମଧ୍ୟମ ଧରଣର ପୁଷ୍ଟିହୀନ ଶିଶୁ ଏବଂ ଅତିଶୟ କମ୍ ଓଜନ ଥିବା ଶିଶୁଙ୍କୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି। ଶିଶୁଙ୍କ ସ୍ୱାସ୍ଥ୍ୟ ଅଗ୍ରଗତିର ସମ୍ପୂର୍ଣ୍ଣ ତଥ୍ୟ ଆବଶ୍ୟକ ଫର୍ମାଟ୍ରେ ପୂରଣ କରି ପ୍ରତିମାସ ୧୦ ତାରିଖ ମଧ୍ୟରେ ବିଭାଗକୁ ପଠାଇବାକୁ କୁହାଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀମାନେ ଏହି ତଥ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜିଲାପାଳଙ୍କ ଅବଗତି କ୍ରମେ ବିଭାଗକୁ ପଠାଇବା ନିମନ୍ତେ ଦାୟୀ ରହିବେ। ଏ ସମ୍ପର୍କରେ ସମସ୍ତ ଡିଏସ୍ଡବ୍ଲ୍ୟୁଓ, ସିଡିପିଓ ଏବଂ ଆଇସିଡିଏସ୍ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଯାଇଛି।

**D.D. AUTONOMOUS COLLEGE KEONJHAR**

**Walk-In-Interview**

Walk-in-interview will be conducted for engagement of **Teaching & Non-Teaching positions** for two years regular **B.Ed. Programme, at D.D. (Autonomous) College, Keonjhar for the Session 2020-21 on dt.05.08.2020 at 11.00 A.M. in the College.**

Interested candidates have to submit their bio-data with all Original Testimonials and one recent passport size photograph, attached to the bio-data form on the date of interview. For details visit www.ddcollege.nic.in.

The undersigned reserves the right to stop/cancel the interview at any time without assigning any reason thereof.

**Sd./- Principal**
**D.D. (Auto.) College**

---

# ସୁଇସାଇଡ୍ ନୋଟ୍ ଲେଖିଥିଲେ ଆଦିତ୍ୟ

## ଆଦିତ୍ୟ ମୃତ୍ୟୁ ମାମଲାରୁ ରହସ୍ୟ ହଟୁନି

- ଡାଏରୀରେ ଥିବା ହାତ ଲେଖାକୁନେଇ ଆସିଲା ରିପୋର୍ଟ
- ଶେଷ ପୋଷ୍ଟକୁ ନେଇ ଫେସ୍ବୁକ୍ କର୍ତ୍ତୃପକ୍ଷଙ୍କୁ ଚିଠି
- ଜିଆର୍ପି କରିବ ଲାଏ ଡିଟେକ୍ଟର ଟେଷ୍ଟ

ଭୁବନେଶ୍ୱର,୨୩।୭ (ବ୍ୟୁରୋ)

ସାମାଜିକ କର୍ମୀ ଆଦିତ୍ୟ ଦାଶ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୧୭ଦିନ ବିତିଥିଲେ ମଧ୍ୟ ଏଯାଏ ରହସ୍ୟ ହଟୁନି। ଲିଙ୍ଗରାଜ ରେଳ ଷ୍ଟେଶନ ନିକଟ ରେଳଧାରଣାରୁ ତାଙ୍କର ମୃତଦେହ ମିଳିଥିଲେ ମଧ୍ୟ ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ କିଛି ବି ସ୍ପଷ୍ଟ କରିପାରୁନି ଭୁବନେଶ୍ୱର ଜିଆର୍ପି। ଦିନ ଯେତିକି ଗଡୁଛି ନୂଆ ନୂଆ ତଥ୍ୟ ଦ୍ୱନ୍ଦ୍ୱ ବଢ଼ାଉଛି। ଗୁରୁବାର ଏହି ମାମଲାରେ ଆଉଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଆଦିତ୍ୟଙ୍କ ଡାଏରୀରେ ରହିଥିବା ହାତଲେଖା (ସୁଇସାଇଡ୍ ନୋଟ୍)ର ଫୋରେନ୍ସିକ୍ ରିପୋର୍ଟ ପୋଲିସକୁ ମିଳିଛି। ଉକ୍ତ ହାତଲେଖା ଆଦିତ୍ୟଙ୍କ ପୁରୁଣା ହାତଲେଖା ସହ ମେଳ ଖାଉଥିବା ରିପୋର୍ଟରୁ ଜଣାପଡ଼ିଛି ବୋଲି ରେଲ୍ୱେ ଏଡିଜିପି ପ୍ରଣବିନ୍ଦୁ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ତେବେ ଏହି ରିପୋର୍ଟ ଆସିବା ପରେ ମାମଲାଟି ଆତ୍ମହତ୍ୟା ଆଡକୁ ଗତିଶୀଳ ହେଉଥିଲେ ମଧ୍ୟ ମାନବପ୍ରେମୀ ଆଦିତ୍ୟଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ନାନା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟକୁ ପ୍ରେରଣା ଓ ସାହସ ଦେଉଥିବା ଦୃଢ଼ମନା ଆଦିତ୍ୟ କିଭଳି ନିଜେ ଆତ୍ମହତ୍ୟା କଲେ ତାହାକୁ ନେଇ ସେମାନେ ସନ୍ଦେହ ପ୍ରକାଶ କରିଛନ୍ତି। ସୁଇସାଇଡ୍ ନୋଟ୍ ଲେଖାଇବାକୁ ଆଦିତ୍ୟଙ୍କୁ କେହି ଜବରଦସ୍ତ କରିନାହାନ୍ତି ତ? ଏଭଳି ପ୍ରସଙ୍ଗକୁ ମଧ୍ୟ ପୋଲିସ ଗୁରୁତ୍ୱ ଦେବା ସହ ଆଦିତ୍ୟଙ୍କ ଶେଷ ଫେସ୍ବୁକ୍ ପୋଷ୍ଟକୁ ଅଧିକ ଫୋକସ୍ କରିଛି। ଉକ୍ତ ପୋଷ୍ଟରେ ଲେଖାଯାଇଛି ଯେ, ‘ମୃତ୍ୟୁ ଧୀରେ ଧୀରେ ଆସେ, କେହି ଜାଣିପାରନ୍ତି ନାହିଁ।’ ତେବେ ଏହି ପୋଷ୍ଟ ଆଦିତ୍ୟ କରିଥିଲେ ନା ଆଉ କେହି, ତାହା ଜାଣିବା ପାଇଁ ଜିଆର୍ପି ଥାନା ପୋଲିସ ଫେସ୍ବୁକ୍ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛି। କେଉଁ ସମୟରେ କିଏ ପୋଷ୍ଟ କରିଛି, ସେନେଇ ଫେସ୍ବୁକ୍ ରିପୋର୍ଟ ଦେବା ପରେ ପୋଲିସ ସିସିଟିଭି ଫୁଟେଜରେ ଆଦିତ୍ୟ ଯାଉଥିବାର ସମୟକୁ ମିଳାଇ ନୂଆ ସୁରାକ ପାଇବାକୁ ଆଶା ରଖିଛି। ଏକ ସିସିଟିଭି ଫୁଟେଜରେ ରାତି ୭ଟା ୨୩ରେ ଆଦିତ୍ୟ ପୋଖରୀପୁଟ ପାର୍ଶ୍ୱ ଲିଙ୍ଗରାଜ ରେଳଷ୍ଟେଶନ କଡେକଡ଼େ ଏକୁଟିଆ ଚାଲିଚାଲି ଯାଉଥିବା ଦେଖାଯାଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଯାଇଥିବା ପୁରୁଷୋତ୍ତମ ଏକ୍ସପ୍ରେସ୍ର ଲୋକୋ ପାଇଲଟ୍ ସେପରି କିଛି ଦୁର୍ଘଟଣା ଘଟି ନ ଥିବା କହୁଛନ୍ତି। ତେଣୁ ଘଟଣା ଧୀରେ ଧୀରେ ଆହୁରି ରହସ୍ୟମୟ ହୋଇଯାଉଛି। ଇତିମଧ୍ୟରେ ଜିଆର୍ପିର ତଦନ୍ତକୁ ନେଇ ଅନେକ ପ୍ରଶ୍ନ ଉଠୁଥିବାବେଳେ ବୁଧବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କମିଶନରେଟ ପୋଲିସ ତଦନ୍ତ କରୁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏପରିସ୍ଥଳେ ଏବେ ଜିଆର୍ପି ଥାନା ପୋଲିସ ପାଇଁ ଆଦିତ୍ୟଙ୍କ ମୃତ୍ୟୁର ରହସ୍ୟ ଖୋଲିବା ବଡ଼ ଚ୍ୟାଲେଞ୍ଜ ହୋଇଛି। ପଚରାଉଚରା ପାଇଁ ୪୪ଜଣଙ୍କୁ ପୋଲିସ ନୋଟିସ କରିଥିବାବେଳେ ୨୫ରୁ ଊର୍ଦ୍ଧ୍ୱ ଲୋକଙ୍କ ବୟାନ ରେକର୍ଡ କରିସାରିଛି। ଆଦିତ୍ୟଙ୍କ ସହ ପ୍ରତିଦିନ ଭିଡିଓ କଲିଂ କରି କଥା ହେଉଥିବା ବୌଦ୍ଧର ସ୍କୁଲ ସାଙ୍ଗ ବିଶ୍ୱମୋହନ ଭୋଇଙ୍କୁ ମଧ୍ୟ ପୋଲିସ ପଚରାଉଚରା କରିପାରିନି। କରୋନା କଟକଣା ପାଇଁ ସେ ଆଉ କିଛିଦିନ ସମୟ ମାଗିଛନ୍ତି।

ଅନ୍ୟପକ୍ଷରେ ଆଦିତ୍ୟଙ୍କ ସ୍ତ୍ରୀ ବିଦ୍ୟାଶ୍ରୀ ଓ ତାଙ୍କ ପିପୁଲ ଫର୍ ସେବାର କର୍ମକର୍ତ୍ତା ବିକାଶ ଏବଂ ପପୁଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ପୋଲିସ ଏମାନଙ୍କ ଲାଏ ଡିଟେକ୍ଟର ଟେଷ୍ଟ କରିବାକୁ ଯୋଜନା କରିଛି। ଏଥିପାଇଁ ବିଦ୍ୟାଶ୍ରୀ ରାଜିଥିବାବେଳେ ଅନ୍ୟମାନଙ୍କର ଅନୁମତି ଲୋଡାଯିବ ବୋଲି ସୂଚନା ମିଳିଛି।

**THE ODISHA MINING CORPORATION LIMITED**
OMC House Bhubaneswar-751001, Odisha
CIN: U13100OR1956SGC000313 www.omcltd.in
OMC | ODISHA NEW OPPORTUNITIES

**E -AUCTION NOTICE (31.07.2020–76TH E-AUCTION) IRON ORE CLO**

The Odisha Mining Corporation Ltd. intends to sell various grades of Iron ore CLO/Lump produced at different iron ore mines of Daitari and Gandhamardan (Block-A & Block-B) Regions in Keonjhar District & Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 AM to 2.00 PM on 31.07.2020.**

For details, please visit the website of MSTC i.e. www.mstcecommerce.com

No. CAD-295 OIPR-30005/11/0045/2021 **CGM (Min.)**

**OFFICE OF THE**
**CHIEF DISTRICT MEDICAL OFFICER, JAGATSINGHPUR**
Advertisement No. 3451/CDMO, Jspur Dated: 23.07.2020

**WALK-IN-INTERVIEW**

No. E-133: Trained & registered MPHW(F)/ANM are invited to attend the **Walk-in-Interview** for temporary engagement for management of COVID CARE HOME/COVID GRUHAS at least one in each Panchayat of the district in view of spread of COVID-19 on daily wages basis for a period of three months.

| Sl. No. | Name of the Post | No. Post is to be filled up | Remuneration as per the Labour and ESI Dept. Notification | COVID-19 Incentive | Total Remuneration Per Day | Date & Time of Walk-in-Interview | Venue |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | MPHW(F) Group-C | 198 (Approx.) | Rs.388/- Per Day | Rs.462/- Per Day | Rs.850/- | 27.07.2020 & 28.07.2020 (9 A.M. to 5.00 P.M.) | Sanskruti Bhawan, Jspur |

Application form and details of eligibility criteria are available in the district website **jagatsinghpur.nic.in**. Interested candidates fulfilling the eligibility criteria mentioned in the advertisement are required to attend the Walk-in-Interivew on above mentioned dates with required documents/testimonials as prescribed in the advertisement.

**Sd./- Chief District Medical & Public Health Officer, Jagatsinghpur**
**OIPR-10043/11/0005/2021**

**ବାଧ୍ୟତାମୂଳକ ଇ-ଇନ୍‌ଭଏସିଂ ଶୀଘ୍ର**

ଇ-ଇନଭଏସିଂ ସ୍କିମାକୁ ଶୀଘ୍ର ବାଧ୍ୟତାମୂଳକ କରାଯିବ। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ ଏ ନେଇ ଗୋଟିଏ ସପ୍ତାହ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇବ। ବାର୍ଷିକ ୫୦୦ କୋଟି କିମ୍ବା ଏହାଠାରୁ ଅଧିକ ପରିମାଣର କାରବାର କରୁଥିବା ବାଣିଜ୍ୟଗୁଡିକ ଲାଗି ଅକ୍ଟୋବର ପହିଲାରୁ ଏହାକୁ ଲାଗୁ କରାଇବାକୁ ଯୋଜନା ରଖାଯାଇଥିବା ଜିଏସ୍‌ଟିର ପ୍ରିନ୍ସିପାଲ କମିଶନର ଯୋଗେନ୍ଦ୍ର ଗର୍ଗ ସୂଚନା ଦେଇଛନ୍ତି।

# ଦେଶ ବିକାଶରେ ଆୟକର




୧୮୬୦ ଜୁଲାଇ ୨୪ରେ ପ୍ରଥମେ ଭାରତୀୟମାନଙ୍କ ଆୟ ଉପରେ କର ଆଦାୟ କରାଯାଇଥିଲା। ସିପାହୀ ବିଦ୍ରୋହ ବା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ଇଂଲଣ୍ଡକୁ ହୋଇଥିବା କ୍ଷତି ଭରଣା ପାଇଁ ସାର୍ ଜେମ୍ସ ୱିଲ୍‌ଶନଙ୍କ ଦ୍ୱାରା ଏହା କରାଯାଇଥିଲା। ଆୟକରର ୧୫୦ତମ ବର୍ଷ ଅବସରରେ ୨୦୧୦ରେ ଆୟକର ବିଭାଗ ଦ୍ୱାରା ଜୁଲାଇ ୨୪କୁ ଆୟକର ଦିବସ ଭାବେ ପ୍ରଥମେ ପାଳନ କରାଯାଇଥିଲା। ଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହାକୁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀ ଉଦ୍‌ଘାଟନ କରିଥିଲେ। ଏହିଦିନ ଆୟକର ବିଭାଗର ଏକ ସ୍ୱତନ୍ତ୍ର ଲୋଗୋ ଗ୍ରହଣ କରାଯିବା ସହ ଏହାକୁ ସ୍ମରଣୀୟ କରିବା ପାଇଁ ସ୍ୱତନ୍ତ୍ର ମୁଦ୍ରା ଓ ଡାକ ଟିକେଟ ମଧ୍ୟ ଜାରି କରାଯାଇଥିଲା। ସେବେଠାରୁ ୧୦ ବର୍ଷ ହେବ ଆୟକର ବିଭାଗ ଏହି ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ତା’ ମାଧ୍ୟମରେ କରଦାତାମାନଙ୍କୁ ଦେଶ ବିକାଶରେ ଯୋଗଦାନ କରିବା ପାଇଁ ପ୍ରୋତ୍ସାହିତ କରିଆସୁଛି। ଆୟକର ବିଭାଗକୁ ୧୬୦ ବର୍ଷ ହୋଇଗଲା ଓ ଏହା ଲୋକ ତଥା ସରକାରଙ୍କ ମଧ୍ୟରେ ଏକ ଯୋଗସୂତ୍ରକାରୀ ସଂସ୍ଥା ଭାବେ କାର୍ଯ୍ୟକରି ଆସୁଛି। ଜଣେ ଦେଶର ବିକାଶ ଲାଗି କର ଭରିଛନ୍ତି କି ନାହିଁ ତାହା ଏହି ଦିବସ ସ୍ମରଣ କରାଇଦିଏ। ଏକ ଦୀର୍ଘ ପଥ ଅତିକ୍ରମ କରିବା ଭିତରେ ଆୟକର ବିଭାଗ କାର୍ଯ୍ୟରେ ଢ଼େର ପରିବର୍ତ୍ତନ ଆଣିପାରିଛି। ଅନଲାଇନ୍‌ରେ କର ପଇଠ କରାଯାଇପାରୁଛି। ଏହି ବିଭାଗରେ ଏବେ ୬୦,୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ୫୪୦ଟି ସ୍ଥାନରେ ୭୫୦ଟି ଅଫିସରେ କାର୍ଯ୍ୟରତ। ଏହାର ପ୍ରାୟ ୩.୫ କୋଟି କରଦାତା ଅଛନ୍ତି ଓ ୧୦ କୋଟି ସ୍ଥାୟୀ ଆକାଉଣ୍ଟ ନମ୍ବର( ପାନକାର୍ଡ)ରହିଛି। ଆୟକର ଦିବସ ଅବସରରେ ଆୟକର ବିଭାଗର ଆଞ୍ଚଳିକ ଅଫିସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଟ୍ରାକ୍ସ ଦେବା ଲାଗି ଲୋକମାନଙ୍କୁ ଉତ୍ସାହିତ କରାଯିବା ସହ ଏହା ସେମାନଙ୍କର ନୈତିକ କର୍ତ୍ତବ୍ୟ ବୋଲି ସଚେତନ ମଧ୍ୟ କରାଯାଇଥାଏ।

**ଆୟକର ଦିବସ**

ପ୍ରତ୍ୟକ୍ଷ କର ଆଦାୟ ୧୮୬୦-୬୧ରେ ୧୩ ଲକ୍ଷ ଥିବାବେଳେ ୨୦୧୮-୧୯ ଆର୍ଥିକ ବର୍ଷସୁଦ୍ଧା ଏହା ୧୧.୩୭ ଲକ୍ଷ କୋଟି ରହିଥିଲା। କିନ୍ତୁ କର୍ପୋରେଟ ଟ୍ୟାକ୍ସ ହାରରେ ହ୍ରାସ ହେବା ଯୋଗୁ ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୪.୯୨ ପ୍ରତିଶତ ହ୍ରାସ ଘଟିବା ଦ୍ୱାରା ୧୨.୩୩ ଲକ୍ଷ କୋଟିରେ ପହଞ୍ଚିଛି। ତେବେ ଏହି ଅର୍ଥ ଦେଶର ବିକାଶରେ ବ୍ୟୟ ହେଉଥିବାରୁ ଆୟକର ନିର୍ଦ୍ଦିଷ୍ଟ ସମୟରେ ଦାଖଲ କରିବା ଆବଶ୍ୟକ।

## ମାଲ୍ୟାଙ୍କ ପ୍ରତ୍ୟର୍ପଣ ସମୟ ଧାର୍ଯ୍ୟ ହୋଇନି



**ନୂଆଦିଲ୍ଲୀ,୨୩।୭**

ବ୍ୟାଙ୍କ ଋଣ ଖିଲାପି ମାମଲାରେ ପଳାତକ ଘୋଷିତ ବିଜୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି ଲଣ୍ଡନର ଏକ ନ୍ୟାୟାଳୟ କରୁଛନ୍ତି। ମାମଲା ଶେଷକରି ମାଲ୍ୟାଙ୍କୁ ବ୍ରିଟେନ କେବେ ଭାରତ ପଠାଇବ ସେ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ଏଭଳି ସ୍ଥିତିରେ ଭାରତରେ ଅବସ୍ଥାପିତ ବ୍ରିଟେନର ହାଇ କମିଶନର ଫିଲିପ ବାର୍ଟନ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ମାଲ୍ୟାଙ୍କ ପ୍ରତ୍ୟର୍ପଣ ଲାଗି କୌଣସି ସମୟସୀମା ଧାର୍ଯ୍ୟ ହୋଇନି। ଏ ନେଇ ବ୍ରିଟେନ ସରକାର ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରଣ କରିପାରିବେ ନାହିଁ। ଅପରାଧୀମାନେ ନ୍ୟାୟ ବ୍ୟବସ୍ଥାଠାରୁ ଯେଉଁଭଳି ଭାବେ ବର୍ତ୍ତିପାରିବେ ନାହିଁ ତାକୁ ବ୍ରିଟେନ ସରକାର ଧ୍ୟାନରେ ରଖିଛନ୍ତି। ମାଲ୍ୟା ବ୍ରିଟେନରେ ଶରଣ ମାଗିଥିବା ଏକ ପ୍ରଶ୍ନର ଉତ୍ତରରେ ସେ ଟୀପ୍ପଣୀ ଦେବାକୁ ମନା କରି ଦେଇଛନ୍ତି। ବାର୍ଟନ କହିଛନ୍ତି, ମାଲ୍ୟାଙ୍କ ପ୍ରତ୍ୟର୍ପଣ ଏକ ଆଇନଗତ ମାମଲା। ଏହି ମାମଲା ଉପରେ ବ୍ରିଟେନ ସରକାର କୌଣସି ନୂଆ ନିର୍ଣ୍ଣୟ ନେଇ ନାହାନ୍ତି। ମାମଲାଟି ଭାରତ ଲାଗି କେତେ ଗୁରୁତ୍ୱପୂର୍ଣ୍ଣ ତାହା ବ୍ରିଟେନ ସରକାର ଉପଲବ୍ଧି କରିଛନ୍ତି। ସୂଚନାଯୋଗ୍ୟ, ବିଜୟ ମାଲ୍ୟା ଭାରତୀୟ ବ୍ୟାଙ୍କଗୁଡିକରୁ ପ୍ରାୟ ୯ ହଜାର କୋଟି ଟଙ୍କା ଠକେଇ କରିଛନ୍ତି। ବ୍ରିଟେନରେ ମାଲ୍ୟାଙ୍କୁ ଶରଣ ଦେବା ଲାଗି ହୋଇଥିବା ଆବେଦନ ଉପରେ କୌଣସି ଧ୍ୟାନ ନ ଦେବାକୁ ଭାରତ ସରକାର ନିକଟରେ କହିଥିଲେ।

## କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ




ଆୟକର ବିଭାଗର ନୀତି ନିର୍ଦ୍ଧାରଣକାରୀ ସଂସ୍ଥା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଅଧୀନରେ କାର୍ଯ୍ୟ କରୁଛି। କେନ୍ଦ୍ର ସରକାରଙ୍କ ଲାଗି ଟିକସ ସଂଗ୍ରହ ଏବଂ ପ୍ରତ୍ୟକ୍ଷ କର ସଂକ୍ରାନ୍ତ ସମସ୍ତ ଆଇନ ଆଣିବାରେ ଆୟକର ବିଭାଗ କାର୍ଯ୍ୟ ଜାରି ରଖିଛି। ଏହାବାଦ୍ ବେନାମୀ ନେଣଦେଣ ନିରୋଧୀ ଆଇନ ଏବଂ କଳାଟଙ୍କା ଆଇନ ଭଳି ଆର୍ଥିକ ଆଇନ ଏହା ଆଣିଛି। ଆୟକର ବିଭାଗ ୧୮ ରିଜିଅନରେ ଏହାର କାର୍ଯ୍ୟାଳୟ ସ୍ଥାପନ କରିଛି। ସେହିଭଳି ଅନ୍ତର୍ଜାତୀୟ ଟାକ୍ସେସନ ପାଇଁ ଏହାର ଗୋଟିଏ ରିଜିଅନ କାମ କରୁଛି। ବିଭାଗରେ ଗୁଡ୍ ଗଭର୍ନାନ୍ସକୁ ଉତ୍ସାହିତ କରିବା ଲାଗି ସେବୋତ୍ତମ ଭଳି ପଦକ୍ଷେପ ଏହା ହାତକୁ ନେଇଛି। ସେହିଭଳି ସିଟିଜେନ ଚାର୍ଟର, ଇ-ନିର୍ବାଣ, ଆୟକର ସେବା କେନ୍ଦ୍ର, ଇ-ସହଯୋଗ, ପ୍ରି-ବଜେଟ କନ୍‌ସଲଟେଶନ, ଆଉଟରିଚ୍ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ଲୋକଙ୍କ ରିଫଣ୍ଡକୁ ଅନ୍‌ଲାଇନରେ ପ୍ରଦାନ କରିବା ଦିଗରେ ବିଭାଗ ସର୍ବଦା କାର୍ଯ୍ୟ କରୁଛି। ନିକଟରେ ସିବିଡିଟି ଏବଂ ପରୋକ୍ଷ ଟିକସର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା ସିବିଆଇସି ଚୁକ୍ତିରେ ସାମିଲ ହୋଇଛନ୍ତି।

## ଭୁବନେଶ୍ୱର ଜୋନ୍‌ର ପ୍ରଦର୍ଶନ ଉନ୍ନତ

ଆୟକର ବିଭାଗର ଭୁବନେଶ୍ୱର ଜୋନର ଜଣେ ବରିଷ୍ଠ ଅଧିକାରୀ କୁହନ୍ତି, ଏହି ବିଭାଗ ଦେଶର ବିକାଶ କ୍ଷେତ୍ରରେ ପ୍ରମୁଖ ଭାଗୀଦାର। ରାଷ୍ଟ୍ରର ହିତ ପାଇଁ ବିଭାଗ ଓ ବିଭାଗୀୟ କର୍ମଚାରୀମାନେ ନିଜକୁ ସମର୍ପିତ କରି କାର୍ଯ୍ୟ କରୁଛନ୍ତି। ଓଡ଼ିଶା କ୍ଷେତ୍ର ସବୁ ବେଳେ ଉନ୍ନତ ପ୍ରଦର୍ଶନ କରିଆସିଛି। ରାଜ୍ୟର ବିଭିନ୍ନ ବର୍ଗର ଟିକସଦାତା ଓ ସଂସ୍ଥାନ ଗୁଡ଼ିକର ସହଯୋଗ ମଧ୍ୟ ମିଳିପାରୁଛି। ଫଳରେ ଠିକ୍ ସମୟ ମଧ୍ୟରେ ଟିକସ ଆଦାୟ ହୋଇପାରୁଛି। ସେହିଭଳି ଆନ୍ତଃ ରାଜ୍ୟ ବେନାମୀ ଅର୍ଥ କାରବାର ଉପରେ ମଧ୍ୟ ବିଭାଗ ତୀକ୍ଷ୍ଣ ନଜର ରଖିବାକୁ ସକ୍ଷମ ହୋଇଛି। ପ୍ରତି ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରାୟ ୯୫% ଊର୍ଦ୍ଧ୍ୱ କରଦାତା ଠିକ୍ ସମୟରେ ଟିକସ ପୈଠକରି ଦେଇଥାନ୍ତି। ପ୍ରତିବର୍ଷ ବିଭାଗୀୟ କାର୍ଯ୍ୟପନ୍ଥା ସହ ନିୟମରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ହେଉଛି। ଅତ୍ୟାଧୁନିକ କାର୍ଯ୍ୟ କୌଶଳ ସହ ସମସ୍ତ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ ଅତି ସହଜରେ ହୋଇପାରୁଛି। ଠିକ୍ ସମୟରେ ଟିକସ ପୈଠ କରିବାକୁ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଉଛି। ଏପରି ଟିକସ ପୈଠ କରୁଥିବା ଟିକସଦାତାଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି।

## ଆଇଟିଆର୍ ଲାଗି ଟେକ୍ନୋଲୋଜି

ଦେଶ ଗଠନରେ ଆୟକରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଟିକସ ବ୍ୟବସ୍ଥାକୁ ସରଳୀକରଣ, ସୁଗମ ଏବଂ ସ୍ମାର୍ଟ କରିବା ଲାଗି ଆୟକର ବିଭାଗ ପକ୍ଷରୁ ଟେକ୍ନୋଲୋଜିର ବ୍ୟବହାର ବର୍ତ୍ତମାନ ବଢ଼ିଛି। ଆୟକରର ଇ-ଫାଇଲିଂ ଲାଗି ଏକ ସ୍ୱତନ୍ତ୍ର ଇ-ଫାଇଲିଂ ବ୍ୟବସ୍ଥା କରାଯାଇଛି। ଏହି ୱେବ୍‌ସାଇଟ୍‌କୁ ଯାଇ ଲୋକମାନେ ଡିଜିଟାଲ ଭାବେ ନିଜର ରିଟର୍ନ ଫାଇଲ କରିପାରିବେ। ଜଟିଳ ପ୍ରକ୍ରିୟା ପରିବର୍ତ୍ତେ ଆଇଟିଆର୍-୧ର ସରଳ ଭର୍ସନ ସହଜ ଏବଂ ଆଇଟିଆର୍-୪ର ସରଳ ଭର୍ସନ ସୁଗମ କ୍ଷୁଦ୍ର ବ୍ୟବସାୟୀ ଏବଂ ପ୍ରଫେସନାଲଙ୍କ ଲାଗି ଲାଗୁ କରାଯାଇଛି। ଟିକସଦାତାଙ୍କ ଆଇଟିଆର୍ ଯାଞ୍ଚ କରିବା ଲାଗି ଇ-ଭେରିଫିକେଶନ ବ୍ୟବସ୍ଥା କରାଯାଇଛି। ଏଥିଲାଗି ଆଧାର କିମ୍ବା ବ୍ୟାଙ୍କ ଆକାଉଣ୍ଟ ଲୋଡ଼ା ପଡୁଛି। ପୂର୍ବଭଳି ବେଙ୍ଗାଲୁରର




ସିପିସି ସେଣ୍ଟରକୁ ଆଇଟିଆର୍-ଭି ଫର୍ମର ହାର୍ଡ କପି ପଠାଇବାକୁ ପଡୁନାହିଁ। ଇଭେରିଫିକେଶନ ଯୋଗୁ ଟିକସଦାତାଙ୍କ ଲାଗି ସମୟ ବଞ୍ଚୁଛି। ଇଲେକ୍‌ଟ୍ରୋନିକ୍ସ ଉପାୟରେ ଆୟକରକୁ ଲୋକାଭିମୁଖୀ କରାଇବା ଲାଗି ବିଭାଗ ପ୍ରି ଫିଲ୍‌ଡ ବା ପୂର୍ବରୁ ପୂରଣ ହୋଇଥିବା ଫର୍ମ ଆଣିବାରେ ଯୋଜନା ରଖିଛି। ଆୟକର ଅଫିସକୁ ଯାଇ କୌଣସି କାଗଜପତ୍ର ପଇଠ କରିବାକୁ ପଡ଼ିବ ନାହିଁ। ଯେକୌଣସି ସ୍ଥାନରୁ ଯେକୌଣସି ସମୟରେ ଲୋକମାନେ ନିଜ ସୁବିଧା ମୁତାବକ ଏହି ୱେବ୍‌ସାଇଟ୍‌ରେ ରିଟର୍ନ ଫାଇଲ କରିବାକୁ ସୁବିଧା ଲାଭ କରୁଛନ୍ତି। ବେତନଭୋଗୀ କର୍ମଚାରୀଙ୍କ ଲାଗି ରିଟର୍ନ ଭରିବା ପ୍ରକ୍ରିୟାକୁ ସରଳୀକରଣ କରିବା ନିମନ୍ତେ ପୂର୍ବର

## ଭତ୍ତା ୫୦% କାଟିବ ଏୟାର ଇଣ୍ଡିଆ



**ନୂଆଦିଲ୍ଲୀ,୨୩।୭**

ଅନ୍ୟ ବିମାନ କମ୍ପାନୀଙ୍କ ଭଳି ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆ ଏହାର କର୍ମଚାରୀଙ୍କୁ ଛଟେଇ କରିବ ନାହିଁ। କମ୍ପାନୀ ପକ୍ଷରୁ ଗୁରୁବାର ଏ ନେଇ ସ୍ପଷ୍ଟ କରାଯାଇଛି। ଅପରପକ୍ଷରେ କର୍ମଚାରୀଙ୍କ ଭତ୍ତା ୫୦% ହ୍ରାସ ହେବ ବୋଲି ଏହା ଟୁଇଟ ଯୋଗେ ସୂଚନା ଦେଇଛି। କରୋନା ପାଇଁ ସାରା ବିଶ୍ୱରେ ବିମାନ ଚଳାଚଳ ଶିଳ୍ପ କ୍ଷତିଗ୍ରସ୍ତ ହୋଇଛି। ଦେଶର ପ୍ରମୁଖ ବିମାନ ସେବା ଯୋଗାଣକାରୀ କମ୍ପାନୀ ଇଣ୍ଡିଗୋ ଏହାର ୧୦% କର୍ମଚାରୀଙ୍କୁ ଛଟେଇ କରିବ ବୋଲି ଘୋଷଣା କରିଛି। ଏଭଳି ସ୍ଥିତିରେ ଏୟାର ଇଣ୍ଡିଆ ଏହାର ଆଭିମୁଖ୍ୟ ସ୍ପଷ୍ଟ କରିଛି। କମ୍ପାନୀ କେବଳ ଭତ୍ତାରେ କାଟ କରିବ କୌଣସି କର୍ମଚାରୀଙ୍କୁ ଚାକିରି ହରାଇବାକୁ ପଡିବ ନାହିଁ। କର୍ମଚାରୀଙ୍କ ବାବଦ ହେଉଥିବା ଖର୍ଚ୍ଚକୁ କାଟ କରିବା ଲାଗି ଗୁରୁବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହେବା ସହ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ମାନୁଫାକ୍‌ଚରିଂକୁ ମିଳିବ ଅଧିକ ପ୍ରୋତ୍ସାହନ

**ନୂଆଦିଲ୍ଲୀ,୨୩।୭**

ଘରୋଇ ମାନୁଫାକ୍‌ଚରିଂକୁ ଉତ୍ସାହିତ କରିବା ଲାଗି ସରକାର ଅଧିକ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ଯୋଜନା କରୁଛନ୍ତି। ଏହି କ୍ଷେତ୍ରଗୁଡ଼ିକୁ ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ସୁବିଧା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। କରୋନା ଭାଇରସ୍ ଦ୍ୱାରା ଦେଶର ଅର୍ଥ ବ୍ୟବସ୍ଥା ପ୍ରଭାବିତ ହୋଇଥିବାରୁ ନୂଆ ନିବେଶ ଆକୃଷ୍ଟ କରିବା ଲାଗି ସରକାର ଏଭଳି ଯୋଜନା ହାତକୁ ନେଇଥିବା ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ କ୍ଷତିଗ୍ରସ୍ତ ହୋଇଥିବା କ୍ଷୁଦ୍ରଶିଳ୍ପକୁ ଉତ୍ସାହିତ କରିବା ଲାଗି ସରକାର ମାନୁଫାକ୍‌ଚରିଂକୁ ଗୁରୁତ୍ୱ ଦେବେ ବୋଲି ଅର୍ଥନୈତିକ ବ୍ୟାପାର ସଚିବ ତରୁଣ ବଜାଜ୍ ଏକ ଭର୍ଚୁଆଲ କନ୍‌ଫରେନ୍ସରେ ସୂଚନା ଦେଇଛନ୍ତି। କେଉଁ କ୍ଷେତ୍ରଗୁଡ଼ିକ ଏହା ଦ୍ୱାରା ଲାଭବାନ୍ ହେବେ ସେ ନେଇ ସରକାର କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ବୃହତ୍ ଆକାରରେ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକୁ ୫ ବର୍ଷ ପାଇଁ ପ୍ରୋତ୍ସାହନ ରାଶି ଯୋଗାଣ ଲାଗି ସରକାର ବ୍ୟବସ୍ଥା କରିଛନ୍ତି। ଫାର୍ମା କମ୍ପାନୀଗୁଡ଼ିକୁ ଏହି ଯୋଜନାରେ ମଧ୍ୟ ସାମିଲ କରାଯାଇଛି। ବୟନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରୋତ୍ସାହନ ଯୋଜନା ପରିସରଭୁକ୍ତ ହୋଇପାରେ ବୋଲି ପ୍ରକ୍ରିୟା ସହ ଜଡ଼ିତ ଅନ୍ୟ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ୱାଲ୍‌ମାର୍ଟ ଇଣ୍ଡିଆକୁ ଅଧିଗ୍ରହଣ କଲା ଫ୍ଲିପ୍‌କାର୍ଟ

**ନୂଆଦିଲ୍ଲୀ,୨୩।୭:** ଇ-କମର୍ସ କମ୍ପାନୀ ଫ୍ଲିପ୍‌କାର୍ଟ ୱାଲ୍‌ମାର୍ଟ ଇଣ୍ଡିଆ ହୋଲ୍‌ସେଲ୍ ବିଜ୍‌ନେସର ୧୦୦% ଅଂଶଧନ ହାସଲ କରିଛି। ଏହା ବାଦ୍ କମ୍ପାନୀ ଭାରତରେ ଫ୍ଲିପ୍‌କାର୍ଟ ହୋଲ୍‌ସେଲ ଶୁଭାରମ୍ଭ କରିବା ଲାଗି ଘୋଷଣା କରିଛି। ଅଗଷ୍ଟରେ ଏହି ସେବାର ଆରମ୍ଭ ହେବ ବୋଲି କମ୍ପାନୀ ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସୂଚନା ଦିଆଯାଇଛି।

## ଆକାଶ ପକ୍ଷରୁ ହାଇବ୍ରିଡ୍ ପାଠ୍ୟକ୍ରମ

**ଭୁବନେଶ୍ୱର,୨୩।୭**

ଆକାଶ ଏଡୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍) ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏଥିରେ ପିଲାମାନେ ଉଭୟ କ୍ଲାସ୍‌ରୁମ୍ ଓ ଅନ୍‌ଲାଇନ ପଠନର ସୁବିଧା ଲାଭ କରିପାରିବେ। ଦେଶର ପ୍ରଥମ ହାଇବ୍ରିଡ୍ କୋର୍ସ ପୋର୍ଟଫୋଲିଓ ମାଧ୍ୟମରେ ଅଷ୍ଟମରୁ ଦଶମ ବିଶେଷକରି ଦ୍ୱାଦଶ ଶ୍ରେଣୀର ପିଲାଙ୍କ ପାଇଁ ଏହି ସୁବିଧା ପ୍ରଦାନ କରାଯାଉଛି। ଏହି ହାଇବ୍ରିଡ୍ ପାଠ୍ୟକ୍ରମ ଉଭୟ ମେଡିକାଲ ଓ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ପାଇଁ ଉପଲବ୍ଧ ରହିଛି। ସେହିପରି ୮ମରୁ ୧୦ମ ଶ୍ରେଣୀର ପିଲାମାନେ ମଧ୍ୟ ବିଭିନ୍ନ ଅଲିମ୍ପିଆଡ୍ ଓ ଏନ୍‌ଟିଏସ୍‌ଇ ପାଇଁ ପ୍ରସ୍ତୁତି କରିପାରିବେ। ଛାତ୍ରୀଛାତ୍ର ଘରେ ରହି ଅନ୍‌ଲାଇନ କ୍ଲାସ୍ ସହ ନିଜର ଆବଶ୍ୟକତା ବିଷୟରେ ଗାଇଡଙ୍କଠାରୁ ପରାମର୍ଶ ଗ୍ରହଣ କରିବା ସୁବିଧା ରହିଛି ବୋଲି ଏଇଏସ୍‌ଏଲ୍‌ର ସିଇଓ ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି।



## ସତର୍କ କରାଇଲେ ରାଜନ

**ନୂଆଦିଲ୍ଲୀ,୨୩।୭**



**■ମନିଟାଇଜେଶନ ନିର୍ଦ୍ଦିଷ୍ଟ ସୀମା ଯାଏ ରହୁ**

ସରକାରଙ୍କ କରଜ ବୃଦ୍ଧିକୁ ନେଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ସତର୍କ କରାଇଛନ୍ତି। ବୁଧବାର ରାଜନ କହିଛନ୍ତି ଯେ, ଆର୍ଥିକ ମାନ୍ଦାବସ୍ଥା ସ୍ଥିତିରେ ନିଜ ପାଖରେ ନଗଦ ରହିବା ଯୋଗୁ ରିଜର୍ଭ ବ୍ୟାଙ୍କ ସରକାରଙ୍କ ଋଣକୁ କ୍ରୟ କରୁଛି। ଏଥିଯୋଗୁ କେନ୍ଦ୍ରୀୟ ବ୍ୟାଙ୍କର ବାଲାନ୍ସ ସିଟ୍ ବଢ଼ି ଚାଲିଛି। ମାତ୍ର ଦେଶର ଫାଇନାନ୍ସିଆଲ ସିଷ୍ଟମ ଉପରେ ଏହାର ପ୍ରଭାବ ପଡୁଛି। ଫଳରେ ବୃତାନ୍ତ ପନ୍ଥା ଭାବେ ଏହାକୁ ସବୁ ବେଳେ ଆପଣାଇବା ଠିକ୍ ହେବ ନାହିଁ। ସେ କହିଛନ୍ତି ଯେ, ଅଭିବୃଦ୍ଧିଶୀଳ ବଜାରଗୁଡ଼ିକରେ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ସରକାରଙ୍କ କରଜ ଭରଣା କରିବା ଲାଗି ପାଣ୍ଠି ଯୋଗାଇ ଦେଇଥାନ୍ତି। ଏଭଳି ସ୍ଥିତିରେ ସେ ମଡର୍ନ ମନିଟାରି ଥିଓରି ସମର୍ଥକଙ୍କ ସହ ଅସହମତି ପ୍ରକାଶ କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ଏଭଳି ପଦକ୍ଷେପ ସବୁବେଳେ ମାଗଣାରେ ନ ହେବା ଆବଶ୍ୟକ। ଯିଏ ବି ଏଭଳି କରିଥାଏ ପରେ ଏହାର ଭରଣା କରିବାକୁ ପଡିଥାଏ।

ସିଙ୍ଗାପୁର ଡିବିଏସ୍ ବ୍ୟାଙ୍କ ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ଯୋଗଦେଇ ରାଜନ କହିଛନ୍ତି, ରିଜର୍ଭ ବ୍ୟାଙ୍କ ନିଜର ବାଲାନ୍ସ ସିଟ୍‌କୁ ବିସ୍ତାର କରୁଛି। ଏହାଦ୍ୱାରା ସରକାରଙ୍କ ବୋଝକୁ କେନ୍ଦ୍ରୀୟ ବ୍ୟାଙ୍କ ନିଜ ଉପରକୁ ନେଉଛି। ଏଭଳି କରିବା ଲାଗି ରିଜର୍ଭ ବ୍ୟାଙ୍କ ରିଜର୍ଭ ରେପୋ ଦରରେ ବ୍ୟାଙ୍କଗୁଡିକ ଠାରୁ ଟଙ୍କା ଉଠାଉଛି। ଏହି ଅର୍ଥକୁ ସରକାରଙ୍କୁ ପ୍ରଦାନ କରୁଛି। ବ୍ୟାଙ୍କଗୁଡିକରେ ବର୍ତ୍ତମାନ ନଗଦ ବଢ଼ିଯାଇଛି। କାରଣ ଲୋକମାନେ ନିଜ ଅର୍ଥକୁ କେଉଁଠାରେ ଲଗାଇ ତା’ର ରିସ୍କ ନେବାକୁ ଚାହୁଁ ନାହାନ୍ତି। ନିଜ ଟଙ୍କାକୁ ଲୋକମାନେ ଆକାଉଣ୍ଟରେ ଜମା କରିଦେଉଛନ୍ତି। ଏଭଳି ସ୍ଥିତିରେ ଲୋକମାନେ ଋଣ ମଧ୍ୟ ନେଉନାହାନ୍ତି। ବ୍ୟାଙ୍କଗୁଡିକ ଏହି ଟଙ୍କାକୁ ରିଭର୍ସ ରେପୋ ଦରରେ ରିଜର୍ଭ ବ୍ୟାଙ୍କ ନିକଟରେ ରଖୁଛନ୍ତି। ଏହା ଉପରେ ବ୍ୟାଙ୍କଗୁଡ଼ିକୁ ବହୁତ କମ୍ ସୁଧ ମିଳୁଛି।

ଅନେକ ଅର୍ଥନୀତିଜ୍ଞ କୁହନ୍ତି, ଚ୍ୟାଲେଞ୍ଜକୁ ସାମ୍ନା କରିବା ଲାଗି ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ଅର୍ଥପ୍ରଦାନ କରିବା ଉଚିତ। ଏହାକୁ ସାଧାରଣତଃ ମନିଟାଇଜେଶନ କୁହାଯାଇଥାଏ। ରାଜନ କହିଛନ୍ତି, ଏହି ଧାରାକୁ ନିର୍ଦ୍ଦିଷ୍ଟ ସୀମା ଯାଏ କରିବା ଆବଶ୍ୟକ। ଏହା ସୀମିତ ସମୟ ଲାଗି ରହୁ। ଲକ୍‌ଡାଉନ ସମ୍ପୂର୍ଣ୍ଣ ଖୋଲିଲେ ଭାରତର କର୍ପୋରେଟ ସେକ୍ଟର କେତେ ପରିମାଣର କ୍ଷତି ସହିଛି ତା’ର ଆକଳନ କରାଯାଇପାରେ। ଏହି ଅସୁବିଧାକୁ ସରକାର ଫାଇନାନ୍ସିଆଲ ସେକ୍ଟରକୁ ସରକାର ସ୍ଥାନାନ୍ତର କରିଦେବେ। ଏଠାରେ ସରକାରଙ୍କୁ ସୁନିଶ୍ଚିତ କରିବାକୁ ହେବ ଯେ, ବ୍ୟାଙ୍କଗୁଡିକ ନିକଟରେ ପୁଞ୍ଜି ରହୁ ଏବଂ ଫାଇନାନ୍ସିଆଲ ସେକ୍ଟର ସମସ୍ୟାରେ ନ ଫସୁ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଜାତୀୟ ପୁରସ୍କାର ବିଜେତା
Sri Ram Finance
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଓ ସରଳ କିସ୍ତିରେ
2% ସୁଧ ଏବଂ 50% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
DELHI CHANDNI CHOWK
8295835122

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ବାଇକ୍
ଭଡ଼ା- 65,000 | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାର୍ଟ ଟାଇମ୍ କାମ
ଟେଲିକମ୍ 4ଜି କମ୍ପାନୀରେ (ଏସ୍‌ଏମ୍‌ଏସ୍-କାମ) କରି, ପୁଅ, ଝିଅ, ଗୃହିଣୀମାନେ ଘରେ ବସି ମାସିକ 15,000-45,000 ରୋଜଗାର କରନ୍ତୁ । ଲାପଟପ୍ + ମୋବାଇଲ ମାଗଣା ଏସ୍‌ଏମ୍‌ଏସ୍/କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
ମୋବାଇଲ + ଲାପଟପ୍ ମାଗଣା
07044895450
07044895402

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | + ମାସିକ 20 ହଜାରର
ଭଡ଼ା: 45 ହଜାର | ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ | + ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଭଡ଼ା: 45 ହଜାର
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**'ବିଶ୍ୱନାଥ ଥିଲେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ'**

ଖୋର୍ଦ୍ଧା ଅଫିସ: ସ୍ୱାଧୀନତା ସଂଗ୍ରାମୀ, ସାମାଜିକ କର୍ମୀ ତଥା ଖବରଦାତା ବିଶ୍ୱନାଥ ସାମନ୍ତଙ୍କ ଏକାଦଶାହ ଉପଲକ୍ଷେ ଗୁରୁବାର ଖୋର୍ଦ୍ଧା ନାଗରିକ ମଞ୍ଚ ପକ୍ଷରୁ ଏକ ସ୍ମୃତିସଭା ଶାନ୍ତି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭାଜପା ନେତା ସୁବାସ ଗନ୍ତାୟତ, କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟି ଓ ପ୍ରଫୁଲ୍ଲ ସାମନ୍ତରାୟ, ବୁଦ୍ଧିଜୀବୀ କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିବା ସହ ବିଶ୍ୱନାଥ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ନାଗରିକ ମଞ୍ଚର ସମ୍ପାଦକ ସଞ୍ଜୟ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୨୫ ଯାଏ କଟକ ମହମ୍ମଦିଆ ବଜାର ବନ୍ଦ

**କଟକ ଅଫିସ,୨୩।୭:** କରୋନା ସଂକ୍ରମଣ ରୋକିବା ପାଇଁ ମହମ୍ମଦିଆ ବଜାର ଅଞ୍ଚଳକୁ ୩ଦିନ ପାଇଁ ବନ୍ଦ ଘୋଷଣା କରାଯାଇଛି। ଆସନ୍ତା ୨୫ ତାରିଖ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ଅଞ୍ଚଳ ବନ୍ଦ ରହିବ। ସ୍ଥାନୀୟ ପୂଜା କମିଟି ଏହି ନିଷ୍ପତ୍ତି ନେବା ସହ ଅନ୍ୟ ସାହିର ଲୋକଙ୍କ ଯାତାୟତ ଉପରେ କଟକଣା ଜାରି କରିଛି। ଉକ୍ତ ସମୟରେ ମହମ୍ମଦିଆ ବଜାର ଅଞ୍ଚଳର କୌଣସି ବ୍ୟକ୍ତି ବାହାରକୁ ଯାଇପାରିବେ ନାହିଁ କି ବାହାରୁ କେହି ଆସପାରିବେ ନାହିଁ। ଅତ୍ୟାବଶ୍ୟକ କାର୍ଯ୍ୟ ଥିଲେ କମିଟି ପାଖରୁ ଅନୁମତି ନେବେ। ସମସ୍ତ ଦୋକାନବଜାର ବନ୍ଦ ରହିବ। ଯଦି ଉକ୍ତ ଅଞ୍ଚଳର କୌଣସି ବ୍ୟକ୍ତି ବାହାର ସ୍ଥାନରୁ ଫେରିବେ ସେ କ୍ୱାରାଣ୍ଟାଇନରେ ରହିବେ। ପୂଜା କମିଟି ପକ୍ଷରୁ ଏକ ସ୍ୱତନ୍ତ୍ର ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଛି। ମହମ୍ମଦିଆ ବଜାର ଅଞ୍ଚଳକୁ ବିଶୋଧନ କରାଯିବ। ଏ ନେଇ ପୂଜା କମିଟି ସମ୍ପାଦକ ଲିଙ୍ଗରାଜ ବାରିକ ଗୁରୁବାର ସୂଚନା ଦେଇଛନ୍ତି। ଖଟବିନ ସାହି, ଦେୱାନ ବଜାର, ସୂତାହାଟ ଆଦି ସ୍ଥାନରୁ ଲୋକେ ଆସି ଏଠାରେ କାରବାର କରିଥାନ୍ତି। ଗତ ଦୁଇ ଦିନରେ ଖଟବିନ ସାହି ଅଞ୍ଚଳରୁ ୩୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେଣୁ ସଂକ୍ରମଣରୁ ଦୂରେଇ ରଖିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା କମିଟି ସଭାପତି ଭାନୁପ୍ରତାପ ସାହୁ କହିଛନ୍ତି।

# ଗଳାବାଟ ଦେଇ ଆସୁଛି କରୋନା

- ଲୁଚାଛପାରେ ଆନ୍ଧ୍ରରୁ ଚଳାଚଳ କରୁଛି ଗାଡ଼ି
- ଦୁଇଦିନରେ ପୁରୀ ଜିଲାରେ ୫୦ ଆକ୍ରାନ୍ତ ଚିହ୍ନଟ

**ପୁରୀ ଅଫିସ,୨୩।୭**

ପୁରୀ ଜିଲାରେ କରୋନା ସ୍ଥିତି ଅଣାୟତ୍ତ ହେଉଛି। ପ୍ରଶାସନ ପକ୍ଷରୁ ସଂକ୍ରମଣ ରୋକିବାକୁ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏହି ମହାମାରୀକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ଗତ ଦୁଇଦିନରେ ଜିଲାରେ ୫୦ ଆକ୍ରାନ୍ତ ଚିହ୍ନଟ ହେଲେଣି। ବୁଧବାର ୨୮ ପଜିଟିଭ ଚିହ୍ନଟ ହୋଇଥିବାବେଳେ ଗୁରୁବାର ୨୨ ଆକ୍ରାନ୍ତ ବାହାରିଛନ୍ତି। ଉଦ୍‌ବେଗର ବିଷୟ ହେଉଛି ପୁରୀ ସହରର ସବୁଠୁ ଅଧିକ ବସ୍ତି ଥିବା ପେଣ୍ଠକଟା ଅଞ୍ଚଳରୁ ଦୁଇଦିନରେ ସଂଖ୍ୟାଧିକ ସଂକ୍ରମିତ ଚିହ୍ନଟ ହେଲେଣି। ଏବେ ବି ଲୁଚାଛପାରେ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ପେଣ୍ଠକଟାକୁ ଗାଡ଼ି ଚଳାଚଳ କରୁଛି। ପୁରୀ- ଆନ୍ଧ୍ର ସୀମାନ୍ତ ରାସ୍ତାର ଗଳା ବାଟ ଦେଇ କାର୍, ଟ୍ୟାକ୍ସି, ଅଟୋ ଆଦି ଛୋଟ ଯାନ ଲୋକଙ୍କୁ ନେବା ଆଣିବା କରୁଥିବା ଜଣାପଡ଼ିଛି। ସେଥିରେ ଆସୁଥିବା ଲୋକଙ୍କ ଦ୍ୱାରା କରୋନା ଭୂତାଣୁ ବ୍ୟାପୁଥିବା ଆଶଙ୍କା କରାଯାଉଛି।

ପୁରୀ ପୌରପାଳିକା ଅଧୀନ ପେଣ୍ଠକଟା ଓ ବଳିଆପଣ୍ଡା ବସ୍ତି ଅଞ୍ଚଳରେ କରୋନା କାୟା ମେଲାଉଛି। ତେଣୁ ପ୍ରଶାସନ ବସ୍ତି ଅଞ୍ଚଳ ଉପରେ ଫୋକସ କରିଛି। ସ୍ୱେଚ୍ଛାସେବୀମାନେ ଘର ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି। ଯଦି କାହାର ଥଣ୍ଡା, କାଶ, ଜ୍ୱର ଆଦି ଲକ୍ଷଣ ରହିଛି ସେମାନଙ୍କୁ ଚିହ୍ନଟ କରି ଟେଷ୍ଟ କରାଯାଉଛି। ସଂକ୍ରମଣଠାରୁ କିପରି ନିଜକୁ ଦୂରେଇ ରଖିପାରିବେ ସେ ନେଇ ମଧ୍ୟ ସଚେତନ କରାଯାଉଛି। ପ୍ରଥମେ ପେଣ୍ଠକଟାରେ ଏହି ଅଭିଯାନ ଚାଲିଛି। ଏଠାରେ ୩ହଜାରରୁ ଉର୍ଦ୍ଧ୍ୱ ବସ୍ତି ରହିଛି। ପେଣ୍ଠକଟା ଅଞ୍ଚଳରୁ ଦୁଇଦିନରେ ୨୦ରୁ ଉର୍ଦ୍ଧ୍ୱ ପଜିଟିଭ ଚିହ୍ନଟ ହେଲେଣି। ତେଣୁ ପ୍ରଶାସନ ପକ୍ଷରୁ ପେଣ୍ଠକଟାର କେତେକ ସ୍ଥାନକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

ପେଣ୍ଠକଟା ଅଞ୍ଚଳର ରାଜେଶ କୁମାର ନନ୍ଦ କହିଛନ୍ତି, ୨୫, ୨୬, ୩୧ ଓ ୩୨ ନମ୍ବର ୱାର୍ଡରେ ପ୍ରାୟ ୫ ହଜାର ପରିବାର ରହୁଛନ୍ତି। ଏଥିମଧ୍ୟରୁ ପ୍ରାୟ ୩ ହଜାର ହେଉଛି ବସ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କ ପୈତୃକ ଘର ବ୍ରହ୍ମପୁର ଓ ଆନ୍ଧ୍ରପ୍ରଦେଶରେ। ମଝିରେ ଲକ୍‌ଡାଉନ କଟକଣା ସାମାନ୍ୟ କୋହଳ ହେବା ପରେ ଗାଡ଼ିମୋଟର ଯାତାୟାତ କରିବାରୁ ଏମାନେ ଆନ୍ଧ୍ରପ୍ରଦେଶ ଓ ବ୍ରହ୍ମପୁର ଯିବା ଆସିବା କରୁଥିଲେ। ଫଳରେ ଆଜି ପେଣ୍ଠକଟାର ସ୍ଥିତି ବିଗିଡ଼ିବାରେ ଲାଗିଛି। ସେହିପରି କେ. ସଚ୍ଚି ରାଓ କହିଛନ୍ତି ଆନ୍ଧ୍ରରୁ ଏବେ ବି ଲୋକଙ୍କୁ ଆଣି ଗାଡ଼ି ପୁରୀ ଆସୁଛି। ପେଣ୍ଠକଟା ଓ ଆନ୍ଧ୍ର ମଧ୍ୟରେ ଲୁଚାରେ ଗାଡ଼ି ଚଳାଚଳ କରୁଛି। ବୁଧବାର ରାତି ପ୍ରାୟ ୩ଟାରେ ଆନ୍ଧ୍ରରୁ ଏକ ଗାଡ଼ି ଆସିଥିଲା। ଏଥିରେ ୫ଜଣ ଲୋକ ଥିଲେ। ଡ୍ରାଇଭର ସେମାନଙ୍କୁ ପିକେଆର୍‌ଆଇଟି ଛକ ନିକଟରେ ଛାଡ଼ି ପଳାଇଥିଲେ। ତେଣୁ କେଉଁମାନେ ଏହି ଗାଡ଼ି ଚଳାଚଳ ପଛରେ ଏଜେଣ୍ଟ ସାଜିଛନ୍ତି ସେମାନଙ୍କୁ ପ୍ରଶାସନ ଖୋଜି ବାହାର କରିବା ଦରକାର। ନଚେତ୍ ଆଗକୁ କରୋନା ସ୍ଥିତି ଆହୁରି ଅଧିକ ଗମ୍ଭୀର ହୋଇପଡ଼ିବ।

ସୂଚନାଥାଉ କି, ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ସୀମା ସିଲ୍ କରାଯାଇଛି। ଜିଲାର ୬ଟି ପ୍ରବେଶ ପଥରେ କଡ଼ାକଡ଼ି ଯାଞ୍ଚ ହେଉଛି। ଅତ୍ୟାବଶ୍ୟକ କାମ ନ ଥିଲେ ଜିଲା ମଧ୍ୟକୁ ପ୍ରବେଶ ବାରଣ କରାଯାଇଛି। ଏହା ସତ୍ତ୍ୱେ ଆନ୍ଧ୍ରପ୍ରଦେଶରୁ ପୁରୀ ଗଳାବାଟରେ ଘରୋଇ ବସ୍ ଚଳାଚଳ କରୁଥିଲା। ଗତ ୧୪ ତାରିଖରେ ହିନ୍ଦୁସ୍ଥାନ ଟ୍ରାଭେଲ୍ସର ଏକ ବସ୍‌କୁ ଜବତ କରାଯାଇଥିଲା। ସମ୍ପୃକ୍ତ ବସ୍ ମାଲିକଙ୍କ ନାଁରେ ସମୁଦ୍ରକୂଳ ଥାନାରେ ମାମଲା ରୁଜୁ ହୋଇଥିଲା। ବସ୍ ଚଳାଚଳ ବନ୍ଦ ରହିଥିବାବେଳେ ଏବେ କାର୍, ଟ୍ୟାକ୍ସି ଅଟୋ ଆଦି ପୁରୀ ଏବଂ ଆନ୍ଧ୍ର ମଧ୍ୟରେ ଲୋକଙ୍କୁ ନେବା ଆଣିବା କରୁଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଆଡ଼ିଶନାଲ ଏସ୍‌ପି ଅରୁଣ କୁମାର ଜେନାଙ୍କୁ ପଚାରିବାରେ କହିଛନ୍ତି, ଯଦି ଲୁଚାଛପାରେ କୌଣସି ଗାଡ଼ି ଆସୁଥିବା ସ୍ଥାନୀୟ ଲୋକେ ଜାଣୁଛନ୍ତି, ତେବେ ସମ୍ପୃକ୍ତ ଗାଡ଼ିକୁ ଅଟକାଇ ପୋଲିସକୁ ଖବର ଦିଅନ୍ତୁ। ପୋଲିସ ପହଞ୍ଚି ଯାଞ୍ଚ କରିବ। ସତ୍ୟାସତ୍ୟ ଜଣାପଡ଼ିଲେ ଗାଡ଼ି ଜବତ କରାଯିବା ସହ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ।



ଦୁର୍ବୃତ୍ତଙ୍କ ବୋମାମାଡ଼ରେ କ୍ଷତିଗ୍ରସ୍ତ ଆଇଓସିଏଲ ଚିଫ୍ ମ୍ୟାନେଜରଙ୍କ କାର୍।

## ଆଇଓସିଏଲ ଚିଫ୍ ମ୍ୟାନେଜରଙ୍କ କାର୍‌କୁ ବୋମାମାଡ଼

**ଜଟଣୀ,୨୩।୭(ଡି.ଏନ୍.ଏ.)**

ଜଟଣୀ ଥାନା ଅନ୍ତର୍ଗତ ଗ୍ୟାସ ଫ୍ୟାକ୍ଟ୍ରି ରାସ୍ତାର ତାରିଣୀ ମନ୍ଦିର ନିକଟରେ ଗୁରୁବାର ସନ୍ଧ୍ୟାରେ ଆଇଓସିଏଲ (ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ)ଟର୍ମିନାଲ ଚିଫ୍ ମ୍ୟାନେଜରଙ୍କ କାର୍ ଉପରକୁ ବୋମାମାଡ଼ ହୋଇଛି। ଏଥିରେ ଚିଫ୍ ମ୍ୟାନେଜର ନୃସିଂହ ଚରଣ ସେଠୀ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଡ୍ରାଇଭର ଆହତ ହୋଇଛନ୍ତି। କାରର ଆଗ କାଚ ଭାଙ୍ଗି ଯାଇଥିବା ବେଳେ ଡ୍ରାଇଭର ଶ୍ରୀକାନ୍ତ ମଲ୍ଲିକଙ୍କୁ ଚିକିତ୍ସା ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଆଇଓସିଏଲ ଟର୍ମିନାଲରୁ ଚିଫ୍ ମ୍ୟାନେଜର ସେଠୀ ଘରକୁ ଫେରୁଥିବା ବେଳେ ହଠାତ୍ ୫ଜଣ ଦୁର୍ବୃତ୍ତ ତାଙ୍କ କାର ଉପରକୁ ଦୁଇଟି ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ବୋମାମାଡ଼ର କାରଣ ଅସ୍ପଷ୍ଟ ରହିଥିବା ବେଳେ ଚୋରା ତେଲ ମାଫିଆମାନେ ଏଭଳି କରିଥିବା ପୋଲିସ ସନ୍ଦେହ କରୁଛି। ଖବରପାଇ ଭୁବନେଶ୍ୱର ଡିସିପି ଉମାକାନ୍ତ ଦାଶ, ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରିପୋର୍ଟ ଲେଖା ହେବା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ୁଛି।

### ଏସ୍‌ସିବି: ଦିନକରେ ୧୯ ଆକ୍ରାନ୍ତ

**କଟକ ଅଫିସ,୨୩।୭:** ଏସ୍‌ସିବିରେ ଗୁରୁବାର ସର୍ବାଧିକ ୧୯ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଡାକ୍ତରୀ ଛାତ୍ର ଓ ଆଉ ଜଣେ ପିଜି ଛାତ୍ରଙ୍କ ବାପା ରହିଛନ୍ତି ଯିଏ କି ଇଏନ୍‌ଟି ବିଭାଗରେ ଚିକିତ୍ସିତ ହେଉଛନ୍ତି। ସେହିପରି ଆଇସୋଲେଶନ ୱାର୍ଡର ୧୦ ଏବଂ କାଜୁଆଲିଟିରେ ଜଣେ ରୋଗୀଙ୍କ ରିପୋର୍ଟ ପଜିଟିଭ ଆସିଛି। କାଜୁଆଲିଟିରୁ ଜଣେ ସନ୍ଦିଗ୍ଧଙ୍କୁ ଆଇସୋଲେଶନ ୱାର୍ଡକୁ ପଠାଯାଇଛି। ସୁପରସ୍ପେଶିଆଲିଟି ଆଉଟଡୋର ନେଫ୍ରୋଲୋଜି ବିଭାଗ ପାଇଁ ସ୍କ୍ରିନିଂ କରାଯିବାରୁ ସେଠାରୁ ୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ନରସିଂହପୁର ଥାନା ଅଞ୍ଚଳରୁ ଜଣେ ଅପରାଧୀଙ୍କୁ ୧୫ ଦିନ ପୂର୍ବେ ନେଫ୍ରୋଲୋଜି ବିଭାଗରେ ଭର୍ତ୍ତି କରାଯାଇ ଡାଏଲିସିସ କରାଯାଉଥିଲା। ତାଙ୍କୁ ଭେଟିବାକୁ ଆସିଥିବା ସମ୍ପର୍କୀୟମାନଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା। ୨ଜଣଙ୍କ ରିପୋର୍ଟ ପଜିଟିଭ ମିଳିଛି। ତାଙ୍କୁ ଜଗୁଥିବା ପୋଲିସ କର୍ମଚାରୀଙ୍କ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଛି। ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ୪୧ ଜଣଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଛି।

### ଖୋର୍ଦ୍ଧା: ୭ ପଜିଟିଭ୍, ୩୨୫ ସ୍ୱାବ୍ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୨୩।୭:** ଖୋର୍ଦ୍ଧା ଜିଲା (ବିଏମ୍‌ସିକୁ ବାଦ୍ ଦେଇ) ଗୁରୁବାର ୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ଖୋର୍ଦ୍ଧା ପୌରାଞ୍ଚଳର ୧, ବାଲକାଟୀର ୨, ମେଣ୍ଢାଶାଳ ୧ ଏବଂ ବୋଲଗଡ଼ ଅଞ୍ଚଳର ୩ଜଣ ରହିଛନ୍ତି। ଖୋର୍ଦ୍ଧା ପୌରାଞ୍ଚଳରୁ ଚିହ୍ନଟ ବ୍ୟକ୍ତି ପଶ୍ଚିମବଙ୍ଗରୁ ଫେରି ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ଅନ୍ୟପଟେ ଜିଲାରେ ୩୨୫ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇପରିକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ତନ୍ମଧ୍ୟରୁ ଖୋର୍ଦ୍ଧାର ୧୨୨, ଟାଙ୍ଗୀର ୪୨, ବାଲୁଗାଁର ୪୭, ବାଣପୁରର ୨୩, ବେଗୁନିଆର ୨୫, ବୋଲଗଡ଼ର ୩୦, ବାଲକାଟୀର ୨୨, ବାଲିପାଟଣାର ୧୪ ଏବଂ ମେଣ୍ଢାଶାଳର ୨୦ଜଣ ରହିଛନ୍ତି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ଲକ୍‌ଡାଉନ ରାତିରେ କାର୍ ଭଙ୍ଗାରୁଜା, ୩ ଗିରଫ

**ଭୁବନେଶ୍ୱର,୨୩।୭ (ବ୍ୟୁରୋ):** ଲକ୍‌ଡାଉନ ସତ୍ତ୍ୱେ ରାତିରେ ଖଣ୍ଡଗିରି ଥାନାଞ୍ଚଳରେ କାର ଭାଙ୍ଗାରୁଜା କରି ଆତଙ୍କ ଖେଳାଇଥିବା ୩ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବରମୁଣ୍ଡା ହାଉସିଂବୋର୍ଡ କଲୋନୀର ରଶିକମଣି ରାଉତ ଓରଫ ଦୁଃଖିଆ, ବରମୁଣ୍ଡାର ରାକେଶ ଚନ୍ଦ୍ର ସାହୁ ଏବଂ ପାତ୍ରପଡାର ହରିଣମୟ ପ୍ରଧାନ ଓରଫ ବିକି। ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଗତ ୨୧ ତାରିଖରେ ହାଉସିଂବୋର୍ଡର ବଳରାମ ପଣ୍ଡାଙ୍କ ଘର ସମ୍ମୁଖରେ ରଶିକମଣି, ବିକି ଓ ରାକେଶ ମଦ ପିଇଥିଲେ। ନିଶା ଶକ୍ତ ଅବସ୍ଥାରେ ସେମାନେ କାର୍ ସହ ଅନ୍ୟ ସ୍ଥାନକୁ ଢେଲାପଥର ମାରି ଭାଙ୍ଗାରୁଜା କରିଥିଲେ। ପରଦିନ ସକାଳୁ ବଳରାମ ଘଟଣା ସମ୍ପର୍କରେ ଜାଣିବା ପରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୩୦/୨୦ ମାମଲା ରୁଜୁ କରି ସିସି ଫୁଟେଜ ଯାଞ୍ଚ କରି ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।





ପୂର୍ବତଟ ରେଳ ବିଭାଗରେ ବିଭିନ୍ନ ଦାୟିତ୍ୱରେ ନିଯୁକ୍ତ ମହିଳା ଯୋଦ୍ଧା।

## ରେଳ ବିଭାଗର ମହିଳା ଯୋଦ୍ଧା

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

କରୋନା ମହାମାରୀ ସମୟରେ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ, ମେଡିସିନ ଯୋଗାଇବା ସହ ପ୍ରବାସୀ ଶ୍ରମିକଙ୍କୁ ଘରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ରେଳ ମନ୍ତ୍ରଣାଳୟ। ଟ୍ରେନ୍ ଯୋଗେ ବାହାର ରାଜ୍ୟରେ ଫସି ରହିଥିବା ଲୋକେ ନିଜ ଘରକୁ ଫେରିଛନ୍ତି। ଏସବୁ ସେବା ଯୋଗାଇଦେବାକୁ ରେଳ ମନ୍ତ୍ରଣାଳୟର ବହୁ କରୋନା ଯୋଦ୍ଧା ନିଜ ଜୀବନକୁ ବାଜି ଲଗାଇ ଦିନରାତି କାମ କରୁଛନ୍ତି। ତେବେ ଯେଉଁମାନେ ଏକ୍ଷେତ୍ରରେ ସବୁଠାରୁ ଆଗରେ ଅଛନ୍ତି ସେମାନେ ହେଲେ ରେଲ୍‌ୱେର ମହିଳା କର୍ମଚାରୀ। ମାର୍ଚ୍ଚ ୨୨ରୁ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା ପରେ ରେଳପଥ ପକ୍ଷରୁ ମାଲ୍‌ବାହୀ ଓ ପାର୍ସଲ୍ ଟ୍ରେନ ମାଧ୍ୟମରେ ସମଗ୍ର ଦେଶକୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଟକି ରହିଥିବା ପ୍ରବାସୀ ଓ ସାଧାରଣ ଯାତ୍ରୀଙ୍କ ଆବଶ୍ୟକତା ପୂରଣ କରବା ପାଇଁ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ ଓ ଅନ୍ୟାନ୍ୟ ଟ୍ରେନ ଚଳାଚଳ କରିଥିଲା। ଏହି ସମୟରେ ମହିଳା ରେଳ କର୍ମଚାରୀମାନେ ଟ୍ରେନ ଚଳାଚଳ ଓ ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଗୋଟିଏପଟେ ଲୋକୋ ପାଇଲଟ୍, ଷ୍ଟେଶନ ମାଷ୍ଟର, ଗାର୍ଡ ଭାବେ ପ୍ରତ୍ୟକ୍ଷ ଟ୍ରେନ ଚଳାଚଳ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିଲେ। ଅନ୍ୟପଟେ ଗ୍ୟାଙ୍ଗ ଓମ୍ୟାନ, ସୁପରଭାଇଜର, ହେଲ୍‌ପର, ଟେକ୍ନିସିଆନ, ଇଲେକ୍ଟ୍ରିସିଆନ, କ୍ୟାରେଜ ଷ୍ଟାଫ୍, ଗେଟ୍ କିପର ଭାବେ କାର୍ଯ୍ୟକରି ଟ୍ରାକ୍, ୱାଗନ, ଓଭରହେଡ୍ ଉପକରଣ, କୋଚ ରକ୍ଷଣାବେକ୍ଷଣ, ସିଗ୍‌ନାଲ ରକ୍ଷଣାବେକ୍ଷଣ ଏବଂ ଅନ୍ୟାନ୍ୟ ଜରୁରିକାଳୀନ ବ୍ରେକ୍‌ଡାଉନ ଉପରେ ଦିନରାତି ନଜର ରଖିଥିଲେ। ରେଳ ସୁରକ୍ଷା ବଳରେ ନିୟୋଜିତ ମହିଳା କର୍ମଚାରୀମାନେ ଟିକେଟ ଯାଞ୍ଚ, ସ୍ୱଚ୍ଛତା ଯାଞ୍ଚ ସହିତ ଷ୍ଟେଶନରେ କୋଭିଡ-୧୯ ସୁରକ୍ଷା ଗାଇଡ୍‌ଲାଇନକୁ କାର୍ଯ୍ୟକାରୀ କରିବାରେ ପ୍ରତ୍ୟକ୍ଷଭାବେ ଜଡିତ ଥିଲେ। ଷ୍ଟେଶନରେ ପାଟ୍ରୋଲିଂ ଏବଂ ଭୋକିଲାଙ୍କୁ ଖାଦ୍ୟ ବଣ୍ଟନ କାର୍ଯ୍ୟରେ ମଧ୍ୟ ବହୁ ମହିଳା କର୍ମଚାରୀ ଜଡ଼ିତ ହୋଇଥିଲେ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

## ପୁରୀ: ଆଜିଠୁ ୯ ଦିନ ୪ ୱାର୍ଡ କଣ୍ଟେନ୍‌ମେଣ୍ଟ ଜୋନ୍

**ପୁରୀ ଅଫିସ, ୨୩।୭**

ପୁରୀ ସହରସ୍ଥ ପେଣ୍ଠକଟା ଅଞ୍ଚଳ ଏବେ ପ୍ରଶାସନର ଚିନ୍ତା ବଢାଇଛି। ଦୁଇଦିନରେ ୨୦ରୁ ଉର୍ଦ୍ଧ୍ୱ ପଜିଟିଭ ଚିହ୍ନଟ ହେବା ପରେ ସମ୍ପୃକ୍ତ ଅଞ୍ଚଳକୁ ଶୁକ୍ରବାରଠାରୁ ୯ ଦିନ ଯାଏ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଗୁରୁବାର ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, କିଛିଦିନ ହେବ ପୁରୀ ସହରରୁ ଯେତେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ସେଥିମଧ୍ୟରୁ ୪୦ ପ୍ରତିଶତ ହେଉଛନ୍ତି ପେଣ୍ଠକଟା ଅଞ୍ଚଳର। ତେଣୁ ଏହି ଅଞ୍ଚଳର୨୫ ନମ୍ବର ୱାର୍ଡ (କିଛି ଅଂଶ) ଏବଂ ୨୬, ୩୧ ଓ ୩୨ ନମ୍ବର ୱାର୍ଡକୁ ସମ୍ପୂର୍ଣ୍ଣ ଭାବେ କଣ୍ଟେନମେଣ୍ଟ ଜୋନ କରାଯାଉଛି। ଶୁକ୍ରବାର ରାତି ୯ଟାରୁ ଆସନ୍ତା ୩ ତାରିଖ ଭୋର ୫ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହାର ପରିସୀମା ୟୁଥ୍ ହଷ୍ଟେଲ ଛକରୁ କମଳା ହସ୍ପିଟାଲ ଛକ, ଜୟୀ ରାଜଗୁରୁ ଛକରୁ ରାମ ମନ୍ଦିର ଛକ, ରାମ ମନ୍ଦିର ଛକରୁ ଓଡ଼ିଶା ବେକେରି ଛକ, ଓଡ଼ିଶା ବେକେରି ଛକରୁ ଆର୍‌ଡବ୍ଲୁଏସ୍‌ଏସ୍ ଛକ, ଆର୍‌ଡବ୍ଲୁଏସ୍‌ଏସ୍ ଛକରୁ ଆଇଟିଆଇ ଛକ, ଆଇଟିଆଇ ଛକରୁ ତାଳବଣିଆ ପମ୍ପ ହାଉସ ଛକ, ପମ୍ପହାଉସ ଛକରୁ ଗଙ୍ଗାମାତା ମନ୍ଦିର ଛକ (ବାଲୁଖଣ୍ଡ ଅଭୟାରଣ୍ୟର ବାଉଣ୍ଡାରିକୁ ଲଗାଇ), ଗଙ୍ଗାମାତା ମନ୍ଦିର ଛକରୁ ପିଙ୍କ ହାଉସ୍ ହୋଟେଲ ଛକ (ସମୁଦ୍ର କୂଳକୁ ଲଗାଇ), ପିଙ୍କ୍ ହାଉସ୍ ହୋଟେଲ ଛକରୁ ସୁନାର ଗୌରାଙ୍ଗ ଛକ ଏବଂ ସେଠାରୁ ୟୁଥ୍ ହଷ୍ଟେଲ ଛକ ପର୍ଯ୍ୟନ୍ତ ରହିବ। ସମ୍ପୃକ୍ତ ଅଞ୍ଚଳରେ ଅତ୍ୟାବଶ୍ୟକ ସେବା ଉପଲବ୍ଧ ହେବ। ମ୍ୟୁନିସିପାଲିଟି ଯେଉଁମାନଙ୍କୁ ଅନୁମତି ଦେବ ସମ୍ପୃକ୍ତ ସଂସ୍ଥା କ୍ଷୀର, ପନିପରିବା ଆଦି ଯୋଗାଇବେ। ବିବାହ କିମ୍ବା ଶବଦାହ କର୍ମ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯିବ। ଏହି ଆବଦ୍ଧ ଅଞ୍ଚଳ ମଧ୍ୟରେ ରହୁଥିବା ଲୋକଙ୍କର ଯାହାଠାରେ କିଛି ବି ଲକ୍ଷଣ ଥିବ ସେମାନେ କୋଭିଡ୍ କେୟାର ମନିଟରଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଛି।

### ଯୌତୁକ ପାଇଁ ମହିଳାଙ୍କୁ ମାରିଦେଲେ

**ପୁରୀ ଅଫିସ,୨୩।୭**

ଅଧିକ ଯୌତୁକ ଟଙ୍କା ଦାବିରେ ମହିଳାଙ୍କୁ ଶାଶୁଘର ଲୋକେ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶେଷରେ ବୁଧବାର ଶାଶୁଘର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିବା ପେଣ୍ଠକଟା ମେରାଇନ ଥାନାରେ ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ରଶ୍ମିତା ସାହୁ। ରଶ୍ମିତାଙ୍କ ଭାଇ ନିମାପଡ଼ା ଥାନା ଅନ୍ତର୍ଗତ ଗୋପୀନାଥ ପାଟଣା ଗ୍ରାମର ବିଜୟ କୁମାର ସାହୁ ଗୁରୁବାର ଥାନାରେ ଏହି ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୪୫/୨୦) ରୁଜୁ କରି ରଶ୍ମିତାଙ୍କ ସ୍ୱାମୀ ଏବଂ ଭଣଜାଙ୍କୁ ଗିରଫ କରିଛି।

### ରଥ ସଂରକ୍ଷଣ ନେଇ କେହି ଆଲୋଚନା କରିନାହାନ୍ତି: ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ,୨୩।୭**

ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଗୁରୁବାର ଶ୍ରୀମନ୍ଦିର ଦଇତାପତି ସେବକମାନେ ସାକ୍ଷାତ କରିଛନ୍ତି। ଅପରାହ୍ନରେ ଦଇତାପତି ସେବକମାନେ ମଠକୁ ଯାଇ ଶଙ୍କରାଚାର୍ଯ୍ୟଙ୍କୁ ଚିତାଲାଗି ଆଳତି ଭୋଗ ପ୍ରଦାନ କରିବା ସହ ରଥଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। କରୋନା ବିଭୀଷିକା ମଧ୍ୟରେ ବିନା ଭକ୍ତରେ ଏଥର ରଥଯାତ୍ରା ଶୃଙ୍ଖଳିତ ଭାବେ ସରିଥିବାରୁ ଦଇତାପତି ସେବକମାନେ ଗୁରୁଜୀଙ୍କୁ କୃତଜ୍ଞତା ଜଣାଇଥିଲେ। ଦଇତାପତି ନିଯୋଗ ସଭାପତି ରବୀନ୍ଦ୍ର ଦାସମହାପାତ୍ର, ସମ୍ପାଦକ ଦୁର୍ଗା ଦାସ ମହାପାତ୍ର, ବରିଷ୍ଠ ଦଇତାପତି ସେବକ ଗଣେଶ ଦାସ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ଥିଲେ। ଏହି ଅବସରରେ ଶଙ୍କରାଚାର୍ଯ୍ୟ ଗଣମାଧ୍ୟମକୁ ବିଭିନ୍ନ ପ୍ରସଙ୍ଗରେ ଆଶୀର୍ବଚନ ପ୍ରଦାନ କରିଥିଲେ। ଏଥର ତିନିରଥ ଭଙ୍ଗା ନ ଯାଇ ସଂରକ୍ଷଣ କରି ରଖାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ନେଇଥିବା ନିଷ୍ପତ୍ତି ସମ୍ପର୍କରେ ଗୁରୁଜୀ କହିଥିଲେ, ଏ ନେଇ ତାଙ୍କ ସହିତ କେହି ଆଲୋଚନା କରିନାହାନ୍ତି। ଯଦି କେହି ଏହି ପ୍ରସଙ୍ଗରେ ତାଙ୍କ ପାଖକୁ ଆସନ୍ତି ତେବେ ଶାସ୍ତ୍ରୀୟ ବିଧିବିଧାନ କ'ଣ ରହିଛି ତାହା ସେ ଅବଗତ କରାଇବେ।

## ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଗ୍ରାମସଭା ବିନା ବେଦାନ୍ତକୁ ଜମି ପ୍ରଦାନ ମାମଲା**

**କଟକ ଅଫିସ,୨୩।୭**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ନିକଟ ସରକାରୀ ଜମିରେ ବେଦାନ୍ତ କମ୍ପାନୀ କୋଠା ନିର୍ମାଣ କରୁଛି। ବିନା ଗ୍ରାମସଭାରେ ବେଦାନ୍ତକୁ ଜମି ହସ୍ତାନ୍ତର ନେଇ ଗ୍ରାମବାସୀଙ୍କ ତରଫରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ବିଚାରପତି ବିଶ୍ୱନାଥ ରଥ ମାମଲାର ଶୁଣାଣି କରି ଗ୍ରାମବାସୀଙ୍କ ଅଭିଯୋଗର ତଦନ୍ତ ପାଇଁ କଳାହାଣ୍ଡି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମ୍ପାନୀର ନିର୍ମାଣ ଦ୍ୱାରା ପ୍ରଭାବିତ ହେବାକୁ ଥିବା ବ୍ୟକ୍ତି ଏବଂ ଅଭିଯୋଗକାରୀଙ୍କ ଅଭିଯୋଗର ଶୁଣାଣି ସହ ୬ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଯଦି ବିବାଦୀୟ ଜମିରେ କୌଣସି ନିର୍ମାଣ କାର୍ଯ୍ୟ ଚାଲିଛି, ତେବେ ଆସନ୍ତା ୬ ସପ୍ତାହ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଗ୍ରାମ ନିକଟ ପ୍ରାୟ ୫୦ ଏକର ଜମିରେ ବେଦାନ୍ତ କମ୍ପାନୀ ତରଫରୁ ବିଭିନ୍ନ ନିର୍ମାଣ କାର୍ଯ୍ୟ ଚାଲିଛି। ଏକ ଠିକା ସଂସ୍ଥା ଦ୍ୱାରା ନିର୍ମାଣ କରାଯାଉଛି। ଉଭୟ ଜଗନ୍ନାଥପୁର ଓ କେନ୍ଦୁବଡ଼ି ଗ୍ରାମ ହେଉଛି ଅନୁସୂଚିତ ଅଞ୍ଚଳ। ବିଭିନ୍ନ ଶିଳ୍ପ ସଂସ୍ଥା ଧୀରେ ଧୀରେ ଗ୍ରାମର ପତିତ ଜମିକୁ ଦଖଲ କରୁଛନ୍ତି। ପୂର୍ବରୁ ପ୍ରାୟ ୧୫୦ ଏକର ଜମି ଏଭଳି ଭାବେ ଦଖଲକୁ ଚାଲିଯାଇଛି। ଗ୍ରାମର ସରକାରୀ ଜମିକୁ ଶିଳ୍ପସଂସ୍ଥାଗୁଡ଼ିକ ଦଖଲ କରୁଥିବା ନେଇ ୨୦୧୮ ଜୁନ୍ ୨୩ରେ କଳାହାଣ୍ଡି ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଅନୁସୂଚିତ ଅଞ୍ଚଳ ହୋଇଥିବାରୁ ଶିଳ୍ପ ସଂସ୍ଥାଗୁଡ଼ିକ ଜମି ହସ୍ତାନ୍ତର କରିବା ପୂର୍ବରୁ ଗ୍ରାମସଭାର ଅନୁମୋଦନ ଆବଶ୍ୟକ। ଏଥିପାଇଁ ପ୍ରୋଭିଜନ୍ସ ଅଫ୍ ଦ ପଞ୍ଚାୟତ (ଏକ୍ସଟେନ୍‌ସନ୍ ଟୁ ଦ ସିଡିୟୁଲ୍ଡ୍ ଏରିଆ) ଆକ୍ଟ-୧୯୯୬ ରହିଛି। କିନ୍ତୁ ପ୍ରଶାସନ ଏହାକୁ ଅଣଦେଖା କରୁଛି। ଏହି ଜମିରେ ଗ୍ରାମବାସୀ ଦୀର୍ଘବର୍ଷ ହେଲା ଚାଷ କରିଆସୁଛନ୍ତି। ତେଣୁ ଜମି କିପରି ହସ୍ତାନ୍ତର କରାଗଲା ସେନେଇ କାରଣ ଦର୍ଶାଅ ନୋଟିସ୍ ଜାରି ସହ ଗ୍ରାମସଭାର ଅନୁମତି ବିନା ଜମି ହସ୍ତାନ୍ତର ନ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଥିଲା। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, କଳାହାଣ୍ଡି ଜିଲାପାଳ, ଲାଞ୍ଜିଗଡ଼ ତହସିଲଦାର, ବେଦାନ୍ତକୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

# ଲୁଟେରା ଗ୍ୟାଙ୍ଗର ୫ ଗିରଫ

- ସୁନା, ରୁପା ଅଳଙ୍କାର ସହ କଂସା ବାସନ ଓ ଟଙ୍କା ଜବତ
- ଘରକାମ, ମହୁ ବିକ୍ରି ଆଳରେ କରୁଥିଲେ ଲୁଟ୍

**ପୁରୀ ଅଫିସ/ ଡେଲାଙ୍ଗ, ୨୩।୭(ଡି.ଏନ.ଏ.)**

ପୁରୀ ଜିଲା ଡେଲାଙ୍ଗ ଥାନା ପୋଲିସ ଏକ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି । ଏହି ଗ୍ୟାଙ୍ଗର ୫ ସଦସ୍ୟଙ୍କୁ ପୋଲିସ ଗିରଫ କରିବା ସହ ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କୁମ୍ଭାରପଡ଼ା ଥାନା ସର୍ବୋଦୟ ନଗରର ପି.ଶିବାନୀ ଆଚାରିଆ (୨୧), ହୁମର ଗ୍ରାମର ରମେଶ ଓରଫ ଲକ୍ଷ୍ମଣ ଦାସ(୪୦), ବାପି ଦାସ (୩୩), ପ୍ରଭାକର ଦାସ (୩୩) ଓ ସୁଜନପୁର ଗ୍ରାମର ସୁର ଦାସ(୪୫)। ଏହାସହ ପୋଲିସ ସେମାନଙ୍କଠାରୁ ଘରେ ପୋତା ଯାଇଥିବା ଲକ୍ଷାଧିକ ଟଙ୍କାର ଅଳଙ୍କାର, କଂସା ବାସନ, ୫ଟି ମୋବାଇଲ, ବାଇକ, ତାଲା କାଟିବା ଯନ୍ତ୍ର, ଶାବଳ, କଟୁରି ସମେତ ନଗଦ ୩ ଲକ୍ଷ ୨୫ ହଜାର ୨୦୦ ଟଙ୍କା ଜବତ କରିଛି। ଏ ନେଇ ଗୁରୁବାର ଏସ୍‌ପି ଅଖିଳେଶ୍ୱର ସିଂ ଡେଲାଙ୍ଗ ଥାନାରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଏହି ଥାନା ଅଞ୍ଚଳର ବିଭିନ୍ନ ଗ୍ରାମ ଓ ମନ୍ଦିରରୁ ବାରମ୍ବାର ଚୋରି ହେଉଥିବାରୁ ଜନଅସନ୍ତୋଷ ଲାଗିରହିଥିଲା। ଏପରିକି ଗତ ୧୭ ତାରିଖରେ ଜେନାପୁର ଗ୍ରାମରୁ ଏକ ବଡ଼ଧରଣର ଚୋରି ହେବାର ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ.୯୫/୨୦ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ୨ଟି ଟିମ୍ ପ୍ରସ୍ତୁତ କରିଥିଲେ। ଗୋଟିଏ ଟିମ୍‌ରେ ଆଇଆଇସିଙ୍କ ସମେତ ଏସ୍‌ଆଇ ଏଲ. ମହାରଣା, କନଷ୍ଟେବଳ ପ୍ରଶାନ୍ତ ପ୍ରଧାନ, ଜିତେନ୍ଦ୍ର ସ୍ୱାଇଁ ଓ ହୋମଗାର୍ଡ ପ୍ରମୋଦ ସେଠୀ ଥିଲେ। ଅନ୍ୟ ଟିମ୍‌ରେ ଏସଆଇ ଉପେନ୍ଦ୍ର ନାଥ ଦାସ ନେତୃତ୍ୱ ନେଇ ଗ୍ୟାଙ୍ଗକୁ ଧରିବାକୁ ଅପରେଶନ ଆରମ୍ଭ କରିଥିଲେ। ଏକ ବିଶେଷ ସୂତ୍ରରୁ ଖବରପାଇ ପୋଲିସ ବାପିଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ଚୋରି ଗ୍ୟାଙ୍ଗର ସୁରାକ ମିଳିଥିଲା। ପରେ ୩ ସହଯୋଗୀଙ୍କୁ ଉଠାଇ ଆଣି ଜେରା କରାଯିବା ପରେ ଡେଲାଙ୍ଗ ସମେତ ପିପିଲି, ସତ୍ୟବାଦୀ ଅଞ୍ଚଳରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ଏହି ଲୁଟେରାମାନେ ରାଜମିସ୍ତ୍ରି ସାଙ୍ଗରେ ହେଲପର ଭାବେ ତଥା ବିଭିନ୍ନ ଗ୍ରାମକୁ ମହୁ ବିକିବା ଆଳରେ ଯାଇ ଘରକୁ ଟାର୍ଗେଟ କରି ଚୋରି କରିଥାନ୍ତି। ସମସ୍ତ ଚୋରି ଜିନିଷକୁ ପୁରୀର ଘୋଡ଼ା ବଜାରସ୍ଥିତ ଏକ ଦୋକାନରେ ବିକ୍ରି କରୁଥିବା ମାନିଥିଲେ। ଏହାପରେ ପିପିଲି ଏସଡିପିଓ ଦେବଦତ୍ତ ବରାଳ, ପିପିଲି ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି ଓ ଡେଲାଙ୍ଗ ଆଇଆଇସି ଏକ ଟିମ ସହ ଯାଇ ଉକ୍ତ ଦୋକାନରେ ଚଢ଼ାଉ କରି ସିଲ୍ କରିଥିଲେ। ଏହାସହ ଦୋକାନ ମାଲିକଙ୍କ ବାସଭବନରେ ମଧ୍ୟ ଚଢ଼ାଉ କରି ମୋଟ ୩ କିଲୋ ୫୫୭ ଗ୍ରାମର ଅଳଙ୍କାର ସହ ଲକ୍ଷାଧିକ ଟଙ୍କା ଜବତ କରାଯାଇଥିଲା। ଏହି ଗ୍ୟାଙ୍ଗରେ ଉକ୍ତ ଦୋକାନ ମାଲିକଙ୍କ ପୁଅ ଶିବାନୀ ମଧ୍ୟ ସାମିଲ ଥିଲେ। ଏହି ଲୁଟେରାମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଏହି ସମ୍ମିଳନୀରେ ପିପିଲି ଏସଡିପିଓ ଓ ଡେଲାଙ୍ଗ ଆଇଆଇସିଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।





ଜବତ ଟଙ୍କା ଓ ମୋବାଇଲ ସହ ଖବରଦାତା ସମ୍ମିଳନୀରେ ପୁରୀ ଏସ୍‌ପି ଅଖିଳେଶ୍ୱର ସିଂ।



ଗତ କିଛିଦିନ ଧରି ଗୁଡ଼ଗାଓଁରେ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ୩ ଫୁଟର ବନ୍ୟାଜଳ ଦିଲ୍ଲୀ-ଗୁଡ଼ଗାଓଁ ଏକ୍ସପ୍ରେସ୍ ୱେ ଉପରେ ପ୍ରବାହିତ ହେଉଛି। ଏକ କାର କିପରି ନିମିଷକେ ବନ୍ୟା ଜଳରେ ବୁଡ଼ିଯାଉଛି ତାହାର ଏକ ଭିଡ଼ିଓ ଏବଂ ଫଟୋ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। କାର ଚାଳକ ଏକ୍ସପ୍ରେସ୍ ୱେ'ରେ ହଠାତ୍ ବନ୍ୟାଜଳ ଆସିବ ବୋଲି ଜାଣିପାରି ନ ଥିଲେ। ସେ ଏକ୍ସପ୍ରେସ୍ ୱେ ପାର୍ ହେବାକୁ ଉଦ୍ୟମ କରୁଥିଲେ ମଧ ତାହା ସମ୍ଭବ ହୋଇପାରି ନ ଥିଲା। ଶେଷରେ କାର୍ ଡୋର୍ ଖୋଲି ବାହାରକୁ ଆସି ସେ ଜୀବନ ବଞ୍ଚାଇଛନ୍ତି। ଏହି ଘଟଣା ଏକ୍ସପ୍ରେସ୍ ୱେ'ର ନରସିଂହପୁରଠାରେ ଘଟିଛି।



# ସୁଯୋଗ ଛଡ଼ାଇନେଉଛି ସାଙ୍ଗିଆ

## ଦକ୍ଷତା ଥାଇ ଅବହେଳିତ 'ଚୁଟିୟା ବର୍ଗ'

**ସାଧାରଣତଃ 'ଚୁଟିୟା' ଶବ୍ଦକୁ ଅପଶବ୍ଦ ବୋଲି ବିବେଚନା କରାଯାଏ। ଏପରି ଶବ୍ଦ ବ୍ୟବହାର କରୁଥିବା ବ୍ୟକ୍ତିକୁ ଭଲ ନଜରରେ ଦେଖେ ନାହିଁ ସଭ୍ୟ ସମାଜ। ହେଲେ ଯେତେବେଳେ ଘୃଣ୍ୟ ଭାବନା ପରିପ୍ରକାଶ କରୁଥିବା ଏପରି ଏକ ଶବ୍ଦ ସାଙ୍ଗିଆ ପାଲଟିଯାଏ ତେବେ ସମ୍ପୃକ୍ତ ବ୍ୟକ୍ତି ବା ସମ୍ପ୍ରଦାୟ ଦୈନନ୍ଦିନ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏପରି ଏକ କଠୋର ବାସ୍ତବତା ସହିତ ଦୀର୍ଘବର୍ଷ ଧରି ସଂଘର୍ଷ କରି ଆସୁଛନ୍ତି ଆସାମର ଲକ୍ଷାଧିକ 'ଚୁଟିୟା' ସାଙ୍ଗିଆଧାରୀ।**


ପ୍ରିୟଙ୍କା ଚୁଟିୟା

ନୂଆଦିଲ୍ଲୀ

ଭାରତୀୟ ସଭ୍ୟ ସମାଜରେ 'ଚୁଟିୟା' ହେଉଛି ଏକ କଥିତ ଅପଶବ୍ଦ। ଏପରି ଶବ୍ଦ ବ୍ୟବହାରକାରୀଙ୍କୁ ସଭ୍ୟସମାଜର ବୁଦ୍ଧିଜୀବୀମାନେ ଭିନ୍ନ ନଜରରେ ଦେଖନ୍ତି। କେବଳ ଏତିକି ନୁହେଁ, କମ୍ପ୍ୟୁଟର ମଧ ଏପରି ଶବ୍ଦକୁ ଅପଶବ୍ଦ ସରଣୀରେ ରଖିଛି। ଏହି ସମ୍ପ୍ରଦାୟର ସିଂହଭାଗ ଅଧିବାସୀ ଆସାମରେ ବସବାସ କରୁଛନ୍ତି। ତେବେ ବିଭିନ୍ନ ସମୟରେ ଏପରି ସାଙ୍ଗିଆ ପାଇଁ ଚୁଟିୟା ସମ୍ପ୍ରଦାୟର ମେଧାବୀ ଛାତ୍ରୀଛାତ୍ରମାନେ ସୁଯୋଗରୁ ବଞ୍ଚିତ ହେଉଛନ୍ତି। ନିକଟରେ 'ପ୍ରିୟଙ୍କା ଚୁଟିୟା'ଙ୍କ କ୍ଷେତ୍ରରେ ସମାନ ଘଟଣା ଘଟିଛି। ଜାତୀୟ ବିହନ ନିଗମ ଲିମିଟେଡ୍ (ଏନ୍‌ଏସ୍‌ସିଏଲ୍)ରେ ବାହାରିଥିବା ଏକ ପଦବୀରେ ଆବେଦନ କରିବା ସମୟରେ ସାଙ୍ଗିଆ ତାଙ୍କ ପାଇଁ ଅଡୁଆ ସାଜିଥିଲା। ଅନ୍‌ଲାଇନ୍‌ରେ ଫର୍ମ ପୂରଣ ସମୟରେ ବାରମ୍ବାର ଆବେଦନ କରିବା ସତ୍ତ୍ୱେ କମ୍ପ୍ୟୁଟର ଏହାକୁ ଗ୍ରହଣ କଲାନାହିଁ। ଫଳରେ ପ୍ରିୟଙ୍କା ଫର୍ମ ପୂରଣ କରିବାରୁ ବଞ୍ଚିତ ହୋଇଥିଲେ। ଯଦିଓ ପ୍ରିୟଙ୍କା ସିଧାସଳଖ ଉଚ୍ଚପଦାଧିକାରୀଙ୍କ ସହ ଆଲୋଚନା କରିବା ପରେ ତାଙ୍କ ସମସ୍ୟା ସମାଧାନ ହୋଇଛି, ତଥାପି ସେ ନିଜର ସାଙ୍ଗିଆକୁ ନେଇ ଭୋଗିଥିବା ଦୁଃଖକୁ ସୋସିଆଲ ମିଡିଆରେ ବଖାଣିଛନ୍ତି।

ପ୍ରିୟଙ୍କାଙ୍କ ଲେଖା ଫେସ୍‌ବୁକ୍‌ରେ ଭାଇରାଲ୍ ହେବା ପରେ ଏହି ସମ୍ପ୍ରଦାୟ ବିଷୟରେ ଜାଣିବା ଲାଗି ଲୋକଙ୍କ ମଧରେ ଉତ୍ସୁକତା ବଢ଼ିଛି। ବାସ୍ତବରେ ଭାରତରେ 'ଚୁଟିୟା', 'ଚୁଟିଆ' ଏବଂ 'ସୂତିଆ' ସାଙ୍ଗିଆଧାରୀ ଲକ୍ଷାଧିକ ପରିବାର ଅଛନ୍ତି। ଆସାମରେ ରହୁଥିବା ଏକ ନିର୍ଦ୍ଦିଷ୍ଟ ବର୍ଗର ଲୋକେ ନିଜ ସାଙ୍ଗିଆ 'ଚୁଟିୟା' ବୋଲି ଉଲ୍ଲେଖ କରିଥାନ୍ତି। ଏମାନଙ୍କ ସଂଖ୍ୟା ୨୦ରୁ ୨୫ ଲକ୍ଷ। 'ଆସାମିଜ୍ କ୍ରୋନିକିଲ୍'ରେ ଚୁଟିୟା ସମ୍ପ୍ରଦାୟର ଇତିହାସ ସମ୍ପର୍କରେ ବିସ୍ତୃତ ତଥ୍ୟ ବର୍ଣ୍ଣନା କରାଯାଇଛି। ସପ୍ତମ ଶତାବ୍ଦୀରେ ବ୍ରହ୍ମପୁତ୍ର ନଦୀ ଅବବାହିକାରେ ଏହି ବର୍ଗର ଲୋକେ ବସବାସ କରୁଥିଲେ। ସେମାନଙ୍କୁ ଶାସନ କରୁଥିଲେ ରାଜା 'ଅସ୍‌ଭିନା'। ସମ୍ଭବତଃ ତାଙ୍କ ସାଙ୍ଗିଆ ଅନୁଯାୟୀ ଏହି ଜନଜାତିର ଲୋକେ ନିଜର ନାମ ପଛରେ 'ଚୁଟିୟା' ଉଲ୍ଲେଖ କରି ଆସୁଛନ୍ତି। ଏହି ବଂଶର ଶାସକ ଆସାମ, ଅରୁଣାଚଳ ପ୍ରଦେଶରେ ନିଜର ସାମ୍ରାଜ୍ୟ ଗଠନ କରିବା ସହ ୧୧୮୭ରୁ ୧୬୭୩ ଯାଏ ଶାସନ କରିଥିବା ଇତିହାସ କୁହେ।

ଶାରୀରିକ ଗଠନ ଅନୁଯାୟୀ ଏମାନେ ଦେଖିବାକୁ ପୂର୍ବ ଏସିଆନ୍ ଏବଂ ଇଣ୍ଡୋ-ଆର୍ଯ୍ୟଙ୍କ ଭଳି। ଏମାନଙ୍କ ପୂର୍ବଜ ଦକ୍ଷିଣ ଚାଇନା (ବର୍ତ୍ତମାନର ତିବ୍ବତ ଏବଂ ସିଚୁଆନ୍)ରୁ ସ୍ଥାନାନ୍ତରିତ ହୋଇ ଆସାମର ସ୍ଥାୟୀ ବାସିନ୍ଦା ପାଲଟିଥିବା ମଧ କୁହାଯାଏ। ପ୍ରାଚୀନ ସମୟରେ ସେମାନଙ୍କ ସାମ୍ରାଜ୍ୟ ଲଖିମପୁରଠାରୁ ସୁବାନସିରି ନଦୀ ଉପତ୍ୟାକା ଯାଏ ପରିବ୍ୟାପ୍ତ ଥିଲା। ବ୍ରହ୍ମପୁତ୍ର ନଦୀର ଉତ୍ତର ପାର୍ଶ୍ୱରୁ ସେମାନେ ସମଗ୍ର ପ୍ରଦେଶକୁ ଶାସନ କରୁଥିଲେ। ପ୍ରଥମେ ସେମାନେ ତିବ୍ବତୀୟ-ବର୍ମନ ମୂଳ ଭାଷାରେ ଭାବବିନିୟମ କରୁଥିଲେ। ପରବର୍ତ୍ତୀ ସମୟରେ ସେମାନେ ଆସାମୀୟ ଭାଷା ବ୍ୟବହାର କରିବା ସହ ହିନ୍ଦୁଧର୍ମ ଗ୍ରହଣ କରିନେଲେ। ଭାରତ ସରକାର ଏହି ସମ୍ପ୍ରଦାୟର ଲୋକଙ୍କୁ ଅନ୍ୟ ପଛୁଆ ବର୍ଗ (ଓବିସି) ବର୍ଗରେ ସାମିଲ କରିଛନ୍ତି।

ଐତିହାସିକ ବିଷ୍ଣୁପ୍ରସାଦ ରାଭା, ଡି. ବ୍ରାଉନ୍, ପଓ୍ୱନ ଚନ୍ଦ୍ର ସୈକିଆ ନିଜସ୍ୱ ପୁସ୍ତକରେ 'ଚୁ-ତି-ୟା' ଅର୍ଥକୁ ବିଶ୍ଳେଷଣ କରିଛନ୍ତି। 'ଚୁ'ର ଅର୍ଥ ଶୁଦ୍ଧ ବା ଭଲ। 'ତି'ର ଅର୍ଥ ପାଣି ଏବଂ 'ୟା' ହେଉଛି 'ଭୂମି'। ଅର୍ଥାତ୍ ମୋଟାମୋଟି ଭାବେ ଏହାର ଭାବାର୍ଥ ହେଉଛି 'ବିଶୁଦ୍ଧ ପାଣି ସ୍ରୋତ ବା ଭୂମି ନିକଟରେ ରହୁଥିବା ଅଧିବାସୀ'। ସେହିପରି ଏମ୍. ନାଥ ନିଜ ପୁସ୍ତକ 'ବ୍ୟାକ୍‌ଗ୍ରାଉଣ୍ଡ ଅଫ୍ ଆସାମୀଜ୍ କଲଚର'ରେ ଦାବି କରିଛନ୍ତି, ପାହାଡ଼ର ଶୀର୍ଷ ବା ଚୋଟିରୁ ଚୁଟିୟା ଶବ୍ଦ ଅପଭ୍ରଂଶ ହୋଇ ଆସିଛି। ସମତଳ ଅଞ୍ଚଳକୁ ଆସିବା ଆଗରୁ ଏହି ସମ୍ପ୍ରଦାୟର ଲୋକେ ପାହାଡ଼ିଆ ଇଲାକାରେ ବାସ କରୁଥିଲେ। ଏହି ଅଧିବାସୀଙ୍କ ମଧରେ ଏବେ ବି ଅନେକ ଲୋକଗୀତ ପ୍ରଚଳିତ ଅଛି, ଯାହା ସେମାନଙ୍କ ଇତିହାସ, ବଂଶାବଳୀ ଏବଂ ସାଙ୍ଗିଆ ସମ୍ପର୍କରେ ଅନେକ ତଥ୍ୟ ପରିପ୍ରକାଶ କରେ।


Priyanka Chutia
1d

A Govt. owned big company like National seed corporation ltd. rejects my online registration form for a job vacancy that i wanted to apply. And the reason is nothing but my Surname and the portal keeps on saying use proper naming word. I feel really sad and frustrated at times explaining people that i am not using a slang but it's a community where i belong.

#We really need to do something to identify ourselves and make recognisable nationally. This is not the first time. Imagine yourself going for a presentation and the panel laughs at you at the very first introduction speech.

#I think my fellow community members must work on this rather than fighting over some petty issues on facebook.
#BhumiputraKundilHena

157 · 60 comments 88 shares

ପ୍ରିୟଙ୍କାଙ୍କ ଟୁଇଟ୍

# ସରାରା ଡ୍ୟାନ୍ସ ଷ୍ଟେପ୍‌ରେ ପରିଣୀତି


ପରିଣୀତି ଚୋପ୍ରା

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। ତାଙ୍କୁ ଶେଷଥର ପାଇଁ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହିତ 'ଜବରିୟା ଯୋଡ଼ି' ମୁଭିରେ ଦେଖିବାକୁ ମିଳିଥିଲା। ସେ ଇନ୍‌ଷ୍ଟାଗ୍ରାମ୍‌ରେ ସର୍ବଦା ଫ୍ୟାନ୍‌ମାନଙ୍କର ଏଣ୍ଟରଟେନ୍‌ମେଣ୍ଟ ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବିଭିନ୍ନ ଫଟୋ ଏବଂ ଭିଡିଓ ମାଧମରେ ଫ୍ୟାନ୍‌ମାନଙ୍କର ହୃଦୟ ଜିତିବାରେ ସବୁପ୍ରକାର ପ୍ରୟାସ ମଧ କରୁଛନ୍ତି। ସେ ଛୋଟବେଳର ଫଟୋଠାରୁ ଆରମ୍ଭ କରି ତାଙ୍କ ଫ୍ୟାମିଲି ପିକ୍‌ନିକ୍‌ର ଫଟୋ ମଧ ଶେୟାର କରିଛନ୍ତି।

ନିକଟରେ ସେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ସମୀତା ସେଟ୍ଟୀଙ୍କ ସରାରା-ସରାରା ସଙ୍ଗ୍‌ରେ ଡ୍ୟାନ୍ସ କରୁଥିବାର ନଜର୍ ଆସିଛନ୍ତି। ଏହି ଗୀତରେ ସେ ସମୀତାଙ୍କର ଅବିକଳ ଷ୍ଟେପ୍ କରୁଥିବାର ଦେଖିବାକୁ ମିଳିଛି। ଏପରି ବିନ୍‌ଦାସ ଭାବେ ନାଚିଛନ୍ତି ଯାହାକୁ ଦେଖିଲେ ଦର୍ଶକଙ୍କୁ ଓରିଜିନାଲ ସଙ୍ଗ୍‌ର କ୍ଲିପିଂ ତାଜା ହୋଇଯାଇଛି। ଏହି ଭିଡିଓକୁ ଫ୍ୟାନ୍‌ମାନେ ବେଶ୍ ଲାଇକ୍ ମଧ କରିଛନ୍ତି। କିଛିଦିନ ତଳେ ପରିଣୀତି ମାଲଡିଭ୍‌ସ ବୁଲିବା ପାଇଁ ଯାଇଥିଲେ। ଏହି ଭ୍ୟାକେଶନ୍‌ର ଫଟୋକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଫଟୋଗୁଡ଼ିକରେ ପରିଣୀତି ଖୁବ୍ ସୁନ୍ଦର ଦିଶୁଥିଲେ। ସମଗ୍ର ଦେଶ ଏବେ କରୋନା ସଂକ୍ରମଣ ପାଇଁ ଏକପ୍ରକାର ବନ୍ଦ ହୋଇଯାଇଛି। ଏଥିରୁ ବାଦ୍ ପଡ଼ିନି ବଲିଉଡ୍ ଇଣ୍ଡଷ୍ଟ୍ରି। ଫିଲ୍ମ ଶୁଟିଂ ସବୁ ବନ୍ଦ ହୋଇଯାଇଥିବାରୁ ଅଭିନେତା ଅଭିନେତ୍ରୀମାନେ ସବୁ ଘରେ ରହି ସମୟ ଅତିବାହିତ କରୁଛନ୍ତି। ସମସ୍ତେ ପୁରୁଣା ଦିନକୁ ମନେ ପକାଇବା ସହ ଅତୀତର ସ୍ମୃତିକୁ ଫ୍ୟାନ୍‌ମାନଙ୍କ ସହ ଶେୟାର କରି ଖୁସି ମଧ ହେଉଛନ୍ତି। କହିରଖୁଛୁ ଯେ, ପରିଣୀତି ତାଙ୍କର ଆଗାମୀ ଫିଲ୍ମ 'ସନ୍ଦୀପ ଔର ପିଙ୍କି ଫରାର୍'ରେ ଅର୍ଜ୍ଜୁନ କପୁରଙ୍କ ସହ ନଜର୍ ଆସିବେ। ସେହିପରି ଡାଇରେକ୍ଟର ରିଭୂ ଦାଶଗୁପ୍ତାଙ୍କ 'ଦ ଗର୍ଲ ଅନ୍ ଦି ଟ୍ରେନ୍' ଫିଲ୍ମରେ ଲିଡ୍ ରୋଲରେ ପରିଣୀତି ଚୋପ୍ରା, ଆଦିତି ରାଓ ହାଇଦରି ନଜର୍ ଆସିବେ।

ଅଷ୍ଟମ ବାର୍ଷିକ ଜନ୍ମଦିନର ଶୁଭେଚ୍ଛା

(ସମ୍ଭବ)
ଦର୍ଶନ ଆଚାର୍ଯ୍ୟ
ଲୋକେଶ୍ୱରପୁର, ଖୋରଧା
ତୋର ଅଷ୍ଟମ ବାର୍ଷିକ ଜନ୍ମତିଥି ଅବସରରେ ଏତିକି ପ୍ରାର୍ଥନା ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେ ବାପା, ଜେଜେ ମାଆ, ନାନା, ବୋଉ, ଅଜା, ଆଈ, ମାମୁ, ମାଇଁ, ଭାଇନା, ନାନୀ, ପିଉସା, ପିଉସୀ ଓ ମାମା ନାନୀ।
ଧ-୧୭୬୮୬

# ପ୍ରେମିକାଙ୍କ ହାତ ଧରିବେ ନୀତିନ୍: ସରିଲା ନିର୍ବନ୍ଧ


ନୀତିନ୍‌ଙ୍କ ସହ ଶାଳିନୀ

ମୁମ୍ବାଇ: ସମଗ୍ର ବିଶ୍ୱରେ କରୋନା ଭୟ। ଏସବୁ ଭିତରେ ବିଭିନ୍ନ କଟକଣାକୁ ନେଇ ସାମାଜିକ କାମକୁ ବନ୍ଦ ରଖିବା ନଚେତ କୋଭିଡ୍ ନିୟମ ମାନି କାର୍ଯ୍ୟ କରିବାକୁ କୁହାଯାଇଛି। କେତେକ ଲୋକେ ଏହି ସମୟକୁ ବିବାହ ଆଦି ପାଇଁ ଉଚିତ ମଣୁ ନ ଥିବାବେଳେ କେତେକ ତାହା ମାନୁ ନାହାନ୍ତି। ଏଭଳି ଏକ ସମୟରେ ଟଲିଉଡ୍ ସୁପରଷ୍ଟାର୍ ନୀତିନ୍। ନୀତିନ୍ ତାଙ୍କ ପ୍ରେମିକା ଶାଳିନୀ କଣ୍ଡୁକୁରୀଙ୍କ ସହ ନିର୍ବନ୍ଧ କରିଛନ୍ତି। ବୁଧବାର ସମସ୍ତ ରୀତିନୀତି ଅନୁଯାୟୀ ତାଙ୍କ ନିର୍ବନ୍ଧ ସରିଛି। ନିର୍ବନ୍ଧ ସମୟର ଅନେକ ଫଟୋ ନୀତିନ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହି ଉତ୍ସବରେ କେବଳ ପରିବାର ଏବଂ ନିକଟ ସମ୍ପର୍କୀୟ ଉପସ୍ଥିତ ଥିଲେ। ଏହି ସ୍ପେଶିଆଲ ଦିନରେ ନିତିନ ଧଳା ରଙ୍ଗର କୁର୍ତ୍ତା ପିନ୍ଧିଥିବା ବେଳେ ଶାଳିନୀ ନାଲି ରଙ୍ଗର ସିଲ୍‌କ ଶାଢ଼ୀ ପିନ୍ଧିଥିଲେ। ଉଭୟ ବେଶ ସୁନ୍ଦର ଦେଖାଯାଉଥିଲେ। କିଛି ଫଟୋରେ ନିର୍ବନ୍ଧ ମୁଦିକୁ ଦେଖାଇ ଉଭୟ ପୋଜ୍ ଦେଇଥିଲେ। ଆଉ କେତେକ ଫଟୋରେ ପରିବାର ଲୋକେ ନଜର ଆସୁଛନ୍ତି। ପ୍ରଶଂସକମାନେ ଏହାକୁ ନେଇ ନୀତିନ୍‌ଙ୍କୁ ଶୁଭେଚ୍ଛା ଜଣାଉଛନ୍ତି। ଜୁଲାଇ ୨୬ରେ ଉଭୟଙ୍କ ବାହାଘର ହେବ ବୋଲି ଜଣାପଡ଼ିଛି।

# ବାଇକ୍ ରେସ୍ ଦେଖିବାକୁ ଆସିଲା କ୍ରେନ୍

ନୂଆଦିଲ୍ଲୀ

ବାଇକ୍ ରେସ୍ ଦେଖିବା ନିମନ୍ତେ ଆସିଲା କ୍ରେନ୍। ଏକଥା ଶୁଣିବା ପାଇଁ ନିଶ୍ଚିତଭାବେ ଭିନ୍ନ ମନେହୋଇପାରେ। କିନ୍ତୁ ଏଭଳି ଏକ ଘଟଣା ଏବେ ଚର୍ଚ୍ଚାର କାରଣ ହୋଇଛି ପୋଲାଣ୍ଡରେ। ପୋଲାଣ୍ଡର ଲମ୍ବଲିନ୍ ସହରରେ ୧୩ ହଜାର ଦର୍ଶକ ବସିବାର କ୍ଷମତା ଥିବା ଏକ ଷ୍ଟାଡିୟମରେ ଲକ୍‌ଡାଉନ୍ ନିୟମକୁ ପାଳନ କରି ଏକ ବାଇକ୍ ରେସ୍ ଆୟୋଜନ କରାଯାଇଥିଲା। ସାମାଜିକ ଦୂରତା ରକ୍ଷା ନିମନ୍ତେ ଷ୍ଟାଡିୟମରେ ମାତ୍ର ୨୫ ପ୍ରତିଶତ ସିଟ୍ ବୁକ୍ କରାଯାଇଥିଲା। କିନ୍ତୁ ରେସ୍‌ର ପ୍ରଶଂସକମାନେ ମ୍ୟାଚ୍ ଦେଖିବା ପାଇଁ କ୍ରେନ୍‌ର ସାହାରା ନେଇଥିଲେ।

ରେସ୍ ଦେଖିବା ପାଇଁ ଷ୍ଟାଡିୟମ ବାହାରେ ୨୧ଟି କ୍ରେନ୍‌ରେ ଲୋକେ ଆସିଥିଲେ। ଲୋକମାନେ କ୍ରେନ୍ ଭଡ଼ାରେ ନେଇ ଏହି ରେସ୍ ଦେଖିବାକୁ ଆସିଥିଲେ। ଏହି ସମୟରେ ସେମାନେ ସାମାଜିକ ଦୂରତାକୁ ବି ପାଳନ କରିଥିଲେ। ସବୁ କ୍ରେନ୍‌ରେ ପ୍ରଥମେ ଲୋକେ ବସିଥିଲେ ଓ ପରେ କ୍ରେନ୍‌କୁ ଉପରକୁ ଉଠାଇ ଷ୍ଟାଡିୟମ ଉପରେ ରଖାଯାଇଥିଲା। ତେଣୁ ରେସ୍ ଶେଷ ପର୍ଯ୍ୟନ୍ତ ଲୋକେ କ୍ରେନ୍‌ରେ ବସି ଖେଳର ମଜା ନେଇ ପାରିଥିଲେ।

ଷ୍ଟାଡିୟମର ଚାରିକଡ଼ରେ କ୍ରେନ୍‌ଗୁଡ଼ିକ ଛିଡ଼ାହୋଇ ଏକ ଭିନ୍ନ ଦୃଶ୍ୟ ସୃଷ୍ଟି କରିଥିଲା। ଆଉ ଏଥିରେ ବସି ଲୋକେ ୬୫ ଫୁଟ ଉପରେ ରହି ରେସ୍‌ର ମଜା ନେଇଥିଲେ। ସବୁଠୁ ବଡ଼ କଥା ହେଉଛି ରେସ୍ ଶେଷ ହେବା ପରେ କ୍ରେନ୍ ଉପରେ ଥିବା ପ୍ରଶଂସକମାନେ ଆତସବାଜି ମଧ ଫୁଟାଇଥିଲେ, ଯାହା ଦେଖିବା ପାଇଁ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା।



# ମୂଲ ଲାଗୁଛନ୍ତି ଗୋଲ୍ଡ ମେଡାଲିଷ୍ଟ



ନୂଆଦିଲ୍ଲୀ

ଦୌଡ଼ର ବାଦ୍‌ଶାହା ମହାମାରୀ କରୋନା ସମୟରେ ଏତେ ଅସହାୟ ହୋଇପଡ଼ିଛନ୍ତି ଯେ, ତାଙ୍କ ପାଖରେ ଘର ଚଳାଇବା ପାଇଁ ଟଙ୍କାଟିଏ ବି ନାହିଁ। ସେଥିପାଇଁ ଦିନକୁ ୩୦୦ ଟଙ୍କାରେ ମୂଲ ଲାଗିବାକୁ ସେ ବାଧ ହୋଇଛନ୍ତି। ଯାହାଙ୍କୁ ଲୋକମାନେ ଦିନେ କରତାଳି ମଧରେ ଉତ୍ସାହିତ କରୁଥିଲେ, ସେହି ବ୍ୟକ୍ତି ଆଜି ଏତେ ଅସହାୟ ଯେ, ପରିବାରର ଖର୍ଚ୍ଚ ଚଳାଇବା ପାଇଁ ପ୍ରତିଦିନ ମଜୁରୀ ଲାଗିବାକୁ ବାହାରକୁ ଯାଉଛନ୍ତି। ଏହି ଦୌଡ଼ାଳିଙ୍କ ଘର ସ୍ୱର୍ଣ୍ଣପଦକ ସହ ଅନେକ ଟ୍ରଫିରେ ପୂରି ରହିଛି। ହେଲେ ଏହି କରୋନା ସଙ୍କଟ ସମୟରେ ତାଙ୍କୁ ଦୈନିକ ମଜୁରୀ ଲାଗିବାକୁ ପଡୁଛି। ଜାମସେଦପୁରର ସୁଦୂର ଆଦିବାସୀ ବହୁଳ ଗାଁ ନାଗଡିହର ଏହି ଦୌଡ଼ାଳି ପେଟ ଲାଗି ମୂଲ ଲାଗିବାକୁ ଯାଉଛନ୍ତି। ୧୦ ହଜାର ମିଟର ଟ୍ରାକ୍ ଏବଂ ଫିଲ୍ଡରେ ଦୌଡ଼ିଥିବା ବାଦଶାହା ତଥା ମାରାଥନ୍ ରାଜା ଅର୍ଜ୍ଜୁନ ଟୁଡୁଙ୍କ ଘରେ ଟ୍ରଫି ରଖିବାକୁ ସ୍ଥାନ ନାହିଁ। କିନ୍ତୁ ଅଛି ଖାଦ୍ୟାଭାବ। ସେ କହିଛନ୍ତି ଯେ, ଲକଡାଉନ ହେତୁ କୌଣସି ସ୍ଥାନରେ ମାରାଥନ ରେସ୍ ହେଉନାହିଁ। ଆମେ ପୁରସ୍କାର କେଉଁଠୁ ଜିତିବୁ ଏବଂ ତା'ପରେ ଆମ ପରିବାର କେମିତି ଚଳିବ? ସେଥିପାଇଁ ମୂଲ ଲାଗିବାକୁ ପଡୁଛି। ୨୦୧୦ ମସିହାରୁ ଆଜିପର୍ଯ୍ୟନ୍ତ ଅର୍ଜ୍ଜୁନ ଯେଉଁଠି ବି ଦୌଡ଼ରେ ଭାଗ ନେଇଛନ୍ତି, ସେଠାରେ ସ୍ୱର୍ଣ୍ଣପଦକ ଜିତିଛନ୍ତି। ଏହି ସ୍ୱର୍ଣ୍ଣପଦକ ତାଙ୍କ ଘରେ ଛାଇଯାଇଛି। ହେଲେ ମହାମାରୀ କରୋନା ସବୁ ସାରିଦେଲା। ଏଭଳି ଖ୍ୟାତିସମ୍ପନ୍ନ ସ୍ୱର୍ଣ୍ଣ ପଦକ ବିଜେତା ୩୦୦ ଟଙ୍କାରେ ମୂଲ ଲାଗିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ଭୁଲିପାରିଲାନି ମମତାର ଡୋରି

ନୂଆଦିଲ୍ଲୀ

## ଦୀର୍ଘପଥ ଡେଇଁ ମାଲିକ ପାଖକୁ ଫେରିଲା ଓଟ

ମଣିଷ ନିଜ ସ୍ୱାର୍ଥ ହାସଲ ପରେ ପାଳିଥିବା ପଶୁପକ୍ଷୀଙ୍କୁ ଭୁଲିଯାଇପାରନ୍ତି। ହେଲେ ମାଲିକର ଅଳ୍ପମାତ୍ର ସ୍ନେହକୁ ଭୁଲି ନ ଥାନ୍ତି ପଶୁପକ୍ଷୀ। ଏମିତି ଏକ ଘଟଣା ଘଟିଛି ମଙ୍ଗୋଲିଆଠାରେ। ବୟାଁନୁରର ଟିମର୍ ନାମକ ଚାଷୀ ଓଟଟିକୁ ପାଳିଥିଲେ। ହେଲେ ଓଟ ବୁଢ଼ା ହୋଇଯିବାରୁ ତାକୁ ୯ମାସ ତଳେ ଅନ୍ୟକୁ ବିକ୍ରି କରିଦେଇଥିଲେ। କିନ୍ତୁ ଓଟ ପୁରୁଣା ମାଲିକଙ୍କୁ ଭୁଲିପାରି ନ ଥିଲା। ୯ମାସ ପରେ ୧୦୦ କି.ମି .ଦୂର ରାସ୍ତା ଅତିକ୍ରମ କରି ସେ ଶେଷରେ ପୁରୁଣା ମାଲିକଙ୍କ ସହର ବୟାଁନୁରଠାରେ ପହଞ୍ଚିଛି। କଠିନ ଯାତ୍ରା କରି ସେ ହାଲିଆ ହୋଇଯିବା ସହ ଶରୀରରେ କ୍ଷତ ମଧ ସୃଷ୍ଟି ହୋଇଥିଲା। ଓଟକୁ ଚିହ୍ନିଥିବା ଜଣେ ଗୋରୁ ଚରାଳି ତାକୁ ନେଇ ପୁରୁଣା ମାଲିକଙ୍କ ଘରେ ପହଞ୍ଚାଇଥିଲେ। ଓଟକୁ ଦେଖି ପାଳିଥିବା ଦମ୍ପତି(ପୁରୁଣା ମାଲିକ) ଭାବବିହ୍ୱଳ ହୋଇଯାଇଥିଲେ। ବୁଢ଼ା ହୋଇଯାଇଥିବାରୁ ଆମେ ବିକ୍ରି କରିଦେଇଥିଲୁ। ହେଲେ ସେ ଆମ ପ୍ରତି ତା'ର ସ୍ନେହ ଯୋଗୁ ସେ ଏତେ କଷ୍ଟ ସହି ଫେରିଆସିଛି ବୋଲି ସେମାନେ କହିଛନ୍ତି। ତେବେ ଓଟର କଷ୍ଟ ଦେଖି ପୁରୁଣା ମାଲିକ ଟିମର୍ ପୁଣିଥରେ ଓଟକୁ କିଣିଥିଲେ। ଏହା ବଦଳରେ ସେ ବିକ୍ରି କରିଥିବା ଲୋକଙ୍କୁ ଆଉ ଏକ ଓଟ ଦେଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଚାଷୀ ଦମ୍ପତି ଓଟକୁ ପାରମ୍ପରିକ ସ୍କାର୍ଫ 'ହାଡା'ରେ ସଜାଇ ପରିବାରର ସଦସ୍ୟ ରୂପେ ଗ୍ରହଣ କରିଥିଲେ। ଏହି ସ୍କାର୍ଫ କେବଳ ପରିବାର ସଦସ୍ୟଙ୍କ ବେକରେ ହିଁ ବନ୍ଧାଯାଇଥାଏ। ସେ ଏହି ଓଟକୁ ଆଉ ବିକ୍ରି କରିବେ ନାହିଁ ବୋଲି କହିଛନ୍ତି।



# ସୁପର ଡାନ୍



ନିର୍ମଳ କୁମାର ମିଶ୍ର



ବିଶ୍ୱ ବ୍ୟାଡ୍‌ମିଣ୍ଟନ ଜଗତର ଜଣେ ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରୁ ଚାଇନାର ଲିନ୍ ଡାନ୍ ଅନ୍ୟତମ। ଅନେକ ବିଶ୍ୱ ଚାମ୍ପିୟନଙ୍କୁ ପରାସ୍ତ କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ୧୯୮୩ରେ ଜନ୍ମ ଗ୍ରହଣ କରିଥିବା ଏହି ଚାଇନିଜ୍ ଖେଳାଳି ନିକଟରେ ୩୬ ବର୍ଷରେ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନରୁ ଅବସର ନେଇଛନ୍ତି। ୨୦୧୯ରେ ୫ଜଣ ଶ୍ରେଷ୍ଠ ବ୍ୟାଡମିଣ୍ଟନ ଖେଳାଳି ଅବସର ନେଇଥିଲେ। ତେଣୁ ଲିନ୍ ୨୦୨୦ରେ ଅବସର ନେଇପାରନ୍ତି ବୋଲି ପୂର୍ବାନୁମାନ କରାଯାଉଥିଲା।

୨୦୦୪ ଫେବୃୟାରୀରେ ବିଶ୍ୱ ର୍‌ୟାଙ୍କିଂରେ ଶୀର୍ଷସ୍ଥାନ ମଣ୍ଡନ କରିଥିବା ଲିନ୍ ପ୍ରଥମ ବ୍ୟାଡମିଣ୍ଟନ ଖେଳାଳି ରୂପେ ଅଲିମ୍ପିକ୍ସ, ବିଶ୍ୱ ଚାମ୍ପିୟନଶିପ୍, ବିଶ୍ୱ କପ୍, ଥୋମାସ୍ କପ୍, ସୁଦିରମାନ୍ କପ୍, ସୁପରସିରିଜ ମାଷ୍ଟର୍ସ ଫାଇନାଲ, ଅଲ୍ ଇଂଲଣ୍ଡ ଓପନ୍, ଏସିଆନ୍ ଗେମ୍ସ, ଏସିଆନ ଚାମ୍ପିୟନଶିପ୍ ପରି ମେଗା ଟୁର୍ନାମେଣ୍ଟଗୁଡିକର ଟାଇଟଲ ଜିତି 'ସୁପର ଗ୍ରାଣ୍ଡସ୍ଲାମ' ହାସଲ କରିଥିଲେ। ବିଶ୍ୱର ପ୍ରଥମ ପୁରୁଷ ଖେଳାଳିଭାବେ ସେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବଜାୟ ରଖିବାରେ ସକ୍ଷମ ହୋଇଥିଲେ। ୨୦୦୮ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ୨୦୧୨ରେ ଟାଇଟଲ ବଜାୟ ରଖିଥିଲେ। ୨୦୧୭ରେ ମାଲେସିଆନ ଓପନ ସହ ସେ ବିଶ୍ୱ ବ୍ୟାଡ୍‌ମିଣ୍ଟନରେ ସମସ୍ତ ବଡ଼ ଟାଇଟଲ ହାସଲ କରିବାର ରେକର୍ଡ କରିଥିଲେ।

୨୦୦୪ରେ ଅଲ୍ ଇଂଲଣ୍ଡ ଓପନ ଟାଇଟଲ ଜିତିବାପରେ ବ୍ୟାଡମିଣ୍ଟନ ଜଗତରେ 'ସୁପର ଡାନ୍' ନାମରେ ପରିଚିତ ହେଲେ। ଏହାପରେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ସେ ବିଶ୍ୱବ୍ୟାପୀ ପ୍ରଶଂସକ ଏବଂ ଗଣମାଧ୍ୟମରେ ଏହି ନାମରେ ହିଁ ଆଦୃତ ହେଲେ।

୫ଥର ବିଶ୍ୱ ଚାମ୍ପିୟନ, ୬ଥର ସମ୍ମାନଜନକ ଅଲ୍ ଇଂଲଣ୍ଡ ଓପନ ଚାମ୍ପିୟନ୍ ଏବଂ ୫ଥର ଏସିଆନ୍ ଗେମ୍ସରେ ଚାମ୍ପିୟନ ତାଙ୍କ ଦକ୍ଷତାର ପ୍ରମାଣ ଦିଏ। କ୍ୟାରିୟରରେ ୬୬୬ଟି ସିଙ୍ଗଲ୍ସ ମ୍ୟାଚ ଜିତିଥିବାବେଳେ ୧୨୮ଟିରେ ପରାଜିତ ହୋଇଛନ୍ତି ଏବଂ ୬୬ଟି ଟାଇଟଲ୍ ହାସଲ କରିଛନ୍ତି। ଏହି ବାମହାତୀ ଖେଳାଳିଙ୍କ ଆକ୍ରମଣାତ୍ମକ ଖେଳ ପ୍ରତିପକ୍ଷ ଖେଳାଳିଙ୍କୁ ବେଶ୍ ଅଡୁଆରେ ପକାଇଥାଏ। ସ୍ମାସ ଏବଂ ଡ୍ରପ୍ ଶଟ୍ ପାଇଁ ସେ ବେଶ୍ ସୁନାମ ଅର୍ଜନ କରିଥିଲେ। ବିଜୁଳି ବେଗରେ କୋର୍ଟ ମଧ୍ୟରେ ସ୍ଥାନ ପରିବର୍ତ୍ତନ କରିବାରେ ସେ ଥିଲେ ବେଶ୍ ପାରଙ୍ଗମ। ଲିନ୍‌ଙ୍କ ଲାଇଫ୍ ପାର୍ଟନର ଜି ଜିଙ୍ଗ ପାଙ୍ଗ ମଧ୍ୟ ବ୍ୟାଡମିଣ୍ଟନରେ ବିଶ୍ୱ ଚାମ୍ପିୟନ ଥିଲେ।

୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାଗନେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ ଲିନ୍। ମାତ୍ର କରୋନା ଭାଇରସ୍‌ର ଭୟାବହତା ଯୋଗୁ ସମର ଅଲିମ୍ପିକ୍ସ ୨୦୨୧କୁ ଘୁଞ୍ଚିଯିବାରୁ ସେ ଅବସର ନିଷ୍ପତ୍ତି ହେଲେ।

ଏଥିସହିତ ଲିନ୍‌ଙ୍କ ଉଜ୍ଜ୍ୱଳମୟ କ୍ୟାରିୟରର ଅନ୍ତ ଘଟିଛି। ନିଜର ଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀ ମାଲେସିଆର ଲି-ଚୋଙ୍ଗ-ୱିଙ୍କ ଅବସରର ଠିକ୍ ଏକ ବର୍ଷ ପରେ ସେ ବ୍ୟାଡ୍‌ମିଣ୍ଟନକୁ ଅଲବିଦା ଜଣାଇଛନ୍ତି। ଫଳସ୍ୱରୂପ ବ୍ୟାଡମିଣ୍ଟନ ପ୍ରେମୀମାନେ ଜଗତର ଦୁଇ ତାରକା ଖେଳାଳିଙ୍କ ଆକ୍ସନ ଆଉ ଦେଖିବାକୁ ପାଇବେ ନାହିଁ। ବ୍ୟାଡମିଣ୍ଟନ ଇତିହାସରେ ଏହି ଦୁଇ ଖେଳାଳି ପରସ୍ପରକୁ ୪୦ଥର ଭେଟିଥିବା ବେଳେ ଲି-ଚୋଙ୍ଗ୍ ୨୮ ଏବଂ ଲିନ୍ ଡାନ୍ ୧୨ଥର ବିଜୟ ହାସଲ କରିଥିଲେ। ବ୍ୟାଡମିଣ୍ଟନ ଜଗତରେ ଏହି ଦୁଇ ଖେଳାଳିଙ୍କ ପ୍ରତିଦ୍ୱନ୍ଦ୍ୱିତା ବେଶ୍ ଉପଭୋଗ୍ୟ ଥିଲା।

ପ୍ରଫେଶନାଲ ବ୍ୟାଡମିଣ୍ଟନ ପାଇଁ ଫିଟ୍‌ନେସ୍, ଏକାଗ୍ରତା, ଆତ୍ମବିଶ୍ୱାସ, ଗେମପ୍ଲାନ୍ ଏବଂ ଦର୍ଶକମାନଙ୍କ ଭଲ ପାଇବା ନିହାତି ଜରୁରୀ। ବୟସର ଛାପ ଏବଂ ଆଘାତ ସମସ୍ୟା ଯୋଗୁ ସେ ଅନେକଗୁଡ଼ିଏ ମ୍ୟାଚ ସହଜରେ ହାତଛଡା କରିଥିବା ପରିଲକ୍ଷିତ ହୋଇଥିଲା। ଫିଟନେସ୍ ସମସ୍ୟା ଏବଂ କରୋନା ଭାଇରସ ସଂକ୍ରମଣଜନିତ କଟକଣା ଯୋଗୁ ତାଙ୍କର ୩ୟ ଅଲିମ୍ପିକ୍ସ ଟାଇଟଲରେ ବାଧା ଉପୁଜିଥିଲା। ଫଳରେ ଏହି ମହାନ୍ ଖେଳାଳିଙ୍କ ସ୍ୱପ୍ନ ଅଧୁରା ରହିଗଲା। କ୍ୟାରିୟର ଆରମ୍ଭ ସମୟରେ ମ୍ୟାଚ ରେଫରି, ଅଫିସିଆଲ ଏବଂ ଖେଳାଳିମାନଙ୍କୁ ଗାଳିଗୁଲଜ ପାଇଁ ସାଥି ଖେଳାଳିଙ୍କ ଦ୍ୱାରା ସେ 'ବ୍ୟାଡ ବୟ'ଭାବେ ପରିଚିତ ଥିଲେ। ପରେ ଏଥିରେ ସୁଧାର ସହ ବିଚକ୍ଷଣ ଦକ୍ଷତା ଦେଖାଇ ସେ 'ସୁପର ଡାନ'ରେ ପରିଣତ ହୋଇଯାଇଥିଲେ।

**୨୦୧୭ରେ ମାଲେସିଆନ ଓପନ ସହ ବିଶ୍ୱ ବ୍ୟାଡ୍‌ମିଣ୍ଟନରେ ସମସ୍ତ ବଡ଼ ଟାଇଟଲ ହାସଲ କରିଥିବା ଲିନ୍ ଡାନ୍ ୨୦୦୪ରେ ଅଲ୍ ଇଂଲଣ୍ଡ ଓପନ ଚାମ୍ପିୟନ ହୋଇ କ୍ରୀଡ଼ା ଜଗତରେ 'ସୁପର ଡାନ୍' ନାମରେ ପରିଚିତ ହେଲେ...**

### ବଡ଼ ସଫଳତା

**ଅଲିମ୍ପିକ୍ସ**
ସ୍ୱର୍ଣ୍ଣ: ୨୦୦୮ ବେଜିଂ
ସ୍ୱର୍ଣ୍ଣ: ୨୦୧୨ ଲଣ୍ଡନ

**ବିଶ୍ୱ ଚାମ୍ପିୟନଶିପ୍**
ସ୍ୱର୍ଣ୍ଣ: ୨୦୦୬ ମାଡ୍ରିଡ
ସ୍ୱର୍ଣ୍ଣ: ୨୦୦୭ କୁଆଲାଲମ୍ପୁର
ସ୍ୱର୍ଣ୍ଣ: ୨୦୦୯ ହାଇଦ୍ରାବାଦ
ସ୍ୱର୍ଣ୍ଣ: ୨୦୧୧ ଲଣ୍ଡନ
ସ୍ୱର୍ଣ୍ଣ: ୨୦୧୩ ଗୁଆଙ୍ଗଝୋଉ
ରୌପ୍ୟ: ୨୦୦୫ ଆନାହେମ
ରୌପ୍ୟ: ୨୦୧୭ ଗ୍ଲାସ୍‌ଗୋ

**ବିଶ୍ୱକପ**
ସ୍ୱର୍ଣ୍ଣ: ୨୦୦୫ ୟିୟାଙ୍ଗ
ସ୍ୱର୍ଣ୍ଣ: ୨୦୦୬ ୟିୟାଙ୍ଗ

**ଅଲ୍‌ଇଂଲଣ୍ଡ ଓପନ**
ସ୍ୱର୍ଣ୍ଣ: ୨୦୦୪ ବର୍ମିଂହାମ
ସ୍ୱର୍ଣ୍ଣ: ୨୦୦୬ ବର୍ମିଂହାମ
ସ୍ୱର୍ଣ୍ଣ: ୨୦୦୭ ବର୍ମିଂହାମ
ସ୍ୱର୍ଣ୍ଣ: ୨୦୦୯ ବର୍ମିଂହାମ
ସ୍ୱର୍ଣ୍ଣ: ୨୦୧୨ ବର୍ମିଂହାମ
ସ୍ୱର୍ଣ୍ଣ: ୨୦୧୬ ବର୍ମିଂହାମ
ରୌପ୍ୟ: ୨୦୦୫ ବର୍ମିଂହାମ
ରୌପ୍ୟ: ୨୦୦୮ ବର୍ମିଂହାମ
ରୌପ୍ୟ: ୨୦୧୧ ବର୍ମିଂହାମ
ରୌପ୍ୟ: ୨୦୧୮ ବର୍ମିଂହାମ

# ନୂଆ ଅଧିନାୟିକା

**ସୋଫି ଡିଭାଇନ୍‌ଙ୍କୁ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଜଣେ ସଫଳ ଅଲରାଉଣ୍ଡର ଭାବେ ପରିଚିତ ଏହି ମହିଳା କ୍ରିକେଟର ଫୁଲ୍ ଟାଇମ୍ ଅଧିନାୟିକା ଭାବେ ନିଜର ଦକ୍ଷତା ପ୍ରମାଣ କରିବେ ବୋଲି ଆଶା କରାଯାଉଛି। ଏକାଧିକ ରେକର୍ଡର ଅଧିକାରୀ ହୋଇଥିବା ଡିଭାଇନ୍ ଏହାକୁ ଏକ ଚ୍ୟାଲେଞ୍ଜ୍ ଭାବେ ଗ୍ରହଣ କରିଛନ୍ତି..**

ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ସୋଫି ଡିଭାଇନ୍‌ଙ୍କୁ ଏକ ଗୁରୁଦାୟିତ୍ୱ ମିଳିଛି। ସେ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ଦଳର ନୂଆ ଅଧିନାୟିକା ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ଜଣେ ଅଲରାଉଣ୍ଡର ହିସାବରେ ଡିଭାଇନ୍ ନିଜର ପ୍ରତିଭା ଓ ଦକ୍ଷତା ପ୍ରମାଣ କରି ଦଳକୁ ବହୁବାର ବିଜୟୀ କରାଇଛନ୍ତି। ଏବେ ସେ ଦଳର ଫୁଲ୍ ଟାଇମ୍ କ୍ୟାପ୍‌ଟେନ ନିଯୁକ୍ତ ହେବା ପରେ ତାଙ୍କର ଦାୟିତ୍ୱ ନିଶ୍ଚିତ ଭାବେ ବଢିଯାଇଛି। ଗତ ସେସନ୍‌ରେ ୩୦ ବର୍ଷୀୟା ଡିଭାଇନ୍ ଦଳର ମଧ୍ୟବର୍ତ୍ତିକାଳୀନ ଅଧିନାୟିକା ଭାବେ ନିଯୁକ୍ତ ହୋଇଥିଲେ। ନେତୃତ୍ୱ ନେବାରେ ସେ ସିଦ୍ଧହସ୍ତ ବୋଲି ଏହି ସିରିଜ୍‌ରୁ ଜଣାପଡିଛି। ଫଳରେ ତାଙ୍କୁ ଏହି ଫୁଲ୍ ଟାଇମ୍ ଦାୟିତ୍ୱ ମିଳିଛି। ସେହିପରି ଏମି ସାଟର୍ଥୱେଟ୍‌ଙ୍କୁ ତାଙ୍କର ଡେପୁଟି ନିଯୁକ୍ତ କରାଯାଇଛି। ମା' ହେବା ପାଇଁ ଛୁଟିରେ ଏମି ଯିବେ। ପ୍ରତ୍ୟାବର୍ତ୍ତନ କରିବା ପରେ ସେ ଉପ-ଅଧିନାୟିକା ଦାୟିତ୍ୱ ତୁଲାଇବେ।

ଡିଭାଇନ୍ ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ତରଫରୁ ୧୦୫ଟି ଦିନିକିଆ ଓ ୯୧ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଏହି ଦୁଇଟି ଯାକ ଫର୍ମାଟ୍‌ରେ ସେ ୪,୯୫୪ ରନ ସଂଗ୍ରହ କରିବା ସହ ୧୫୮ଟି ଉଇକେଟ ମଧ୍ୟ ଅକ୍ତିଆର କରିଛନ୍ତି। ଦିନିକିଆରେ ସେ ୩୧.୭୨ ଓ ଟି୨୦ରେ ୩୧.୮୭ ହାରରେ ରନ୍ ସଂଗ୍ରହ କରିଛନ୍ତି। ଦିନିକିଆରେ ସେ ୫ଟି ଶତକ ସହ ୧୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସେହିପରି ଟି୨୦ରେ ଡିଭାଇନ୍ ଗୋଟିଏ ଶତକ ଓ ୧୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ୧୪୫ ହେଉଛି ତାଙ୍କର ସର୍ବାଧିକ ବ୍ୟକ୍ତିଗତ ଦିନିକିଆ ସ୍କୋର। ସେହିପରି ଟି୨୦ରେ ୧୦୫ ହେଉଛି ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର। ବୋଲିଂରେ ମଧ୍ୟ ସେ ଉଚ୍ଚକୋଟୀର ପ୍ରଦର୍ଶନ କରି ଆସିଛନ୍ତି। ମାତ୍ର ୧୭ ବର୍ଷ ବୟସରେ ସେ ସର୍ବକନିଷ୍ଠ ଖେଳାଳିଭାବେ ନ୍ୟୁଜିଲାଣ୍ଡ ଜାତୀୟ ଦଳର ସଦସ୍ୟ ହେବାର ଗୌରବ ଅର୍ଜନ କରିଥିଲେ। ତାଙ୍କ ନାମରେ ମଧ୍ୟ ଏକାଧିକ ରେକର୍ଡ ସାମିଲ ରହିଛି। ମାତ୍ର ୧୮ଟି ବଲରେ ଅର୍ଦ୍ଧଶତକ ହାସଲ କରିବା ସହ ସେ ଦ୍ରୁତତମ ଟି୨୦ ଅର୍ଦ୍ଧଶତକ ହାସଲ କରି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ।

### ସଂକ୍ଷେପରେ....

ପୂରା ନାମ: ସୋଫି ଫ୍ରାନ୍‌ସେସ୍ ମୋନିକ ଡିଭାଇନ୍
ଜନ୍ମ: ୧ ସେପ୍ଟେମ୍ବର ୧୯୮୯, ନ୍ୟୁଜିଲାଣ୍ଡ
ବୟସ: ୩୦
ଭୂମିକା : ଅଲରାଉଣ୍ଡର
ଦିନିକିଆ: ୧୦୫ ମ୍ୟାଚ୍
ଟି୨୦: ୯୧ ମ୍ୟାଚ୍

ପ୍ରଥମ ମହିଳା ଭାବେ ସେ ଗୋଟିଏ ଦିନିକିଆ ମ୍ୟାଚ୍‌ରେ ସର୍ବାଧିକ ୯ଟି ଛକା ମାରି ରେକର୍ଡ କରିଥିଲେ। କ୍ରମାଗତ ୬ଟି ଟି୨୦ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରି ସେ ରେକର୍ଡ ସୃଷ୍ଟି କରିଥିଲେ।

ଜଣେ ବିଶ୍ୱସ୍ତରୀୟ ଅଲରାଉଣ୍ଡର ହୋଇଥିବାରୁ ନେତୃତ୍ୱ ନେବାରେ ସେ ବେଶ୍ ସହଜ ଅନୁଭବ କରିବେ ବୋଲି ଆଶା କରାଯାଉଛି। ନ୍ୟୁଜିଲାଣ୍ଡ ପାଇଁ ନେତୃତ୍ୱ ନେବା ଏକ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଛନ୍ତି। ଗତ ସେସନ୍‌ରେ ଦଳର ନେତୃତ୍ୱ ନେଇ ବେଶ୍ ସଫଳତା ଅର୍ଜନ କରିଛି। କେତୋଟି ମୁକାବିଲାରେ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ମଧ୍ୟ ତାହାକୁ ସଫଳତାର ସହ ସାମ୍ନା କରିଛି ବୋଲି ସେ କହିଛନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟ ମଧ୍ୟ ଡିଭାଇନଙ୍କ ଉପରେ ପୂରା ଭରସା କରିଛି। ଆଗକୁ ଡିଭାଇନ୍ ତାଙ୍କ ନୂଆ ଦାୟିତ୍ୱକୁ ସଫଳତାର ସହ ତୁଲାଇବେ ଓ ନ୍ୟୁଜିଲାଣ୍ଡ କ୍ରିକେଟକୁ ନୂଆ ଦିଗ୍‌ଦର୍ଶନ ଦେବେ ବୋଲି ଆଶା କରାଯାଉଛି।



## ଖେଳ ଖବର

# ସିରିଜ ଉପରେ ନଜର

**ମାଞ୍ଚେଷ୍ଟର, ୨୩।୭**

ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ତୃତୀୟ କ୍ରିକେଟ ଟେଷ୍ଟ ଶୁକ୍ରବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ୩ ମ୍ୟାଚ ବିଶିଷ୍ଟ ସିରିଜ ଏବେ ୧-୧ ସ୍ଥିତିରେ ରହିଛି। ପ୍ରଥମ ଟେଷ୍ଟକୁ ୱେଷ୍ଟଇଣ୍ଡିଜ ଜିତି ଥିବାବେଳେ ଦ୍ୱିତୀୟ ଟେଷ୍ଟରେ ବିଜୟୀ ହୋଇ ଇଂଲଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ତେଣୁ ସିରିଜ ବିଜୟ ପାଇଁ ତୃତୀୟ ଟେଷ୍ଟ ଉପରେ ସ୍ୱାଭାବିକଭାବେ ଉଭୟ ଦଳର ନଜର କେନ୍ଦ୍ରୀଭୂତ ହୋଇଛି। କରୋନା ସଂକ୍ରମଣ ପରେ ଅନ୍ତର୍ଜାତୀୟ ସ୍ତରରେ ଏହା ପ୍ରଥମ ସିରିଜ। ତେଣୁ ଯେଉଁ ଦଳ ବିଜୟୀ ହେଉ ନା କାହିଁକି ନିଶ୍ଚିତ ସ୍ମରଣୀୟ ରହିବ। ୧୯୮୮ପରେ ଇଂଲଣ୍ଡ ମାଟିରେ ଟେଷ୍ଟ ସିରିଜ ବିଜୟୀ ହେବାପାଇଁ ୱେଷ୍ଟଇଣ୍ଡିଜ ନିକଟରେ ସୁଯୋଗ ରହିଛି। ଅନ୍ୟପକ୍ଷରେ ଘରୋଇ ପରିବେଶରେ ୬ ବର୍ଷର ଅପରାଜେୟ ରେକର୍ଡକୁ ଅପରିବର୍ତ୍ତିତ ରଖିବା ସହ ୱିଜଡେନ ଟ୍ରଫି ବଜାୟ ରଖିବା ଆଶାରେ ରହିଛି ଇଂଲଣ୍ଡ।

ଦ୍ୱିତୀୟ ଟେଷ୍ଟ ଖେଳାଯାଇଥିବା ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ହିଁ ତୃତୀୟ ଟେଷ୍ଟ ଅନୁଷ୍ଠିତ ହେବ। କମ୍ ଦିନ ମଧ୍ୟରେ ୨ଟି ଅନ୍ତର୍ଜାତୀୟ ସ୍ତରର ପିଚ୍ ପ୍ରସ୍ତୁତ କରିବା ଗ୍ରାଉଣ୍ଡ୍ସ ଷ୍ଟାଫ୍‌ଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ରହିଥିଲା। ଦ୍ୱିତୀୟ ଟେଷ୍ଟ ପିଚ୍ ପ୍ରଶଂସନୀୟ ଥିଲା। ଏହା ଉଭୟ ବୋଲର ଓ ବ୍ୟାଟ୍ସମ୍ୟାନଙ୍କୁ ସହାୟତା କରିଥିଲା। ଦ୍ୱିତୀୟ ପିଚ୍ ମଧ୍ୟ ସ୍ପୋର୍ଟିଂ ରହିବା ଆଶା କରାଯାଉଛି। ଦ୍ରୁତ ବୋଲରଙ୍କ ଫର୍ମକୁ ଦୃଷ୍ଟିରେ ରଖି ପିଚ୍ ଅଧିକ ଫାଷ୍ଟ ରହିବା ନେଇ ଇଂଲଣ୍ଡ ମ୍ୟାନେଜମେଣ୍ଟ ଆଶା ରଖିଛି। ତୃତୀୟ ଟେଷ୍ଟରେ ମଧ୍ୟ ବର୍ଷା ପ୍ରତିବନ୍ଧକ ସାଜିପାରେ ବୋଲି ପୂର୍ବାନୁମାନ ରହିଛି।

କୋଭିଡ-୧୯ ପ୍ରୋଟୋକଲ ଭାଙ୍ଗିବା ଯୋଗୁ ଦ୍ୱିତୀୟ ଟେଷ୍ଟରେ ଖେଳିପାରି ନ ଥିବା ଜୋଫ୍ରା ଆର୍ଚର ୧୪ ଜଣିଆ ଦଳରେ ସ୍ଥାନ ପାଇଛନ୍ତି। ତେଣୁ ତାଙ୍କ ଖେଳିବା ସମ୍ଭାବନା ଅଧିକ। ବିଜୟ ପଥକୁ ଫେରିଥିବାରୁ ଦଳ ବ୍ୟାଟିଂ ଲାଇନ୍‌ଅପ୍‌ରେ ପରିବର୍ତ୍ତନ କରିବା ଆଶା ନାହିଁ। ତେଣୁ ଜ୍ୟାକ କ୍ରାଓଲେ ୩ ନମ୍ବର ଏବଂ ଜୋସ ବଟଲର ଉଇକେଟ କିପିଂ କରିବା ସହ ୭ ନମ୍ବରରେ ବ୍ୟାଟିଂ କରିବେ। ଦଳରେ ୬ ଦକ୍ଷ ଦ୍ରୁତ ବୋଲର ଥିବାରୁ କେଉଁ ୩ ଜଣଙ୍କୁ ପ୍ଲେଇଂ ଇଲେଭେନରେ ନିଆଯିବ ତାହା କୋଚ୍ କ୍ରିସ୍ ସିଲଭରଉଡ୍ ନିଷ୍ପତ୍ତି ନେବେ। ସିରିଜର ନିର୍ଣ୍ଣାୟକ ମ୍ୟାଚ ହୋଇଥିବାରୁ ଇଂଲଣ୍ଡ ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରଡ୍ ଓ ଜୋଫ୍ରା ଆର୍ଚରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇପାରେ। ସ୍ପିନର ଡୋମିନିକ୍ ବେସ୍ ସ୍ଥାନ ବଜାୟ ରଖିବେ ବୋଲି ପୂର୍ବରୁ କୋଚ୍ ପ୍ରକାଶ କରି ସାରିଛନ୍ତି। ରୋଟେଶନ ପଦ୍ଧତି ଉପରେ ଗୁରୁତ୍ୱ ଦେଉଥିଲେ ହେଁ ସିଲଭରଉଡ୍ ଆଗାମୀ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରୁ ବେନ୍ ଷ୍ଟୋକ୍ସଙ୍କୁ ବାଦ୍ ଦେବା ସମ୍ଭାବନା କମ୍।

ଟପ୍ ଅର୍ଡର ବ୍ୟାଟିଂ ବିଫଳତା ୱେଷ୍ଟଇଣ୍ଡିଜ ପାଇଁ ଚିନ୍ତାର କାରଣ ହୋଇଛି। କ୍ରେଗ୍ ବ୍ରାଥୱେଟ୍‌ଙ୍କୁ ଛାଡ଼ିଦେଲେ ଜନ କ୍ୟାମ୍ପବେଲ ଓ ଶାଇ ହୋପ୍ ଏପର୍ଯ୍ୟନ୍ତ କ୍ଲିକ୍ କରି ନାହାନ୍ତି। ୪ ଇନିଂସରେ ଦୁହେଁ ମିଶି ୧୦୯ ରନ କରିବାକୁ ସକ୍ଷମ ହୋଇଛନ୍ତି। ଆଗାମୀ ମ୍ୟାଚରେ ସେମାନଙ୍କ ବ୍ୟାଟ୍‌ରୁ ବଡ଼ ସ୍କୋର ଆଶା ରହିଛି। ଆବଶ୍ୟକସ୍ଥଳେ ରିଜର୍ଭ ବ୍ୟାଟ୍ସମ୍ୟାନ ଜୋଶୁଆ ଡା'ସିଲ୍‌ଭା ଏବଂ ଶେନ ମୋସେଲିଙ୍କ ମଧ୍ୟରୁ କେହି ସୁଯୋଗ ପାଇ ପାରନ୍ତି। ଦ୍ୱିତୀୟ ଟେଷ୍ଟରେ ରଷ୍ଟନ ଚେଜ୍ ୫ ଉଇକେଟ ସଫଳତା ପାଇଥିବାରୁ ୱେଷ୍ଟଇଣ୍ଡିଜ ତୃତୀୟ ଟେଷ୍ଟରେ ସ୍ପେଶାଲିଷ୍ଟ ସ୍ପିନର ରାକିମ କର୍ନୱାଲଙ୍କୁ ଖେଳାଇପାରେ। ଶାନନ ଗାବ୍ରିଏଲ ଓ ଆଲଜାରି ଜୋସେଫ ଆହତ ସମସ୍ୟାରେ ଅଛନ୍ତି। ଏମାନଙ୍କ ମଧ୍ୟରୁ କେହି ଫିଟ୍ ନ ହେଲେ ରେମନ ରାଇଫର ଓ କେମାର ହୋଲ୍ଡର ବିକଳ୍ପଭାବେ ଉଭା ହେବେ।

**ସମ୍ଭାବ୍ୟ ଇଂଲଣ୍ଡ ଏକାଦଶ:** ଜୋ ରୁଟ୍ (ଅଧିନାୟକ), ରୋରି ବର୍ନ୍ସ, ଡମ୍ ସିବ୍‌ଲେ, ଜ୍ୟାକ୍ କ୍ରାଓଲେ, ବେନ୍ ଷ୍ଟୋକ୍ସ, ଓଲି ପୋପ୍, ଜୋସ ବଟଲର, ଡୋମିନିକ୍ ବେସ୍, ଜୋଫ୍ରା ଆର୍ଚର, ଷ୍ଟୁଆର୍ଟ ବ୍ରଡ୍, ଜେମ୍ସ ଆଣ୍ଡରସନ।

**ସମ୍ଭାବ୍ୟ ୱେଷ୍ଟଇଣ୍ଡିଜ ଏକାଦଶ:** ଜାସନ ହୋଲ୍ଡର(ଅଧିନାୟକ), ଜନ୍ କ୍ୟାମ୍ପବେଲ, କ୍ରେଗ୍ ବ୍ରାଥୱେଟ, ଶାଇ ହୋପ୍, ଶାମରା ବ୍ରୁକ୍ସ, ରଷ୍ଟନ ଚେଜ୍, ଜର୍ମେନ ବ୍ଲାକ୍‌ଉଡ୍, ଜାସନ ହୋଲ୍ଡର, ଶେନ ଡୋରିଚ୍, ରାକିମ କର୍ନୱାଲ, କେମର ରୋଚ୍, ଶାନନ ଗାବ୍ରିଏଲ।

### ତୃତୀୟ ଟେଷ୍ଟ ଆଜିଠାରୁ



ଇଂଲଣ୍ଡ ଦଳର ଟ୍ରେନିଂ ସେଶନରେ ଜୋଫ୍ରା ଆର୍ଚର।

# ରୌପ୍ୟ ବିଜୟୀ ଭାରତୀୟ ଦଳକୁ ସ୍ୱର୍ଣ୍ଣ

### ଏସିଆନ ଗେମ୍ସ ମିକ୍ସଡ ରିଲେ ପଦକ ଅପ୍‌ଗ୍ରେଡ୍

**ନୂଆଦିଲ୍ଲୀ, ୨୩।୭(ପି.ଟି.)**

୨୦୧୮ ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ଭାରତୀୟ ୪x୪୦୦ ମିଟର ମିକ୍ସଡ ରିଲେ ଦଳ ଏବେ ସ୍ୱର୍ଣ୍ଣ ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ବାହାରିନ ଦଳର ଜଣେ ରନର ଡୋପ ଟେଷ୍ଟରେ ଧରା ପଡ଼ିବାରୁ ପୂରା ଦଳକୁ ଅଯୋଗ୍ୟ କରାଯାଇଛି। ଫଳରେ ଭାରତର ରୌପ୍ୟ ପଦକ ଅପଗ୍ରେଡ୍ ହୋଇଛି। ବାହାରିନ୍‌ର କେମି ଆଡେକୋୟା ଡୋପଟେଷ୍ଟରେ ବିଫଳ ହୋଇ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ(ଏଆଇୟୁ) ଦ୍ୱାରା ୪ ବର୍ଷ ବାସନ୍ଦ ହୋଇଥିବାରୁ ପୂରା ଦଳକୁ ନିରାଶ ହେବାକୁ ପଡ଼ିଛି। ମହିଳା ୪୦୦ ମିଟର ହର୍ଡଲ୍ସରେ ଆଡେକୋୟା ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଅଯୋଗ୍ୟ ବିବେଚିତ ହେବାରୁ ଏହି ଇଭେଣ୍ଟରେ ୪ର୍ଥ ସ୍ଥାନ ହାସଲ କରିଥିବା ଭାରତର ଅନୁ ରାଘବନ ବ୍ରୋଞ୍ଜ ପଦକ ପାଇବାକୁ ହକ୍‌ଦାର ହୋଇଛନ୍ତି।

ଭାରତୀୟ ୪x୪୦୦ ମିଟର ମିକ୍ସଡ ରିଲେ ଦଳରେ ମହମ୍ମଦ ଆନାସ, ଏମ.ଆର. ପୁଭମ୍ମା, ହିମା ଦାସ ଓ ଆରୋକିଆ ରାଜୀବ ସାମିଲ ଥିଲେ। ଏମାନେ ୩:୧୫:୭୧ ସେକେଣ୍ଡ ସମୟ ନେଇ ବାହାରିନ(୩:୧୧:୮୯) ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଜାକର୍ତ୍ତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ମହିଳା ୪୦୦ ମିଟର ହର୍ଡଲ୍ସରେ ଭାରତର ଅନୁ ୫୬.୯୨ ସେକେଣ୍ଡ ସମୟ ନେଇ ୪ର୍ଥ ହୋଇଥିଲେ। ୱାର୍ଲ୍ଡ ଆଥଲେଟିକ୍ସ ୱେବସାଇଟ୍‌ରେ ଅପଡେଟ୍ ହେବାପରେ ଭାରତର ପଦକ ସଂଖ୍ୟା ୮ ସ୍ୱର୍ଣ୍ଣ ଓ ୯ ରୌପ୍ୟ ସହ ଏବେ ୨୦ରେ ପହଞ୍ଚିଛି ବୋଲି ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ସଭାପତି ଆଡିଲ ସୁମାରିୱାଲା ପ୍ରକାଶ କରିଛନ୍ତି।



ରୌପ୍ୟ ପଦକ ବିଜୟୀ ଭାରତୀୟ ମିକ୍ସଡ ରିଲେ ରେସ୍ ଦଳ।

# ଭୈରବ ମହାନ୍ତିଙ୍କ ସ୍ମୃତି ସଭା

**କଟକ ଅଫିସ,୨୩।୭:** ରାଜ୍ୟ କ୍ରୀଡ଼ା ଜଗତର ପିତାମହ ତଥା ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଓଏ)ର ପ୍ରଥମ ସାଧାରଣ ସମ୍ପାଦକ ଭୈରବ ଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତି ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାରବାଟୀ ଷ୍ଟାଡିୟମସ୍ଥିତ ଭୈରବଙ୍କ ପ୍ରତିମୂର୍ତ୍ତିରେ ଓଓଏର ସାଧାରଣ ସମ୍ପାଦକ(ଇନଚାର୍ଜ) ଅଭିଜିତ ପାଲ ଓ ଅନ୍ୟାନ୍ୟ ସଦସ୍ୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ୧୯୮୦ରେ ଭୈରବଙ୍କର ପରଲୋକ ଘଟିଥିଲା। ୧୯୪୭ ଫେବୃୟାରୀ ୧୬ ତାରିଖରୁ ୧୯୫୮ ଅଗଷ୍ଟ ୫ ଓ ୧୯୬୦ ଫେବୃୟାରୀ ୧୪ ତାରିଖରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଓଓଏର ସମ୍ପାଦକ ପଦବୀରେ ରହିଥିଲେ। ଜଣେ ଦକ୍ଷ କ୍ରୀଡ଼ା ସଙ୍ଗଠକ, ରାଜନେତା ଓ ସ୍ୱାଧୀନତା ସଂଗ୍ରାମୀ ଭାବେ ଭୈରବ ପରିଚିତ ଥିଲେ। ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇଥିବା ଭୈରବ ବାରବାଟୀ ଷ୍ଟାଡିୟମର ନିର୍ମାଣ ଓ ନାମକରଣ ମଧ୍ୟ କରିଥିଲେ।

# ବର୍ଷେ ପରେ ଟୋକିଓ ଅଲିମ୍ପିକ୍ସ

**ଟୋକିଓ,୨୩।୭(ଏପି):** କୋଭିଡ୍-୧୯ ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିବା ଟୋକିଓ ଅଲିମ୍ପିକ୍ସର କାଉଣ୍ଟ ଡାଉନ୍ ଆରମ୍ଭ ହୋଇଛି। ଆଉ ବର୍ଷେ ପରେ ଅଲିମ୍ପିକ୍ସ ଆରମ୍ଭ ହେବ। କିନ୍ତୁ ବର୍ଷେ ପୂର୍ବରୁ ମଧ୍ୟ ଅଲିମ୍ପିକ୍ସର ଏଭଳି କାଉଣ୍ଟ ଡାଉନ୍ ଆରମ୍ଭ ହୋଇଥିଲା। ସେତେବେଳେ ଅବଗଣନାର ଏକ ବଡ଼ ଉତ୍ସବ ଆୟୋଜିତ ହୋଇଥିଲା। ଅବଶ୍ୟ ସେତେବେଳେ କୋଭିଡ୍-୧୯ ମହାମାରୀ ପ୍ରକୋପ ଆରମ୍ଭ ହୋଇ ନ ଥିଲା। ମହାମାରୀ କାରଣରୁ ଏହି ମେଗା ଇଭେଣ୍ଟକୁ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଛି ଓ ଏହା ଆସନ୍ତାବର୍ଷ ଜୁଲାଇ ୨୩ ତାରିଖରେ ଆରମ୍ଭ ହେବ। ଏବେ ଅବଗଣନାର ଉତ୍ସବ ସେତେଟା ମନୋରଞ୍ଜକ ନ ଥିଲା। ଦର୍ଶକ ତଥା ପ୍ରଶଂସକଙ୍କ ଅନୁପସ୍ଥିତିରେ ଆୟୋଜକମାନେ ଗୁରୁବାର ନ୍ୟାଶନାଲ ଷ୍ଟାଡିୟମରେ ୧୫ ମିନିଟ୍‌ର ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ଅବସରରେ ଅଲିମ୍ପିକ୍ସ ଉଦ୍‌ଘାଟନ ନେଇ ଏକ ଛୋଟିଆ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଅଲିମ୍ପିକ୍ ଜ୍ୟୋତି ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଗତ ମାର୍ଚ୍ଚରେ ଜାପାନରେ ଜ୍ୟୋତି ପହଞ୍ଚିଥିଲା।

# ଚେସ୍ ଅଲିମ୍ପିଆଡ୍‌ରେ ଭାଗନେବ ଭାରତ

**ଚେନ୍ନାଇ, ୨୩।୭ (ପି.ଟି.):** ଚଳିତ ମାସ ୨୫ରୁ ଅଗଷ୍ଟ ୩୦ ପର୍ଯ୍ୟନ୍ତ ଫିଡେ ଅନ୍‌ଲାଇନ୍ ଅଲିମ୍ପିଆଡ୍ ହେବ। ଏଥିରେ ବିଶ୍ୱର ୩ ନମ୍ବର ମାନ୍ୟତାପ୍ରାପ୍ତ ଡିଙ୍ଗ୍ ଲିରେନ୍ ଏବଂ ଭାରତର ବିଶ୍ୱନାଥନ ଆନନ୍ଦଙ୍କ ଭଳି ଟପ୍ ଖେଳାଳିମାନେ ଅଂଶଗ୍ରହଣ କରିବେ। ପ୍ରଥମଥର ଅନୁଷ୍ଠିତ ହେଉଥିବା ଅନ୍‌ଲାଇନ୍ ଅଲିମ୍ପିଆଡ୍‌ରେ ୧୬୩ଟି ଦେଶରୁ ଟିମ୍‌ଗୁଡ଼ିକ ଅଂଶଗ୍ରହଣ କରିବେ। ରୁଷିଆ ଶୀର୍ଷ ର୍‌ୟାଙ୍କିଂପ୍ରାପ୍ତ ଦଳ ହୋଇଥିବାବେଳେ ଏହାପଛକୁ ଚାଇନା, ଯୁକ୍ତରାଷ୍ଟ୍ର ଆମେରିକା, ଆର୍ମେନିଆ ଓ ୟୁକ୍ରେନ୍। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବିଦିତ୍ ସନ୍ତୋଷ ଗୁଜରାଟୀଙ୍କୁ ଅଧିନାୟକ କରାଯାଇଛି। ପ୍ରତିଯୋଗିତାରେ ତାଙ୍କୁ ୭ମ ସିଡ୍ ମାନ୍ୟତା ମିଳିଛି। ରୁଷିଆ, ଚାଇନା, ଯୁକ୍ତରାଷ୍ଟ୍ର ଆମେରିକା, ୟୁକ୍ରେନ ଓ ଅନ୍ୟମାନଙ୍କ ସହ ଭାରତକୁ ଟପ୍ ଡିଭିଜନରେ ସ୍ଥାନ ମିଳିଛି। ଟପ୍ ଡିଭିଜନରୁ ୮ଟି ଦଳ ଷ୍ଟେଜ୍-୨ ପାଇଁ ଯୋଗ୍ୟତା ଅର୍ଜନ କରିବେ। ସେମାନଙ୍କୁ ଅନ୍ୟ ଡିଭିଜନର ଦେଶଗୁଡ଼ିକ ସହ ମୁକାବିଲା କରିବାକୁ ପଡ଼ିବ।

ଧରିତ୍ରୀ
DHARITRI
ଶୁକ୍ରବାର, ୨୪ ଜୁଲାଇ, ୨୦୨୦

## ଚୌଦ୍ୱାର ଜେଲରେ ୨୫ଜଣଙ୍କ ସ୍ୱାବ୍ ସଂଗ୍ରହ

ଚୌଦ୍ୱାର(ଡି.ଏନ୍.ଏ.): ଚୌଦ୍ୱାର ମଣ୍ଡଳ କାରାଗାରରେ ଜଣେ ବିଚାରାଧୀନ କଏଦୀଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁବାର ଜେଲର ୧୨ଜଣ କର୍ମଚାରୀ ଓ ୧୩ କଏଦୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ଜେଲ ଅଧୀକ୍ଷକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି। ଆକ୍ରାନ୍ତ କଏଦୀଜଣକ ଜେଲର ହାଇସିକ୍ୟୁରିଟି ସେଲ୍‌ରେ ରହିଥିବାବେଳେ ଶୁକ୍ରବାର ତାଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ। ଗତ ୨୦ତାରିଖ ରାତିରୁ ଗୁରୁବାର ପର୍ଯ୍ୟନ୍ତ ତାଙ୍କ ସଂସ୍ପର୍ଶରେ ଆସିଥିବା ୨୫ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି।



### ସଂକ୍ଷେପରେ

## ଫସଲ ନଷ୍ଟ କଲେ ହାତୀପଲ

**ନିରାକାରପୁର,୨୩।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ଚିତ୍ରକୂଟ ପାହାଡ଼ ପାଦଦେଶର ମା' ଭୈରବୀ ଦେବୀଙ୍କ ନିକଟରେ ଥିବା କ୍ଷେତରେ ଗୁରୁବାର ହାତୀପଲ ପଶି ଡଳି ନଷ୍ଟ କରିଦେଇଛନ୍ତି। ଏଥିରେ ଚାଷୀ ପ୍ରଶାନ୍ତ ପ୍ରଧାନ, ମାନସ ପ୍ରଧାନ, ଭୀମସେନ ବେହେରା, ପ୍ରମୋଦ ସେଠୀ, ସର୍ବେଶ୍ୱର ପାଇକରାୟ କ୍ଷତିଗ୍ରସ୍ତ ହୋଇଛନ୍ତି। ଏ ସମ୍ପର୍କରେ ଭୁଷଣ୍ଡପୁର ଫରେଷ୍ଟର ଗୋଦାବରିଶ ହୋତା କହିଛନ୍ତି, ୧୨ଟି ହାତୀ ଆସିଛନ୍ତି। ଖବରପାଇ ଏକ ଟିମ୍‌କୁ ଘଟଣାସ୍ଥଳକୁ ପଠାଇଛୁ। ଅନ୍ୟ ଏକ ଟିମ୍‌କୁ ପୁଣି ପଠାଉଛୁ। ଯେଉଁ ଚାଷୀଙ୍କ କ୍ଷତି ହୋଇଛି ସେମାନେ ଜଣାଇଲେ କ୍ଷତିପୂରଣ ପାଇପାରିବେ ବୋଲି ସେ କହିଛନ୍ତି।

## ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୩।୭(ବ୍ୟୁରୋ):** କରୋନା ବିରୋଧୀ ଲଢେଇରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପୋଲିସଙ୍କ ଭଳି ଗଣମାଧ୍ୟମ ପ୍ରତିନିଧି ନିଜ ଜୀବନକୁ ବାଜି ଲଗାଇ କାମ କରୁଛନ୍ତି। ବିପଦପୂର୍ଣ୍ଣ ସ୍ଥାନକୁ ଯାଇ ଟିକିଟିଖି ଖବର ସଂଗ୍ରହ କରି ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ଏହି କରୋନା ଯୋଦ୍ଧା ଗଣମାଧ୍ୟମ ପ୍ରତିନିଧିଙ୍କୁ ସହାୟତାର ହାତ ବଢ଼ାଇଛି ସ୍ୱେଚ୍ଛାସେବୀ ସଂଗଠନ ରେଡ୍ ସ୍ୱସ୍ତିକ୍। ସୂଚନା ଭବନ ସମ୍ମୁଖରେ ଆୟୋଜିତ ଏକ ନିରାଡ଼ମ୍ବର କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସୁରକ୍ଷା କିଟ୍ ପ୍ରଦାନ କରିଛି ସଂଗଠନ। କାର୍ଯ୍ୟକ୍ରମରେ ରେଡ୍ ସ୍ୱସ୍ତିକ୍‌ର ସଚିବ ଦେବାଶିଷ ପଟ୍ଟନାୟକ, ଓଡ଼ିଶା ଶାଖା ମୁଖ୍ୟ ବିଜୟ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ପୋଲିସ, ଡାକସେବା କର୍ମଚାରୀଙ୍କୁ ଛତା ଓ ମାସ୍କ ବିତରଣ କରାଯାଇଥିଲା।

## ସାପ କାମୁଡ଼ାରେ ରୋଷେୟାଙ୍କ ମୃତ୍ୟୁ

**ସାଲେପୁର, ୨୩।୭(ଡି.ଏନ୍.ଏ.):** ସାଲେପୁର ବ୍ଲକ ସପନପୁର ଗ୍ରାମରେ ଗୁରୁବାର ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦେବେନ୍ଦ୍ରନାଥ ଦାଶ(୬୫)। ସେ ସ୍ଥାନୀୟ ଅଞ୍ଚଳରେ ଜଣେ ସୁନାମଧନ୍ୟ ରୋଷେୟା ଥିଲେ। ଅପରାହ୍ନରେ ନିଜ ଶିଡ଼ି ଘରେ କାମ କରୁଥିବା ବେଳେ ଏକ ନାଗ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେ ଅଚେତ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦାଶଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

## କରୋନା ସମ୍ପର୍କିତ ସଚେତନତା ବୈଠକ

**ଖୋର୍ଦ୍ଧା ଅଫିସ,୨୩।୭:** ଖୋର୍ଦ୍ଧା ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଥିବା ବସ୍ତି କମିଟି ପ୍ରତିନିଧିଙ୍କୁ ନେଇ ଗୁରୁବାର ଏକ ସଚେତନତା ବୈଠକ ବିଡିଏ କଲୋନୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଶୀତାଂଶୁ କୁମାର ରାଉତ ଯୋଗଦେଇଥିଲେ। ସେ କହିଥିଲେ, କରୋନା ସଂକ୍ରମଣ ରୋକିବା ଦିଗରେ ବସ୍ତି କମିଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବସ୍ତିରେ କୌଣସି ବ୍ୟକ୍ତି ଥଣ୍ଡା, କାଶ, ଜ୍ୱରରେ ପୀଡ଼ିତ ହେଲେ ସେମାନଙ୍କ ତଥ୍ୟ ହାସଲ କରନ୍ତୁ। ବାହାର ଜିଲା ଓ ରାଜ୍ୟରୁ କୌଣସି ଲୋକଙ୍କ ପ୍ରବେଶ ସମ୍ପର୍କରେ ତଥ୍ୟ ରଖନ୍ତୁ। ସେମାନଙ୍କ ସମ୍ପର୍କରେ ତଥ୍ୟ ପ୍ରଶାସନକୁ ଅବଗତ କରାଇବା ସହ କରୋନା ସମ୍ପର୍କରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ।

## ବୃଦ୍ଧାଙ୍କଠାରୁ ଝାମ୍ପିନେଲେ ସୁନାଚେନ

**ଚୌଦ୍ୱାର,୨୩।୭(ଡି.ଏନ୍.ଏ.):** ଚୌଦ୍ୱାର ହାଉସିଂ ବୋର୍ଡ କଲୋନୀରେ ଗୁରୁବାର ୨ଜଣ ଦୁର୍ବୃତ୍ତ ଜଣେ ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଲାବଣ୍ୟବତୀ ଅପରାହ୍ନ ପ୍ରାୟ ୨ଟାରେ ଘର ସମ୍ମୁଖ ରାସ୍ତାରେ ଛିଡ଼ା ହୋଇଥିଲେ। ଏହି ସମୟରେ ଏକ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ହଠାତ୍ ସେଠାରେ ପହଞ୍ଚି ଲାବଣ୍ୟଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇ ଫେରାର ହୋଇଯାଇଥିଲେ।

# କଏଦୀଙ୍କୁ ସୁରକ୍ଷିତ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଭୁବନେଶ୍ୱର,୨୩।୭ (ବ୍ୟୁରୋ)**

### ଜେଲରେ ବ୍ୟାପୁଛି କରୋନା ସଂକ୍ରମଣ



ରାଜ୍ୟର ବିଭିନ୍ନ ଜେଲ୍‌ରେ କରୋନା ସଂକ୍ରମଣ ବଢ଼ି ଚାଲିଛି। ପୂର୍ବରୁ ଏକାଧିକ କଏଦୀ ଆକ୍ରାନ୍ତ ହୋଇଥିବାବେଳେ ଏବେ ବ୍ରହ୍ମପୁର ମଣ୍ଡଳ କାରାଗାରର ୩୩ଜଣ କଏଦୀ ଓ ଜେଲ୍‌ରଙ୍କ ସମେତ ୧୦ କର୍ମଚାରୀଙ୍କ ନମୁନା ପଜିଟିଭ୍ ଆସିବା ପରେ ଚିନ୍ତା ବଢ଼ିଛି। ତେଣୁ କଏଦୀଙ୍କୁ ସୁରକ୍ଷିତ ରଖିବାକୁ ଜନ ଅଧିକାର ମଞ୍ଚ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି। ଜେଲ୍ ଭିତରକୁ ଯେପରି ସଂକ୍ରମଣ ପ୍ରବେଶ ନ କରି ପାରିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଞ୍ଚ ନିବେଦନ କରିଛି।

କରୋନା ମହାମାରୀ ପାଇଁ କଏଦୀଙ୍କ ସହ ପରିବାର ଲୋକଙ୍କ ସାକ୍ଷାତ ବ୍ୟବସ୍ଥାକୁ ବନ୍ଦ କରାଯାଇଛି। କେବଳ ଇ-ମୁଲାକାତ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ଅନେକ ଜେଲରେ ଠିକ୍‌ରେ ଚାଲିପାରୁନାହିଁ। ଏହାସହ କୋର୍ଟ ପୂର୍ବଭଳି ସ୍ୱାଭାବିକ ଭାବେ ଚାଲୁ ନ ଥିବାରୁ ବିଚାରାଧୀନ କଏଦୀମାନେ ଠିକ୍ ସମୟରେ ନ୍ୟାୟ ପାଇପାରୁନାହାନ୍ତି। ଫଳରେ ଅନେକ କଏଦୀ ମାନସିକ ଅବସାଦରେ ରହୁଛନ୍ତି। ଏଭଳି ସ୍ଥିତିରେ ସରକାର ଜେଲ୍‌ରେ କରୋନାକୁ ନେଇ ଆବଶ୍ୟକ ପଦେକ୍ଷପ ନ ନେଲେ ସ୍ଥିତି ଜଟିଳ ହେବ ବୋଲି ମଞ୍ଚର ଆବାହକ ବିଶ୍ୱପ୍ରିୟ କାନୁନଗୋ କହିଛନ୍ତି। ଏଥିସହ ସେ ଦାବି କରିଛନ୍ତି ଯେ, ରାଜ୍ୟର ସବୁ ଜେଲରେ କୋଭିଡ଼ ପରୀକ୍ଷା ଯୁଦ୍ଧକାଳୀନ ଭିତ୍ତିରେ କରାଯାଉ। ଯେଉଁମାନଙ୍କର ଜ୍ୱର,ଥଣ୍ଡା,ଭଳି ପ୍ରାଥମିକ ଲକ୍ଷଣମାନ ରହିଛି, ସେମାନଙ୍କୁ ଅଧିକ ଗୁରୁତ୍ୱ ଦେଇ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦିଆଯାଉ। ଜେଲଗୁଡିକରେ ଗହଳି କମାଇବା ପାଇଁ ଦଣ୍ଡିତ ଅନ୍ତେବାସୀଙ୍କୁ ସଂକ୍ରମଣ କମିବା ପର୍ଯ୍ୟନ୍ତ ମୁଚାଲିକାରେ ଛାଡିବା, ଗୁରୁତର ମାମଲାରେ ସମ୍ପୃକ୍ତ ନ ଥିବା କଏଦୀଙ୍କୁ ଅବିଳମ୍ବେ ଜାମିନରେ ଛାଡିବା ପାଇଁ ପଦେକ୍ଷପ ନେବା, ଜେଲରେ ମା' ବନ୍ଦୀଙ୍କ ସହ ରହୁଥିବା ୬ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସେମାନଙ୍କୁ ମୁକ୍ତ କରିବାର ବ୍ୟବସ୍ଥା କରିବା, ବୟସ୍କ ତଥା ଗର୍ଭବତୀ କଏଦୀ କ୍ଷେତ୍ରରେ ମଧ୍ୟ ସେହି ବ୍ୟବସ୍ଥା ଗ୍ରହଣ କରିବା, ସପ୍ତାହରେ ଥରେ ଜେଲ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ଡାକ୍ତର ଓ ସହାୟକ ନିଯୁକ୍ତି କରିବାର ବ୍ୟବସ୍ଥା କରିବାକୁ କାନୁନ୍‌ଗୋ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖିଛନ୍ତି।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ ରାସ୍ତା ପାର୍ଶ୍ୱସ୍ଥ ଗଛରୁ ଦୁଇଜଣ ବ୍ୟକ୍ତି ଜାଲ ଧରି ଜାମୁକୋଳି ତୋଳୁଛନ୍ତି।

## ସଙ୍ଗରୋଧ କେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀଙ୍କୁ ଆକ୍ରମଣ

**ବାଲକାଟୀ,୨୩।୭(ଡି.ଏନ୍.ଏ)**

ବାଲକାଟୀ ପ୍ରତାପଶାସନ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ଗୁରୁବାର ସନ୍ଧ୍ୟାରେ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଆକ୍ରମଣ କରାଯାଇଥିବା ବାଲକାଟୀ ଫାଣ୍ଡିରେ ଅଭିଯୋଗ ହୋଇଛି। ଏହାସହ ସ୍ୱାସ୍ଥ୍ୟକର୍ମୀ ଜଣକ ବାଲିଅନ୍ତା ବିଡିଓ, ତହସିଲଦାର ଓ ବାଲାକଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରିଛନ୍ତି। ପ୍ରତାପଶାସନ ସଙ୍ଗରୋଧ କେନ୍ଦ୍ରରେ ନାଗପୁର ଗ୍ରାମର ସଞ୍ଜୟ କାଣ୍ଡି ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରନ୍ତି। ଏହି କେନ୍ଦ୍ରରେ ୮ଜଣ ପ୍ରବାସୀ ଓଡ଼ିଆ ଅଛନ୍ତି। ସେମାନଙ୍କ ମଧ୍ୟରୁ ଝିଣ୍ଟି ଶାସନ ପଞ୍ଚାୟତର ଜଣେ ଯୁବକ ଅଛନ୍ତି। ୮ଦିନ ହେବ ଏମାନେ ଏଠାରେ ଥିବାବେଳେ ଝିଣ୍ଟିଶାସନର ଯୁବକ ଜଣକ ଗୁରୁବାର ଗୃହ ସଙ୍ଗରୋଧରେ ରହିବା ପାଇଁ ସଞ୍ଜୟଙ୍କୁ କହିଥିଲେ। ହେଲେ ସଙ୍ଗରୋଧ ଅବଧି ଶେଷ ହୋଇ ନଥିବାରୁ ସଞ୍ଜୟ ମନା କରିଥିଲେ। ଏହି କଥାକୁ ନେଇ ଉକ୍ତ ଯୁବକ ଜଣକ ୨ ସହଯୋଗୀଙ୍କୁ ଫୋନ କରି ଡକାଇ ଗଣ୍ଡଗୋଳ କରିଥିଲେ। ଖବରପାଇ ଫାଣ୍ଡି ପିସିଆର ଗାଡ଼ି ସେଠାରେ ପହଞ୍ଚିବାରୁ ଯୁବକଦ୍ୱୟ ଫେରାର ହୋଇଯାଇଥିଲେ।



ଗୁରୁବାର ବର୍ଷା ପରେ ଭୁବନେଶ୍ୱରର ବମିଖାଲ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାରେ ଜମି ରହିଥିବା ଆବର୍ଜନା ପାଣି।

## ଗୋଡ଼ିସାହି ଫାଣ୍ଡି ଏଏସ୍ଆଇ ପଜିଟିଭ୍

**ବାରଙ୍ଗ,୨୩।୭(ଡି.ଏନ.ଏ.):** ବାରଙ୍ଗ ବ୍ଲକ ଅଧୀନ ଗୋଡ଼ିସାହି ଫାଣ୍ଡିର ଜଣେ ଏଏସ୍ଆଇ ପଜିଟିଭ ଚିହ୍ନଟ ହୋଇଥିବା ବିଡିଓ ପ୍ରଭାକର ପଣ୍ଡା କହିଛନ୍ତି। ଗତ ୧୯ତାରିଖରେ ଏକ କେସ୍‌ରେ ନରାଜର ଜଣେ ଯୁବକକୁ ପୋଲିସ ଗିରଫ କରି ଫାଣ୍ଡିରେ ରଖିଥିଲେ। ସେହିଦିନ ଏହି ଯୁବକଙ୍କ ସ୍ୱାବ୍ ଟେଷ୍ଟ କରାଯିବା ସହ ପରଦିନ କୋର୍ଟଚାଲାଣ କରାଯାଇଥିଲା। ୨୦ତାରିଖ ରାତିରେ ଯୁବକଙ୍କ ପଜିଟିଭ ବାହାରିଥିଲା। ୨୧ତାରିଖରେ ଗୋଡ଼ିସାହି ଫାଣ୍ଡି ସହ ବାରଙ୍ଗ ଥାନାକୁ ସାନିଟାଇଜ କରାଯାଇଥିଲା। ଏପରି କି ଫାଣ୍ଡିରେ ଥିବା ୮ଜଣ କର୍ମଚାରୀଙ୍କ ସମେତ ଫାଣ୍ଡି ସାମ୍ନାରେ ଥିବା ପାନ ଦୋକାନର ଦୁଇଜଣଙ୍କୁ ମିଶାଇ ୧୦ଜଣଙ୍କର ସ୍ୱାବ୍ ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିମଧ୍ୟରୁ ଗୁରୁବାର ଫାଣ୍ଡି ଏଏସ୍ଆଇଙ୍କ ପଜିଟିଭ ବାହାରିଥିଲା। ଏହାପରେ ଫାଣ୍ଡିକୁ ସାଧାରଣ ଲୋକଙ୍କ ଆସିବାକୁ ଫାଣ୍ଡି ପକ୍ଷରୁ ବାରଣ କରାଯାଇଛି। ଫାଣ୍ଡି ସାମ୍ନାରେ ବ୍ୟାରିକେଡ୍ ଦିଆଯାଇ ବନ୍ଦ କରାଯାଇଛି।

## ବିଏମ୍‌ସି ୱାର୍ଡ ଅଧିକାରୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୩।୭ (ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ବିଶ୍ୱେଶ୍ୱର ବସ୍ତିରେ ୱାର୍ଡ ଅଫିସର ଓ ତାଙ୍କ ଟିମ୍‌କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଏହି ବସ୍ତିରେ ରହୁଥିବା ଅଜିତ ସେନ ଓରଫ ମିଲୁ। କରୋନା ସଚେତନତା ପାଇଁ ବୁଧବାର ୱାର୍ଡ ଅଫିସର ଶ୍ରୀକାନ୍ତ ମହାନ୍ତି ଟିମ୍ ସହ ବିଶ୍ୱେଶ୍ୱର ବସ୍ତି ଯାଇଥିଲେ। ହୋମ କ୍ୱାରାଣ୍ଟାଇନରେ ଥିବା ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ଅଭିଯୁକ୍ତ ମିଲୁ ବସିଥିବାରୁ ତାଙ୍କୁ ଶ୍ରୀକାନ୍ତ ସେଠାରୁ ଚାଲିଯିବାକୁ କହିଥିଲେ। ମାତ୍ର ମିଲୁ ମିଲୁ ଓ ତାଙ୍କର କେତେଜଣ ସହଯୋଗୀ ୱାର୍ଡ ଅଧିକାରୀ ଓ ଟିମ୍‌ର ଅନ୍ୟମାନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ୩୦୨/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପଚରାଉଚୁରା ପରେ ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଜିଲାପାଳଙ୍କୁ ଜଣାଇଲେ ଆଇନ ଛାତ୍ରୀଛାତ୍ର

**ପୁରୀ ଅଫିସ, ୨୩।୭**

### ରି ଆଡମିଶନ ନୋଟିସ ନେଇ ଚିନ୍ତା

କରୋନା ଯୋଗୁ ପ୍ରାୟ ସବୁ ବନ୍ଦ ରହିଛି। ଏହି ସମୟରେ ପୁରୀସ୍ଥିତ ଜି.ଏମ୍. ଆଇନ୍ କଲେଜ ଛାତ୍ରୀଛାତ୍ରଙ୍କ ଉପରେ ରି ଆଡମିଶନର ବୋଝ ଲଦି ଦିଆଯାଇଛି। ଏ ନେଇ ଛାତ୍ରୀଛାତ୍ରମାନେ ଚିନ୍ତାରେ ପଡ଼ିଥିବା ବେଳେ ଗୁରୁବାର ଜିଲାପାଳଙ୍କୁ ଗୁହାରି କରିଛନ୍ତି। ଜିଲାପାଳଙ୍କୁ ପ୍ରଦାନ କରିଥିବା ସ୍ମାରକପତ୍ରରେ ଛାତ୍ରୀଛାତ୍ରମାନେ ଦର୍ଶାଇଛନ୍ତି ଯେ, ରି ଆଡମିଶନ ପାଇଁ କଲେଜ କର୍ତ୍ତୃପକ୍ଷ ଗତ ୧୬ ତାରିଖରେ ନୋଟିସ୍ ଲଗାଇଛନ୍ତି। ଚଳିତମାସ ୩୧ତାରିଖ ମଧ୍ୟରେ ରି-ଆଡମିଶନ ନ କଲେ ୫୦୦ ଟଙ୍କା ଫାଇନ ପଡ଼ିବ। ଏହାକୁ ନେଇ ଛାତ୍ରୀଛାତ୍ର ଚିନ୍ତିତ ହୋଇପଡିଛନ୍ତି। ବର୍ତ୍ତମାନ କରୋନା ସମସ୍ତଙ୍କ ଜୀବିକାକୁ ପ୍ରଭାବିତ କରିଥିବାରୁ ଅନେକଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଛି। ରାଜ୍ୟର ବିଭିନ୍ନ ଜିଲା ଏପରି କି ରାଜ୍ୟ ବାହାରର ମଧ୍ୟ କିଛି ଛାତ୍ରୀଛାତ୍ର କଲେଜରେ ପଢୁଛନ୍ତି। ଜରୁରୀ ନ ଥିଲେ ପୁରୀ ଆସିବାରେ କଟକଣା ରହିଛି। ସେହିପରି ପେଣ୍ଠକଟା ଅଞ୍ଚଳରୁ ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ଛାତ୍ରୀଛାତ୍ରମାନେ କଲେଜକୁ ଯିବାକୁ ନିରାପଦ ମନେ କରୁନାହାନ୍ତି। ଏଭଳି ସମୟରେ ରାଜ୍ୟର ବିଭିନ୍ନ କଲେଜ ରିଆଡମିଶନ, ଫର୍ମ ଫିଲପ୍ ଏପରି କି ପରୀକ୍ଷାରେ ମଧ୍ୟ କୋହଳ କରିଛନ୍ତି। କିନ୍ତୁ ଜି.ଏମ୍. ଆଇନ କଲେଜରେ ଏଥିରେ ବ୍ୟତିକ୍ରମ ଘଟୁଛି। ତେଣୁ ଏ ଦିଗରେ ଠିକ୍ ବିଚାର କରିବା ଲାଗି ଛାତ୍ରୀଛାତ୍ରମାନେ ଜିଲାପାଳଙ୍କୁ ଗୁହାରି କରିଛନ୍ତି।

## ଆଇନଜୀବୀଙ୍କ ଘରୁ ଚୋରି, ୫ ଗିରଫ

**କଣ୍ଟାପଡା,୨୩।୭(ଡି.ଏନ.ଏ.)**

ଗୋବିନ୍ଦପୁର ଥାନା ଅନ୍ତର୍ଗତ ମାଙ୍ଗ ଗ୍ରାମର ଜଣେ ଆଇନଜୀବୀଙ୍କ ଘରୁ ଚୋରି କରିବା ଅଭିଯୋଗରେ ପୋଲିସ ୫ଜଣଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ବାଦଲ ଭୋଇ(୨୬), ବଳିଆ ବେହେରା(୨୫), ସମୀର ଭୋଇ(୨୮), କୁନା ସ୍ୱାଇଁ(୫୩) ଓ ବାଲିଅନ୍ତା ଥାନା ଅନ୍ତର୍ଗତ ମଇଧରପଡାର କବାଡିବାଲା କାଳିଆ ମିର୍ଦ୍ଧା(୬୦)। ପୋଲିସ ସେମାନଙ୍କଠାରୁ ସମସ୍ତ ଚୋରି ସାମଗ୍ରୀ ଜବତ କରିଛି। ବାଦଲ ଜଣେ ପେସାରେ ରଙ୍ଗମିସ୍ତ୍ରି ହୋଇଥିବାବେଳ କିଛିଦିନ ତଳେ ସେ ମାଙ୍ଗ ଗ୍ରାମର ଆଇନଜୀବୀ ଦେବେନ୍ଦ୍ର ମହାନ୍ତିଙ୍କ ଘର ରଙ୍ଗ କରିବାକୁ ଯାଇଥିଲେ। ଗତ ୯, ୧୦ ଓ ୧୧ ତାରିଖରେ ଦେବେନ୍ଦ୍ର ସପରିବାର ସହ କୌଣସି କାର୍ଯ୍ୟରେ କଟକ ଯାଇଥିଲେ। ଏହାର ସୁଯୋଗ ନେଇ ବାଦଲ, ବଳିଆ ଓ ସମୀର ତାଙ୍କ ଘର ତାଲାଭାଙ୍ଗି ସମସ୍ତ କଂସାବାସନ, ଗ୍ରାଇଣ୍ଡର ଓ ଏକ ପାଣିମୋଟର ଚୋରି କରିଥିଲେ। ପରେ ଜିନିଷଗୁଡ଼ିକୁ ସେମାନେ କୁନା ଓ କାଳିଆଙ୍କୁ ବିକ୍ରି କରିଥିଲେ। ଗତ ୧୨ତାରିଖରେ ଦେବେନ୍ଦ୍ର ଘରକୁ ଫେରି ଚୋରି ହୋଇଥିବା ଜାଣି ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୬୭/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଗୋବିନ୍ଦପୁର ଥାନାଧିକାରୀ ମାନସ ମିଶ୍ର ଏକ ଟିମ କରି ପ୍ରଥମେ ବାଦଲକୁ ସନ୍ଦେହରେ ଧରିବା ପରେ ସମସ୍ତ ଘଟଣା ପଦାକୁ ଆସିଥିଲା। ବୁଧବାର କଟକସଦର ଏସଡିପିଓ ସୁବାଷଚନ୍ଦ୍ର ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି।



ଉଦ୍ଧାର ଚୋରି ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

## ନିଆଁରେ ପୋଡ଼ି ମହିଳାଙ୍କୁ ହତ୍ୟା ଉଦ୍ୟମ

**ଟାଙ୍ଗୀ(କଟକ)୨୩।୭(ଡି.ଏନ୍.ଏ):** ଟାଙ୍ଗୀ ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଗୋକୁଳପୁର ଗ୍ରାମରେ ଜଣେ ମହିଳାଙ୍କୁ ନିଆଁରେ ପୋଡି ମାରିଦେବାକୁ ହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଏ ନେଇ ପୋଲିସ ନିଜଆଡୁ ନଂ.୧୨୭/୨୦ରେ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚାଲୁଥିବା ଆଇଓ ଏସ୍ଆଇ ରଶ୍ମିତା ନାୟକ କହିଛନ୍ତି। ଅନ୍ୟପଟେ ମହିଳାଙ୍କ ଶରୀରର ୯୦ଭାଗ ପୋଡ଼ିଯାଇ ଅବସ୍ଥା ସଂକଟାପର୍ଣ୍ଣ ଥିବା ଥାନାଧିକାରୀ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି। ଗୋବିନ୍ଦପୁରର ଅଜୟ ଜେନା ୫ବର୍ଷ ତଳେ କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳର ଲିଜାଙ୍କୁ ବିବାହ କରିଥିଲେ। ଯୌତୁକ କଥା ଓ ଅଜୟଙ୍କ ପିତାଙ୍କ ପେନ୍‌ସନ ଟଙ୍କାକୁ ନେଇ ଘରେ ଅଶାନ୍ତି ଲାଗିରହିଥିଲା। ବୁଧବାର କୌଣସି କାରଣକୁ ନେଇ ଦୁଇଭାଇଙ୍କ ମଧ୍ୟରେ ଝଗଡ଼ା ଲାଗି ହାତାହାତି ପର୍ଯ୍ୟନ୍ତ କଥାଯାଇଥିଲା। ସମାଧାନ ପାଇଁ ଅଜୟ ଗ୍ରାମବାସୀଙ୍କୁ ଡାକିବାକୁ ବାହାରକୁ ଯାଇଥିଲେ। ଘରେ ଲିଜା ଓ ତା'ର ୫ବର୍ଷର ଶିଶୁକନ୍ୟା ଏକୁଟିଆ ଥିଲେ। ଏହି ସମୟରେ ଲିଜାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଖବରପାଇ ଅଜୟ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଗୁରୁତର ଲିଜାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ତେବେ ଅଜୟ ବାହାରକୁ ଯାଇଥିବାବେଳେ ଦେଢ଼ଶୁର, ଯାଆ ଓ ଜଣେ ନଣନ୍ଦ ମିଶି ମୋ ଉପରେ କିରୋସିନ ଢାଳି ମାରିବାକୁ ଉଦ୍ୟମ କରିଥିବା ଲିଜା ପୋଲିସକୁ କହିଛନ୍ତି।

## ପୁରୀରେ ୨୨ ପଜିଟିଭ୍ ଚିହ୍ନଟ

**ପୁରୀ ଅଫିସ, ୨୩।୭**

ପୁରୀ ଜିଲାରେ କରୋନା ପଜିଟିଭଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଛି। ବୁଧବାର ଜିଲାରୁ ୨୮ ଓ ଗୁରୁବାର ୨୨ ଅର୍ଥାତ୍ ଦୁଇଦିନରେ ୫୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାର ମୋଟ ପଜିଟିଭ ସଂଖ୍ୟା ୪୬୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୩୪୧ ଜଣ ସୁସ୍ଥ ହୋଇଥିବାବେଳେ ୧୨୧ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। କରୋନାରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇଜଣଙ୍କ ମୃତ୍ୟୁ ଅନ୍ୟ ରୋଗ ପାଇଁ ହୋଇଥିବା ସୂଚନା ଦିଆଯାଇଛି।

## ଆଜି ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ବନ୍ଦ

**ନିଶ୍ଚିନ୍ତକୋଇଲି,୨୩।୭(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟରୁ ଜଣେ କନିଷ୍ଠଯନ୍ତ୍ରୀ ଓ କିରାଣି ପଜିଟିଭ ଚିହ୍ନଟ ହେବାପରେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟକୁ ବନ୍ଦ କରି ଦିଆଯାଇଛି। ବିଡିଓ କର୍ଣ୍ଣଦେବ ସମାଦ୍ଧାର ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ କାର୍ଯ୍ୟାଳୟକୁ ସାନିଟାଇଜ କରିଛନ୍ତି। ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ଶୁକ୍ରବାର ସ୍ୱାବ୍ ସଂଗ୍ରହ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବ୍ଲକରୁ ଗୁରୁବାର ୩ ପଜିଟିଭ ଚିହ୍ନଟ ହୋଇଛନ୍ତି। ୨ ଜଣ ବ୍ଲକ କାର୍ଯ୍ୟାଳୟ କର୍ମଚାରୀ ଓ ଜଣେ ନିଶ୍ଚିନ୍ତକୋଇଲି ପଞ୍ଚାୟତର ଓଥକା ଗ୍ରାମର ବୋଲି ଜଣାପଡିଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ନିଶ୍ଚନ୍ତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀ ସାପ୍ତାହିକ ହାଟ ଦିନ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଘୋଷଣା କରିଛନ୍ତି। ଏନେଇ କଟକ-ଚାନ୍ଦବାଲି ରାସ୍ତା ଓ ଗାଁର ମୁଖ୍ୟ ରାସ୍ତାରେ ପୋଲିସ ଯାଞ୍ଚ କଡାକଡ଼ି କରାଯାଇଛି।

# କଟକ ସହରରେ ଆଉ ୯୮ ଆକ୍ରାନ୍ତ

**କଟକ ଅଫିସ, ୨୩।୭**

କଟକ ଜିଲାରେ ଗୁରୁବାର ଆଉ ୧୨୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ପଜିଟିଭ ସଂଖ୍ୟା ୧୫୨୪ ଛୁଇଁଛି। କଟକ ସହରରେ ସର୍ବାଧିକ ୯୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ବିଡାନାସୀ ଅଞ୍ଚଳର ଜଣେ ୫ବର୍ଷର ଶିଶୁ ରହିଛନ୍ତି। ସେହିପରି ଡଗରପଡ଼ା ବଣିଆ ସାହିରୁ ୨୪, ବକ୍ସିବଜାର ବାସୁଲିସାହିରୁ ୨୨, ଶଙ୍କରପୁର ଦାସସାହିରୁ ୭, ସିଡିଏ ସେକ୍ଟର-୭ରୁ ୫, ଦୋଳମୁଣ୍ଡାଇରୁ ୬, ପୁରୁଣା ରାଉସା ପାଟଣାରୁ ୩, ଜଗତପୁରରୁ ୩, ଗୋପାଳପୁର ସଙ୍ଗରୋଧ କେନ୍ଦ୍ର ଏବଂ ଉପର ତେଲେଙ୍ଗା ବଜାରରୁ ୨ଜଣ ଲେଖାଏ, ଫତିନାବାଗ, ସିଡିଏ ସେକ୍ଟର-୯, ଏକ ନମ୍ବର ୱାର୍ଡ ଅନ୍ତର୍ଗତ ବାଉରୀ ସାହି, ପ୍ରତାପନଗରୀ, କାଳୀଗଳି, ଚାନ୍ଦିନୀଚୌକ, ରାଣୀହାଟସ୍ଥିତ ଏକ ଘରୋଇ ହସ୍ପିଟାଲ, ବୋଷ ସଙ୍ଗରୋଧ କେନ୍ଦ୍ର, ଆଲିଶା ବଜାର, ବଜ୍ରକବାଟୀ ରୋଡ, ଓଡ଼ିଆ ବଜାର ଏବଂ ପେଡ୍ କ୍ୱାରାଣ୍ଟାଇନ୍‌ରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଦେୱାନ ବଜାର ଅଞ୍ଚଳର ଜଣେ ପଜିଟିଭଙ୍କ ମୃତ୍ୟୁ ଘଟିଛି। ଜିଲାରେ ନିଆଳିରୁ ୨୮, ନିଶ୍ଚିନ୍ତକୋଇଲିରୁ ୩ ଓ ବଡମ୍ବାରୁ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ସିଏମ୍‌ସିର ଜଣେ ଅଧିକାରୀ ପଜିଟିଭ

ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗର ଜଣେ ଅଧିକାରୀ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଫଳରେ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ଭୟ ବଢିଛି। ସେ କେଉଁ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଛନ୍ତି ସେ ନେଇ ଏବେ ସୁଦ୍ଧା ସ୍ପଷ୍ଟ ହୋଇପାରିନାହିଁ।

### ଘରେ ରହି ଚିକିତ୍ସିତ ହେବେ କରୋନା ଆକ୍ରାନ୍ତ

ଏଣିକି ଚିହ୍ନଟ କରୋନା ଆକ୍ରାନ୍ତ ନିଜ ଘରେ ରହି ଚିକିତ୍ସିତ ହୋଇପାରିବେ। ଏନେଇ ଗୁରୁବାର କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ନିର୍ଦ୍ଦେଶାନାମା ପ୍ରକାଶ ପାଇବା ସହ ଗାଇଡଲାଇନ ଜାରି କରାଯାଇଛି। ଯେଉଁ କରୋନା ଆକ୍ରାନ୍ତ ଲକ୍ଷଣହୀନ, ସାମାନ୍ୟ ଲକ୍ଷଣଯୁକ୍ତ ଅଥବା ଅସୁସ୍ଥ ଅନୁଭବ କରୁ ନ ଥିବେ ସେମାନେ ନିଜ ଘରେ ରହି ଚିକିତ୍ସିତ ହୋଇପାରିବେ। ସେମାନଙ୍କୁ ହୋମ୍ ଆଇଶୋଲେସନ ପାଇଁ ଅନୁମତି ଦିଆଯିବ। ଆଇସୋଲେଶନ ପାଇଁ ବ୍ୟକ୍ତିଗତ ରୁମ୍, ପାଇଖାନା ବ୍ୟବସ୍ଥା ବାଧ୍ୟତାମୂଳକ। ଏହାଛଡ଼ା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମସ୍ତ ନିର୍ଦ୍ଦେଶନାମାକୁ ପାଳନ କରିବା ଜରୁରୀ। ରାପିଡ୍ ରେସ୍‌ପନ୍ସ ଟିମ ଉପରୋକ୍ତ ସମସ୍ତ ସୁବିଧା ଅଛି କି ନାହିଁ ତଦାରଖ କରିବେ। ୱାର୍ଡ ଅଫିସର ଓ ସେକ୍ଟର ଅଫିସରଙ୍କ ସହ ଆଲୋଚନା ପରେ ସ୍ଥିତି ଅନୁଧ୍ୟାନ କରି ରୋଗୀଙ୍କୁ ହୋମ ଆଇସୋଲେଶନ ପାଇଁ ଅନୁମତି ଦିଆଯିବ। ଏ ନେଇ ଆକ୍ରାନ୍ତଙ୍କଠାରୁ ଲିଖିତ ଅନୁମତି ନିଆଯିବ। ସମ୍ପୃକ୍ତ ଘର ଆଗରେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ବୋଲି ଲେଖାଯିବ। ୱାର୍ଡସ୍ତରୀୟ କମିଟି ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବ। ସିଏମ୍‌ସି କିମ୍ବା ୧୦୪ ହେଲ୍ପଲାଇନ ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ। ଗାଇଡଲାଇନ ଉଲ୍ଲଂଘନ କଲେ ହୋମ ଆଇସୋଲେଶନ ଅନୁମତି ରଦ୍ଦ କରାଯିବ।




# ଡୋପିଂ: ମନଙ୍ଗୋଇ ସସ୍‌ପେଣ୍ଡ

**ମୋନାକୋ, ୨୩।୭ (ଏପି):** ଡୋପ୍ ଟେଷ୍ଟ ପାଇଁ ହାଜର ହୋଇ ନ ଥିବାରୁ ପୂର୍ବତନ ୧,୫୦୦ ମିଟର ବିଶ୍ୱଚାମ୍ପିୟନ ଇଲିଜା ମନଙ୍ଗୋଇ ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। କେନିଆର ଏହି ଆଥଲେଟ୍ 'ହୋୟାରଏବାଉଟ୍ସ' ନିୟମ ଉଲ୍ଲଂଘନ କରିଥିବାରୁ ଏହି ପଦକ୍ଷେପ ନିଆଯାଇଥିବା ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍(ଏଆଇୟୁ) କହିଛି। ଡୋପ୍ ଟେଷ୍ଟ ପାଇଁ ସାମ୍ପଲ ସଂଗ୍ରହ ବେଳେ ୨୦୧୭ ବିଶ୍ୱ ଟାଇଟଲ ହାସଲ କରିଥିବା ମନାଙ୍ଗୋଇ କାହିଁକି ଉପଲବ୍ଧ ହେଲେ ନାହିଁ ତାହାର ତଦନ୍ତ ହେଉଛି। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା)ର ନିୟମାନୁସାରେ ଏଲିଟ୍ ଆଥଲେଟମାନେ ସେମାନଙ୍କ ଅବସ୍ଥିତି ସମ୍ପର୍କରେ ଦୈନିକ ରିପୋର୍ଟ କରିବା ବିଧେୟ। ଯାହାଫଳରେ ଯେକୌଣସି ସମୟରେ ତାଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇ ପାରିବ। ହୋୟାରଏବାଉଟ୍ସ ନିୟମ ଉଲ୍ଲଂଘନ କରି ପୂର୍ବରୁ ଗତବର୍ଷ ୧୦୦ ମିଟର ଟାଇଟଲ ଜିତିଥିବା ଆମେରିକା ସ୍ପ୍ରିଣ୍ଟର ଖ୍ରିଷ୍ଟିଆନ କୋଲ୍‌ମ୍ୟାନ ଏବଂ ବାହାରିନ୍‌ରେ ୪୦୦ ମିଟର ସ୍ୱର୍ଣ୍ଣ ଜିତିଥିବା ନାଇଜେରିଆ ଜନ୍ମିତ ସାଲୱା ଇଦ୍ ନାସେର୍ ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ଉଭୟଙ୍କ ବିରୋଧରେ ଏଆଇୟୁ ପକ୍ଷରୁ ତଦନ୍ତ ଚାଲିଛି। ଯେଉଁଆଥଲେଟମାନେ ୧୨ ମାସ ମଧ୍ୟରେ ୩ଥର ଉପଲବ୍ଧ ହେବେ ନାହିଁ ସେମାନେ ଦୁଇବର୍ଷ ବାସନ୍ଦ ଦଣ୍ଡର ସମ୍ମୁଖୀନ ହୋଇପାରନ୍ତି।

# ନ୍ୟୁଜିଲାଣ୍ଡ ଏ'ର ଭାରତ ଗସ୍ତ ବାତିଲ

**ନୂଆଦିଲ୍ଲୀ, ୨୩।୭(ପି.ଟି.):** କୋଭିଡ୍-୧୯ ମହାମାରୀ କାରଣରୁ ନ୍ୟୁଜିଲାଣ୍ଡ-ଏ' ଦଳର ଭାରତ ଗସ୍ତ ମଧ୍ୟ ବାତିଲ ହୋଇଛି। ଏ ନେଇ ନ୍ୟୁଜିଲାଣ୍ଡ କ୍ରିକେଟ ମୁଖପାତ୍ର ରିଚାର୍ଡ ବୁକ୍ କହିଛନ୍ତି। ପୂର୍ବରୁ ମଧ୍ୟ ଏହି ଗସ୍ତ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଉଭୟ ଦେଶର କ୍ରିକେଟ ବୋର୍ଡ ମିଳିତ ଭାବେ ଏହି ଗସ୍ତ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ବୁକ୍ କହିଛନ୍ତି। ତେବେ ଭାରତୀୟ ପୁରୁଷ ଦଳର କାର୍ଯ୍ୟସୂଚୀରେ କୌଣସି ପରିବର୍ତ୍ତନ ହେବନାହିଁ। ଭାରତ ଅଷ୍ଟ୍ରେଲିଆ ଗସ୍ତ ଓ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜ ପ୍ରଭାବିତ ହେବ ନାହିଁ। ତେବେ ଭାରତ ଏ'ର ୪ଟି ସିରିଜ (ହୋମ ଓ ଆୱେ) ବାତିଲ ହେବ କିମ୍ବା ଘୁଞ୍ଚାଯିବା ସମ୍ଭାବନା ରହିଛି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ